ବର୍ଷ-୨୫, ସଂଖ୍ୟା-୨୮୧
ଭୁବନେଶ୍ୱର
୨୩, ଅକ୍ଟୋବର, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 281
Bhubaneswar
23, October, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ହୃଦ୍‌ଘାତରେ ସିଙ୍ଗର ଋଷଭଙ୍କ ମୃତ୍ୟୁ

## ପୋଲିସ ଏସ୍‌ଆଇ ସ୍କାମ୍‌ର ତଦନ୍ତ କରିବ ସିବିଆଇ

**ଭୁବନେଶ୍ୱର,୨୨।୧୦(ମହାଭାରତ):** ବହୁ ଚର୍ଚ୍ଚିତ ପୋଲିସ ସବ୍ ଇନ୍‌ସପେକ୍ଟର ନିଯୁକ୍ତି ପରୀକ୍ଷାର ତଦନ୍ତ ଭାର ସି.ବି.ଆଇ କୁ ଅର୍ପଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତି ଗ୍ରହଣ କରିଛନ୍ତି ।

ଓଡିଶା ପୋଲିସ ସବ୍ ଇନ୍ ସପେକ୍ଟର ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଅଭିଯୋଗ ହୋଇଥିଲା । ଏହାର ତଦନ୍ତ ଭାର କ୍ରାଇମବ୍ରାଂଚ ସି.ଆଇ.ଡିକୁ ଦିଆଯାଇଛି । ବର୍ତମାନ ପର୍ଯ୍ୟନ୍ତ ହୋଇଥିବା ଅନୁସନ୍ଧାନରୁ ଜଣାଯାଇଛି ଯେ ଏହି ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପି ଥାଇପାରେ । ଏହା ସହିତ ଏହି ଦୁର୍ନୀତିରେ ଆନ୍ତ-ରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସଂପୃକ୍ତି ଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି । ଏସବୁକୁ ଦୃଷ୍ଟିରେ ରଖି, ଏହି ଦୁର୍ନୀତିର ସଂପୂର୍ଣ୍ଣ ପର୍ଦ୍ଦାଫାସ୍ କରିବା ପାଇଁ ଏବଂ ଏଥିରେ ସଂପୃକ୍ତ ସମସ୍ତ ଅପରାଧୀ ମାନଙ୍କୁ ଆଇନ ପରିସରକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ



### ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ

ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ସଂସ୍ଥା ସି.ବି.ଆଇ କୁ ଦେବା ପାଇଁ ନିର୍ଣ୍ଣୟ କରିଛନ୍ତି ।ଏହାଛଡା ପୋଲିସ ଏବଂ ଅନ୍ୟାନ୍ୟ ପୋଷାକଧାରୀ ସେବାରେ କର୍ମଚାରୀ ଚୟନ ପାଇଁ ଏକ ସ୍ଥାୟୀ ଆୟୋଗ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ମାଝୀଙ୍କ ନିଷ୍ପତ୍ତି ଅନୁସାରେ ଏହାଛଡା ପୁଲିସ ଏବଂ ଅନ୍ୟାନ୍ୟ ପୋଷାକଧାରୀ ସେବାରେ କର୍ମଚାରୀ ଚୟନ ପାଇଁ ଏକ ସ୍ଥାୟୀ ଆୟୋଗ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି। ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି) ଦ୍ୱାରା ପ୍ରସ୍ତୁତ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ଘଟଣାରେ ମାଷ୍ଟରମାଇଣ୍ଡ ତଥା ପଞ୍ଚସଫ୍ଟ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡର ମାଲିକ ଗଞ୍ଜାମ ଜିଲ୍ଲାର ଶଙ୍କର ପୃଷ୍ଟିର ପତ୍ତା ମିଳୁନଥିବା ବେଳେ ଗିରଫ ୪ ଜଣଙ୍କ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଅନେକ ତଥ୍ୟ ହାସଲ କରିଛି ।

### ପୀତବାସ ପଣ୍ଡା ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ବିଜେଡି ନେତା ବିକ୍ରମ ପଣ୍ଡା, ବ୍ରହ୍ମପୁର ପୂର୍ବତନ ମେୟର ଗିରଫ

**ବ୍ରହ୍ମପୁର,୨୨।୧୦(ମହାଭାରତ):** ବ୍ରହ୍ମପୁରର ଜଣାଶୁଣା ଓକିଲ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାଶ ହୋଇଛି । ବ୍ୟକ୍ତିଗତ, ଆର୍ଥିକ ଓ ରାଜନୀତିକ ଶତ୍ରୁତା ପାଇଁ ଏଭଳି ଜଘନ୍ୟ କାଣ୍ଡ ହୋଇଛି । ଏନେଇ ୫୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା । ସେପ୍ଟେମ୍ବର ୧୪ରୁ ହତ୍ୟାକାଣ୍ଡ ପାଇଁ ଷଡ଼ଯନ୍ତ୍ରକାରୀମାନେ ଯୋଜନା କରିଥିଲେ । ଏହି ହତ୍ୟା ପଛର ମୁଖ୍ୟ ଷଡ଼ଯନ୍ତ୍ରକାରୀ ହେଉଛନ୍ତି ବିଜେଡିର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବଶଙ୍କର ଦାସ ଓରଫ ପିଣ୍ଟୁ ଦାସ । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଖୁଲାସା କରିଛନ୍ତି ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକ ଏମ୍ ।

ଏହି ମାମଲାରେ ବ୍ରହ୍ମପୁର ପୁଲିସ ଆଜି ବିକ୍ରମ ପଣ୍ଡା ଓ ଶିବଶଙ୍କର ଦାସ ଓରଫ ପିଣ୍ଟୁ ଦାସଙ୍କ ସମେତ ମୋଟ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନେ ହେଉଛନ୍ତି, ଚିଣ୍ଟୁ ପ୍ରଧାନ (ହତ୍ୟାକାଣ୍ଡ ଘଟିବା ବେଳେ ଶୁଟରକୁ ବାଇକରେ ନେଇ ଯାଇଥିଲା), ବିପିନ ସ୍ୱାଇଁ, ସୀମାଞ୍ଚଳ ନାୟକ, ଶିଶୁପାଳ କୁମାର ପାଶ୍ୱାନ (ବିହାରୀ ଶାର୍ପ ଶୁଟର), କୁନ୍ଦନ କୁମାର (ବିହାରୀ ଶାର୍ପ ଶୁଟର), ଯୋଗେନ୍ଦ୍ର ରାଉତ, କର୍ପୋରେଟର ମଳୟ ବିଷୋୟୀ, ବିକ୍ରମଙ୍କ ନିକଟତମ ସହଯୋଗୀ ମଦନ ମୋହନ ଦଳେଇ, ରାଜେନ୍ଦ୍ର କୁମାର ସାହୁ (ହତ୍ୟାକାଣ୍ଡରେ ବ୍ୟବହୃତ ବାଇକକୁ ଖଣ୍ଡ ଖଣ୍ଡ କରି କାଟି ଦେଇଥିବା କବାଡ଼ି ବାଲା), କାଲୁ ଚରଣ ଭୂୟାଁ ଓରଫ କାଲୁ (ଯିଏ ସବୁ ଜାଣି ଉମା ବିଷୋୟୀ ଓ କୁରୁପତି ଭୂୟାଁଙ୍କୁ ଆଶ୍ରୟ ଦେଇଥିଲେ) । ପିଣ୍ଟୁ ଦାସ ନାଁରେ ପୂର୍ବରୁ ୩୮ଟି ମାମଲା ରହିଥିବା ବେଳେ କୁରୁପତି ଭୂୟାଁ (ପୀତବାସଙ୍କ ଉପରକୁ ଗୁଳି କରିଥିବା ଶାର୍ପ ଶୁଟର) ନାଁରେ ୩ଟି ମାମଲା ରହିଛି ।

ଗୁଳି କରିଥିବା ଶାର୍ପ ଶୁଟର କୁରୁପତି ଭୂୟାଁ ଏବେବି ଫେରାର ଅଛି । ତା ସହିତ ଉମା ବିଷୋୟୀ ଓ ବିକ୍ରମ ପଣ୍ଡାଙ୍କ ବିଜ୍‌ନେସ ପାର୍ଟନର ସୁଦର୍ଶନ ଜେନା ଫେରାର ଅଛନ୍ତି । ସେମାନଙ୍କୁ ପୁଲିସ ଧରିବା ପାଇଁ ପ୍ରୟାସ ଜାରି ରଖିଛି । ଏହି ତିନି ଜଣଙ୍କ ବ୍ୟତୀତ ଏହି ହତ୍ୟାକାଣ୍ଡରେ ବ୍ରହ୍ମପୁରର ଆଉ କିଛି କର୍ପୋରେଟରଙ୍କ ସଂପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି ସେ ଦିଗରେ ତଦନ୍ତ ଜାରି ରହିଛି ବୋଲି ବ୍ରହ୍ମପୁର ଏସ୍‌ପି କହିଛନ୍ତି ।

ବ୍ରହ୍ମପୁର ଏସ୍‌ପି କହିଛନ୍ତି ଯେ ପୀତବାସ ପଣ୍ଡାଙ୍କୁ ହତ୍ୟା କରିବା ପାଇଁ ଏକ ଟିମ୍ ଗତ ସେପ୍ଟେମ୍ବର ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁରରେ ଡେରା ପକାଇଥିଲା । ଏହି ଟିମ୍‌ରେ ୨ ଜଣ ବିହାରୀ ଶୁଟର (ଶିଶୁପାଲ କୁମାର ପାଶ୍ୱାନ ଓ କୁନ୍ଦନ କୁମାର) ଥିଲେ ଉମା



ବିଷୋୟୀ ସେମାନଙ୍କୁ ଆଣିଥିଲା । ଉମା ବିଷୋୟୀ ଜଣେ ଆଣ୍ଟି ସୋଶିଆଲ । ତାର ସହଯୋଗୀ ଯୋଗୀ ଓରଫ ଯୋଗେନ୍ଦ୍ର ରାଉତ ପଶ୍ଚିମବଙ୍ଗରେ ରହୁଥିବା ହିଞ୍ଜିଳି ଅଞ୍ଚଳର ବିପିନ ସ୍ୱାଇଁଙ୍କୁ ଡାକିଥିଲା । ବିପିନ ସ୍ୱାଇଁ କିଛି ଶୁଟରଙ୍କୁ ଜାଣିଥିଲା । ସୀମାଞ୍ଚଳ ନାୟକ ନାମକ ଜଣେ ବ୍ୟକ୍ତିଙ୍କୁ ସେମାନେ ଯୋଗାଯୋଗ ପାଇଁ ଡାକିଥିଲେ । ଯୋଗେନ୍ଦ୍ର ରାଉତ, ବିପିନ ସ୍ୱାଇଁ ଓ ୨ ଶୁଟର ଅଲକାପୁରୀରେ ଏକ ଭଡ଼ା ଘରେ ରହିଥିଲେ । ସେପ୍ଟେମ୍ବର ୧୦ ରୁ ୧୪ ତାରିଖ ପର୍ଯ୍ୟନ୍ତ ଶୂନ୍ୟଚନ୍ଦ୍ର ଦାସଙ୍କ ଘରେ ସେମାନେ ଭଡ଼ାରେ ରହିଥିଲେ । କର୍ପୋରେଟର ମଳୟ ବିଷୋୟୀଙ୍କ ନିର୍ଦ୍ଦେଶରେ ସେ ଏହି ୪ ଜଣଙ୍କୁ ଘରେ ରଖିଥିଲେ ବୋଲି କହିଛନ୍ତି ।

ଶୂନ୍ୟଚନ୍ଦ୍ର ଦାସଙ୍କର ଏହି ମାମଲାରେ କିଛି ସଂପୃକ୍ତି ନାହିଁ । ଏହି ୪ ଜଣ ମେଡିକାଲ କାମରେ ଆସିଥିଲେ ବୋଲି ତାଙ୍କୁ କୁହାଯାଇଥିଲା । ତେବେ ଦୁଇ ଜଣ ବିହାରର ହୋଇଥିବାରୁ ତାଙ୍କର ସନ୍ଦେହ ହୋଇଥିଲା । ତେଣୁ ଶୂନ୍ୟଚନ୍ଦ୍ର ଦାସ ପୁଣି ଥରେ ମଳୟ ବିଷୋୟୀଙ୍କୁ ଏ ବିଷୟରେ ପଚାରିଥିଲେ । ଏମ୍‌କେସିଜିରେ ସେମାନେ ଦେଖାଇବାକୁ ଆସିଛନ୍ତି ବୋଲି ମଳୟ କହିଥିଲେ । କିନ୍ତୁ ଶୂନ୍ୟଚନ୍ଦ୍ର ଦାସ ଯେତେବେଳେ ଭଡ଼ାଟିଆଙ୍କୁ ପଚାରିଲେ ସେମାନେ କହିଥିଲେ ଯେ ଏକ ଘରୋଇ ହସ୍‌ପିଟାଲରେ ଦେଖାଇବାକୁ ଆସିଛନ୍ତି । ତେଣୁ ତାଙ୍କର ସନ୍ଦେହ ହୋଇଥିଲା । ତେବେ ମଳୟ ବିଷୋୟୀ କହିଥିବାରୁ ସେ ଆଉ କିଛି କହି ନଥିଲେ ।

ଶୁଟରଙ୍କ ଖାଇବା ପିଇବା ଓ ସେମାନଙ୍କୁ ଗାଡ଼ି ଯୋଗାଇବା ବ୍ୟବସ୍ଥା କରିଥିଲେ ଯୋଗୀ ରାଉତ ଓ ଉମା ବିଷୋୟୀ । ବିହାରୀ ଶୁଟର ଦ୍ୱୟ ପୀତବାସ ପଣ୍ଡାଙ୍କ ଘରର ଦେଖିଥିଲେ । କେଉଁ ରାସ୍ତାରେ ସେ ଯାଆସ କରନ୍ତି, ତାହା ଦେଖିଥିଲେ ।ମାରିସାରିବା ପରେ କେଉଁ ରାସ୍ତାରେ ଖସିଯିବେ, ତାର ବି ପ୍ଲାନ୍ କରିଥିଲେ । ପୀତବାସଙ୍କୁ ମାରିବା ପାଇଁ ଶୁଟର ଦ୍ୱୟ ୧୦ ଲକ୍ଷ ଟଙ୍କାର ଡିଲ୍ କରିଥିଲେ । ସେମାନେ କିଛି ଟଙ୍କା ଅଗ୍ରୀମ ନେଇଥିଲେ । ୧୪ ତାରିଖରେ ସେମାନେ ପୀତବାସ ପଣ୍ଡାଙ୍କୁ ହତ୍ୟା କରିଥାନ୍ତେ । କିନ୍ତୁ ବିହାରରୁ ଆସିଥିବା ଏହି ଦୁଇ ଶୁଟରଙ୍କ ମଧ୍ୟରୁ ଜଣଙ୍କର ମେଡିକାଲ ଏମର୍ଜେନ୍ସୀ ପଡ଼ିଗଲା । ତା ସ୍ତ୍ରୀର ଆବର୍ସନ ହୋଇଥିଲା । ସେଥିପାଇଁ ସେ ସଙ୍ଗେ ସଙ୍ଗେ ପଳେଇଥିଲା । ତେଣୁ ଯୋଜନା ଅନୁଯାୟୀ ସେହି ଦିନ ପୀତବାସଙ୍କୁ ସେମାନେ ମାରିପାରି ନଥିଲେ । ଏସ୍‌ପି କହିଛନ୍ତି ଯେ ପ୍ରଥମ ଉଦ୍ୟମ ବିଫଳ ହେବା ପରେ ଉମା ବିଷୋୟୀ ଏକ ନୂଆ । ଟିମ୍ ଗଠନ କରିଥିଲା । ଏଥର ବିହାରୀ ଶୁଟର ବଦଳରେ ଲୋକାଲ ଶୁଟରଙ୍କୁ କାମରେ ଲଗାଯାଇଥିଲା । ନିଜ ଘର ବନ୍ତପଲିରୁ ୨ ଜଣ ପିଲାଙ୍କୁ ଠିକ୍ କଲା । ସେମାନେ ହେଉଛନ୍ତି କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ । ଚିଣ୍ଟୁ ବେଙ୍ଗାଲୁରୁରେ କାମ କରୁଥିଲା । ସେ ବସ୍‌ରେ ଆସିଥିଲା ବ୍ରହ୍ମପୁର ବସ୍‌ଷ୍ଟାଣ୍ଡରେ ଓହ୍ଲାଇଥିଲା । କୁରୁପତି ଗାଁରେ ଥିଲା । ଏହି ଦୁଇ ଜଣ ପୀତବାସ ପଣ୍ଡାଙ୍କ ଘରଠାରୁ ୨୦୦ ମିଟର ଦୂରରେ ବ୍ୟାଚଲରଙ୍କ ପାଇଁ ଉଦ୍ଦିଷ୍ଟ ଏକ ଘରେ ରହିଥିଲେ । ସେଠାରେ ରହି ସେମାନେ ରେକି କରିଥିଲେ । ଯୋଗୀ ରାଉତ ଓ ଉମା ବିଷୋୟୀ ସେମାନଙ୍କୁ ୮ ଲକ୍ଷ ଟଙ୍କା ଦିଆଯିବ ବୋଲି କହିଥିଲେ । ଯିଏ ଗୁଳି ମାରିବେ ତାଙ୍କୁ ୫ ଲକ୍ଷ ଓ ଯିଏ ଗାଡ଼ି ଚଲାଇବେ ତାଙ୍କୁ ୩ ଲକ୍ଷ ଟଙ୍କା ଦିଆଯିବ ବୋଲି ସେମାନଙ୍କୁ କୁହାଯାଇଥିଲା । କୁରୁପତି ଭୟାଁ ଗୁଳି କରିବ ବୋଲି ନିଷ୍ପତ୍ତି ହୋଇଥିଲା । ଚିଣ୍ଟୁ ପ୍ରଧାନ ଗାଡ଼ି ଚଲାଇବ ବୋଲି କହିଥିଲା ଏତିକିରେ ଡିଲ୍ ହୋଇଥିଲା ।

### ୧୨ ଜଣ ଗିରଫ, ସେପ୍ଟେମ୍ବରରୁ ହୋଇଥିଲା ଯୋଜନା

୬ ତାରିଖ ରାତିରେ ଘଟଣା ଘଟିବା ପୂର୍ବରୁ କୁରୁପତି ଓ ଚିଣ୍ଟୁଙ୍କୁ ସେଠାରୁ ନେଇ ଅଲକାପୁରୀରେ ଶୂନ୍ୟଚନ୍ଦ୍ର ଦାସଙ୍କ ଘର ପାଖରେ ଥିବା ଏକ ପରିତ୍ୟକ୍ତ ଘରେ ସମସ୍ତେ ପହଞ୍ଚିଥିଲେ । ଉଭୟଙ୍କୁ ଗାଡ଼ି, ବନ୍ଧୁକ, ନୂଆ ପୋଷାକ ଓ ଜୋତା ଦିଆଯାଇଥିଲା । ଏହା ପରେ ଦୁଇଟି ବନ୍ଧୁକ ଧରି କୁରୁପତି ଓ ଚିଣ୍ଟୁ ଫାୟାର କରିବାକୁ ପ୍ରସ୍ତୁତ ହୋଇଯାଇଥିଲେ । ଚିଣ୍ଟୁ ଗାଡ଼ି ଚଲାଇଲା କୁରୁପତି ଭୂୟାଁ ଗାଡ଼ି ପଛରେ ବସିଥିଲେ । ପୀତବାସଙ୍କ ଘରର ଛକ ପାଖରେ ସେମାନେ ଗାଡ଼ି ରଖିଦେଲେ । ଯେତେବେଳେ ପୀତବାସ ପଣ୍ଡା ଆସିଲେ, ୧୦ଟା ୧ରେ ସେମାନେ ଫାୟାର କରିଥିଲେ ।ସେମାନେ ପ୍ରଥମେ ପୀତବାସ ପଣ୍ଡାଙ୍କୁ ଅଟକାଇ ନାଁ ଧରି ଆଜ୍ଞା ନମସ୍କାର ବୋଲି କହିଥିଲେ । ସେମାନେ କିଏ ବୋଲି ପୀତବାସ ପଣ୍ଡା ପଚାରିଥିଲେ । ତେଣୁ ଶୁଟରମାନେ ନିଶ୍ଚିତ ହୋଇଗଲେ ଯେ ସେ ପୀତବାସ ପଣ୍ଡା ତାପରେ ସେମାନେ ତାଙ୍କ ଉପରକୁ ଗୁଳି କରିଥିଲେ । ଗୁଳିମାଡ଼ ପରେ ପୀତବାସ ଗାଡ଼ି ସହିତ ପଡ଼ି ଯାଇଥିଲେ । ଏହା ପରେ କୁରୁପତି ଗାଡ଼ି ଓହ୍ଲାଇ ପୁଣି ଗୁଳି କରିଥିଲା । ଚିଣ୍ଟୁ ଗାଡ଼ିରେ ବସିଥିଲା । ତାପରେ ସେମାନେ ସେଠାରୁ ଫେରାର ହୋଇଯାଇଥିଲେ । ଶୀତଳାପଲ୍ଲୀର ଗୋଟିଏ ସ୍ଥାନରେ କୁରୁପତି ଓ ଚିଣ୍ଟୁ ସେମାନଙ୍କ ପିନ୍ଧା ପୋଷାକ, ବୁଟ୍ ଓ ହେଲ୍‌ମେଟ୍ ଖୋଲି ଦେଇଥିଲେ । ସେମାନେ ଅଲଗା ପୋଷାକ (ପୃ-୮ ଦେଖନ୍ତୁ)

## କମ୍ ରହିବ ଲଘୁଚାପ ପ୍ରଭାବ

ଭୁବନେଶ୍ୱର, ୨୨।୧୦(ମହାଭାରତ): ଏସଆରସି ଏବଂ ପାଣିପାଗ ବିଭାଗ ଅଧିକାରୀଙ୍କ ସହ ଆଲୋଚନା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି ସାରିଲାଣି । ଧିରେ ଧିରେ ତାହା ଘନୀଭୂତ ହେଉଛି । ଘନୀଭୂତ ହେବା ପରେ



ଲଘୁଚାପ ପଶ୍ଚିମ ଉତର ପଶ୍ଚିମ ମୁହାଁ ହୋଇଛି । ଯାହା ଆଶଙ୍କା କରାଯାଉଛି ଏହା ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବ । ପରେ ତାମିଲନାଡୁ ଉତରାଂଚଳ ଏବଂ ଆନ୍ଧ୍ର ଦକ୍ଷିଣାଂଚଳ ଆଡକୁ ମୁହାଁଇବ । ଆସନ୍ତାକାଲିଠାରୁ ଆନ୍ଧ୍ର ପ୍ରଦେଶ ତାମିଲନାଡୁରେ ବର୍ଷା ଆରମ୍ଭ ହେବ । ଓଡିଶା ଉପକୂଳରେ ମଧ୍ୟ ତାର ଟିକେ ପ୍ରଭାବ ରହିବ । କିନ୍ତୁ ଓଡିଶାବାସୀ ବ୍ୟସ୍ତ ହୁଅନ୍ତୁ ନାହିଁ । ପ୍ରଭାବ କମ ରହିବ । କିଛି ଜାଗାରେ ବର୍ଷା ପବନ ହୋଇପାରେ । ବଜ୍ରପାତ ହେବାର ସମ୍ଭାବନା ଥିବାରୁ ସତର୍କ ରୁହନ୍ତୁ । ପ୍ରଭାବ କମ ରହିଲେ ବି ବିଭାଗ ପ୍ରସ୍ତୁତ ଅଛି । ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଶେଷ ହୋଇଛି ବୋଲି କହିଛନ୍ତି ସୁରେଶ ପୂଜାରୀ ।

ଦକ୍ଷିଣ ଆଣ୍ଡାମାନରେ ଆଉ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଯାହାର ପ୍ରଭାବରେ ୨୪ ତାରିଖରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ପୂର୍ବ ଦିଗରୁ ପବନ ରାଜ୍ୟକୁ ପ୍ରବେଶ କରୁଥିବାରୁ ବଙ୍ଗୋପସାଗର ଜଳିୟବାଷ୍ପ ଆସୁଛି । ଯାହାର ପ୍ରଭାବରେ ରାଜ୍ୟରେ ୭ ଦିନ ଧରି ବର୍ଷା ଜାରି ରହିବ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି ।

ସେ ଆହୁରି କହିଛନ୍ତି ଯେ ତାମିଲନାଡୁ ଉପକୂଳ ରେ ଏବେ ସ୍ପଷ୍ଟ ଚିହ୍ନିତ ଲଘୁଚାପ ସକ୍ରିୟ ରହିଛି । ୧୨ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବ । ଆସନ୍ତା ୧୨ ଘଂଟାରେ ତାମିଲନାଡୁ ପୁଡୁଚେରୀ ଓ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ଆଡ଼କୁ ମୁହାଁଇବ । ୨୪ରେ ଦକ୍ଷିଣ ଆଭ୍ୟନ୍ତରୀଣ ଓ ଉପକୂଳ ରେ ବର୍ଷାର ବିସ୍ତୃତି ବୃଦ୍ଧି ପାଇବ । ୨୫ ଓ ୨୬ ରେ ବି ବର୍ଷା ଜାରି ରହିବ । ୨୮ ଯାଏଁ ରାଜ୍ୟରେ ବର୍ଷା ହୋଇପାରେ ।

### ନୂଆପଡ଼ା ମଇଦାନରେ ୧୪ ପ୍ରାର୍ଥୀ

ନୂଆପଡ଼ା,୨୨।୧୦(ମହାଭାରତ): ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରେ ବୁଧବାର ପ୍ରାର୍ଥିପତ୍ର ଯାଞ୍ଚ ହୋଇଛି । ସମୁଦାୟ ୧୯ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ପ୍ରାର୍ଥିତ୍ୱ ନାକଚ ହୋଇଥିବା ପ୍ରାର୍ଥୀମାନେ ହେଲେ ବହୁଜନ ସମାଜ ପାର୍ଟିର ରାଜାରାମ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳରୁ ସୀତାରାମ ବେହେରା ଏବଂ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା, କମଲ କୁମାର ଛତ୍ରିଆ ଏବଂ ଭୁଜବଳ ଆଡ଼ବଙ୍ଗ । ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀ ଭାଜପାରୁ ଜୟ ଢୋଲକିଆ, ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ ଏବଂ କଂଗ୍ରେସରୁ ଘାସିରାମ ମାଝୀଙ୍କ ପ୍ରାର୍ଥିତ୍ୱ ବଳବତ୍ତର ରହିଛି । ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିରୁ ହେମନ୍ତ ତାଣ୍ଡି, ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନାଙ୍କ ସହ ୮ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଠିକ୍ ରହିଛି । ଆଜି ପ୍ରାର୍ଥିପତ୍ର ଯାଞ୍ଚ ସମୟରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ, ଭାପ୍ରସେ ଏବଂ ରିଟର୍ଣ୍ଣିଂ ଅଫିସର ସୁର୍ମି ସୋରେନ ଉପସ୍ଥିତ ଥିଲେ ।

## ପ୍ରାଥମିକ ଶିକ୍ଷାରେ ନୂଆ ପରୀକ୍ଷା ବ୍ୟବସ୍ଥା

ଭୁବନେଶ୍ୱର,୨୨।୧୦(ମହାଭାରତ): ଓଡ଼ିଶା ସରକାର ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆଣି ନୂଆ ପରୀକ୍ଷା ବ୍ୟବସ୍ଥା ଓ ମୂଲ୍ୟାୟନ ପ୍ରକ୍ରିୟା ଲାଗୁ କରିଛନ୍ତି । ଜାତୀୟ ଶିକ୍ଷା ନୀତି-୨୦୨୦ ଓ ଜାତୀୟ ପାଠ୍ୟକ୍ରମ ଢ଼ାଂଚ-୨୦୨୩ ଅନୁରୂପ ରାଜ୍ୟରେ ପଂଚମ ଓ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ଓ ମୂଲ୍ୟାୟନ(ଖାତା ଦେଖା) ପଦ୍ଧତି ପାଇଁ ବିସ୍ତୃତ ଗାଇଡଲାଇନ୍ ଜାରି କରିଛି ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ।

ଏହି ନୂଆ ବ୍ୟବସ୍ଥାରେ ପିଲାମାନେ କେବଳ ମୁଖସ୍ଥ ବା ଘୋଷା ପାଠକୁ ନଲେଖି ପ୍ରତ୍ୟେକ ବିଷୟକୁ ବୁଝିବା, ଚିନ୍ତା କରିବା ଓ ବାସ୍ତବ ଜୀବନରେ ଜ୍ଞାନର ପ୍ରୟୋଗ କରି ଦକ୍ଷତା ଆଧାରିତ ନିଜକୁ ଗଢ଼ିବା ଉପରେ ଗୁରୁତ୍ୱ ଦେବେ । ପିଲାମାନଙ୍କୁ ଘୋଷା ପାଠ ବା ମୁଖସ୍ଥ ପାଠ ବଦଳରେ ଦକ୍ଷତା ଆଧାରିତ ପରୀକ୍ଷା ପାଇଁ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ପରୀକ୍ଷାଗୁଡ଼ିକ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଅଗ୍ରଗତିକୁ ଯାଂଚ କରିବା ପାଇଁ ଏକ ଡାଇଗ୍ନୋଷ୍ଟିକ ଟୁଲ ଭାବେ କାର୍ଯ୍ୟ କରିବ । ଏହି ନୂତନ ଢାଞ୍ଚାର ମୂଲ୍ୟାୟନ ପ୍ରକ୍ରିୟା ଦ୍ୱାରା କେଉଁ ପିଲା କିଭଳି ଦୁର୍ବଳ ରହିଛି ତାହା ଚିହ୍ନଟ କରି ଶିକ୍ଷକମାନେ ସେହି ଆଧାରରେ ସେମାନଙ୍କୁ ଶିକ୍ଷା ଦେବା ପାଇଁ ଯୋଜନା କରିପାରିବେ ବୋଲି ଗାଇଡଲାଇନରେ ସରକାର ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି । ନୂଆ ନିୟମ ଅନୁସାରେ, ପଂଚମ ଓ ଅଷ୍ଟମ ଶ୍ରେଣୀ ପାଇଁ ପରୀକ୍ଷା ଢାଂଚାରେ ପରିବର୍ତ୍ତନ କରାଯାଇଛି । ପ୍ରତ୍ୟେକ ବିଷୟରେ ମୋଟ ୫୦ମାର୍କର ମୂଲ୍ୟାୟନ କରାଯିବ । ପଂଚମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ୧୦ମାର୍କର ମୌଖିକ ପରୀକ୍ଷା ଏବଂ ୪୦ ମାର୍କର ଲିଖିତ ପରୀକ୍ଷା ରହିବ । ଏଥିରେ ମୌଖିକ ପ୍ରଶ୍ନଗୁଡ଼ିକ ଅବଜେକ୍ଟିଭ ଟାଇପ (୧ ମାର୍କ ବିଶିଷ୍ଟ) ରହିବ । ସେହିପରି ଅଷ୍ଟମ ଶ୍ରେଣୀରେ କୌଣସି ମୌଖିକ ପରୀକ୍ଷା ରହିବ ନାହିଁ । ସମସ୍ତ ୫୦ମାର୍କ ସମ୍ପୂର୍ଣ୍ଣ ଭାବେ ଲିଖିତ ପରୀକ୍ଷା ଉପରେ ଆଧାରିତ ରହିବ ।

୫ମ ଓ ଅଷ୍ଟମ ଶ୍ରେଣୀ ପାଇଁ ପ୍ରଶ୍ନପତ୍ରର ଢାଞ୍ଚାକୁ ଏବେ ଦକ୍ଷତା ଆଧାରିତ ଭାବେ ପୁନଃବିକଶିତ କରାଯାଇଛି । ପ୍ରଶ୍ନପତ୍ରରେ ପ୍ରଥମ ସମେଟିଭ ଆସେସମେଂଟ(ଏସଏ୧) ପୂର୍ବରୁ ପଢ଼ାଯାଇଥିବା ବିଷୟବସ୍ତୁ ଉପରେ ୩୦ ପ୍ରତିଶତ ଗୁରୁତ୍ୱ ଓ ଏସଏ୧ ପରେ ପଢ଼ାଯାଇଥିବା ବିଷୟବସ୍ତୁ ଉପରେ ୭୦ପ୍ରତିଶତ ଗୁରୁତ୍ୱ ଦିଆଯିବ । ଏହାସହିତ ପ୍ରଶ୍ନପତ୍ରରେ କଠିନତା ସ୍ତରକୁ ସନ୍ତୁଳିତ ରଖିବା ପାଇଁ ସହଜ ପ୍ରଶ୍ନ-୩୦% , ଆଭରେଜ୍ ପ୍ରଶ୍ନ ୪୦ ପ୍ରତିଶତ ଓ କଠିନ ପ୍ରଶ୍ନ ୩୦% ରହିବ । ଉଭୟ ଶ୍ରେଣୀରେ ୩୦ ମାର୍କ(୬୦%) ସବଜେକ୍ଟିଭ ପ୍ରଶ୍ନ ରହିବ । ଯେଉଁଥିରେ ୫ ମାର୍କବିଶିଷ୍ଟ ଦୀର୍ଘ ଉତ୍ତର ଶୈଳୀ, ୩ମାର୍କର ସ୍ୱଳ୍ପ ଉତ୍ତର ଶୈଳୀ ଏବଂ ୨ମାର୍କର ଅତି ସ୍ୱଳ୍ପ ଉତ୍ତର ଶୈଳୀର ପ୍ରଶ୍ନ ସାମିଲ ଅଛି । ବାକି ୨୦ ମାର୍କ (୪୦%) ଅବଜେକ୍ଟିଭ ପ୍ରଶ୍ନ(୧ମାର୍କ ବିଶିଷ୍ଟ) ରହିବ । ଏଭଳି ପ୍ରଶ୍ନ ଶୈଳୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଶୀଘ୍ର ଉତ୍ତର ଦେବାର ଦକ୍ଷତାର ମୂଲ୍ୟାୟନ କରାଯିବ । ଏ

## ଜୈଶ-ଇ-ମହମ୍ମଦର 'ଜିହାଦି କୋର୍ସ'

ନୂଆଦିଲ୍ଲୀ,୨୨।୧୦(ମହାଭାରତ): ଜାତିସଂଘ ଦ୍ୱାରା ଆତଙ୍କୀ ସଂଗଠନ ଘୋଷିତ ହୋଇଥିବା ପାକିସ୍ତାନ ଜୈଶ-ଇ-ମହମ୍ମଦ ନିଜର ମହିଳା ବ୍ରିଗେଡ୍ ତିଆରି କରୁଛି । ଆତଙ୍କୀ ସଂଗଠନ ଫଣ୍ଡ ଜମା କରିବା ଓ ନିଯୁକ୍ତି ପାଇଁ ଅନଲାଇନ୍ କୋର୍ସ ଆରମ୍ଭ କରିଛି । ଯାହାକୁ ତୁଫତ ଅଲ୍ ମୁନିନତ୍ ନାଁ ଦିଆଯାଇଛି । ଏହି କୋର୍ସର ଅଂଶ ରୂପରେ ଜୈଶ ନେତାଙ୍କ ପରିବାରର ମହିଳା ସଦସ୍ୟ ରହିଛନ୍ତି । ଯାହାଙ୍କ ଭିତରେ ସଂସ୍ଥାପକ ମାସୁଦ ଆଝାର ଓ ତାଙ୍କ କମାଣ୍ଡରଙ୍କ ସମ୍ପର୍କୀୟ ରହିଛନ୍ତି । ତାଙ୍କୁ ଜିହାଦ ଓ ଇସଲାମ ସମ୍ପର୍କରେ କର୍ତ୍ତବ୍ୟ ଶିଖାଯିବ । ଭର୍ତ୍ତି ଅଭିଯାନ ଅନଲାଇନ୍‌ରେ ଆୟୋଜିତ କରାଯିବ ଓ ଏହା ୮ନଭେମ୍ବରରୁ ଆରମ୍ଭ ହେବ । ଏଥିରେ ପ୍ରତିଦିନ ୪୦ ମିନିଟ୍ ପର୍ଯ୍ୟନ୍ତ ଇସ୍ଲାମ ଧର୍ମ ଓ ଜିହାଦିତ୍ୱ ବିଷୟରେ ପାକିସ୍ତାନୀ ମହିଳାଙ୍କୁ ଶିକ୍ଷା ଦିଆଯିବ । ଏହାର ନେତୃତ୍ୱ ମାସୁଦ ଆଝାରର ଦୁଇ ଭଉଣୀ ସାଦିଆ ଆଝାର ଓ ସମେରା ଆଝାର କରିବେ । ତାଙ୍କ କ୍ଲାସରେ ମହିଳାଙ୍କୁ ଜମାତଉଲ୍-ମୁମିନତ୍‌ରେ ସାମିଲ ହେବା ପାଇଁ ପ୍ରୋତ୍ସାହିତ କରାଯିବ । ଆଝାରର ସାନ ଭଉଣୀ ସାଦିଆ ଆଝାରକୁ ଜମାତର ଦାୟିତ୍ୱ ଦିଆଯାଇଛି । ସାଦିଆର ସ୍ୱାମୀ ୟୁସୁଫ୍ ଆଝାର, ମଇ

## ଦୁର୍ଗାପୁର ଲଜ୍ଜାର ହେବ ଟିଆଇ ପରେଡ୍

**କୋଲକାତା,୨୨।୧୦:** ଦୁର୍ଗାପୁରରେ ଓଡିଆ ଡାକ୍ତରୀ ଛାତ୍ରୀଙ୍କ ଗଣଦୁଷ୍କର୍ମ ମାମଲାରେ ଦୁର୍ଗାପୁର କୋର୍ଟ ଅଭିଯୁକ୍ତମାନଙ୍କର ଟେଷ୍ଟ ଆଇଡେଣ୍ଟିଫିକେସନ୍ (ଟିଆଇ) ପରେଡ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣା ଅକ୍ଟୋବର ୧୦ ତାରିଖରେ ଘଟିଥିଲା ପୀଡିତା ଏବଂ ତାଙ୍କ ସହପାଠୀ ୱାସେଫ୍ ଅଲି ରାତ୍ରୀଭୋଜନ ପାଇଁ ସେମାନଙ୍କ ମେଡିକାଲ୍ କଲେଜ କ୍ୟାମ୍ପସ୍ ବାହାରକୁ ଯାଇଥିବା ସମୟରେ ଏହି ଗଣ ଦୁଷ୍କର୍ମ ହୋଇଥିଲା । ଅଭିଯୁକ୍ତମାନଙ୍କ ମଧ୍ୟରୁ ତିନି ଜଣ ଏକ ନିର୍ଜନ ଜଙ୍ଗଲ ଅଞ୍ଚଳରେ ଏହି ଦୁଇ ଜଣଙ୍କୁ ଦେଖିଥିଲେ । ସେମାନେ ପ୍ରଥମେ ଟଙ୍କା ଦାବି କରିଥିଲେ । ପୁରୁଷ ବନ୍ଧୁ ଟଙ୍କା ଆଣିବା ପାଇଁ ଯାଇଥିବା ସମୟରେ, ପୀଡିତାଙ୍କୁ ଦୁଷ୍କର୍ମ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି ।ପରେ ଆଉ ଦୁଇଜଣ ବ୍ୟକ୍ତି ଘଟଣାସ୍ଥଳକୁ ଆସିଥିଲେ । ପୀଡିତାଙ୍କ ଫୋନ୍ ଅଭିଯୁକ୍ତମାନେ ଛଡାଇ ନେଇଥିଲେ । ଏହି ଘଟଣାରେ ସମସ୍ତ ଅଭିଯୁକ୍ତଙ୍କ ସହ ଡାକ୍ତରୀ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରାଯାଇଥିଲା ।ଏମାନଙ୍କ ଟିଆଇ ପରେଡ୍ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

### ପାଣିରେ ବୁଡିଯାଇ ୩ଜଣଙ୍କ ମୃତ୍ୟୁ

**ରାହାମା/ଝରିଗାଁ,୨୨।୧୦ (ମହାଭାରତ):** ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପାଣିରେ ବୁଡ଼ି ତିନି ଜଣଙ୍କର ମୃତ୍ୟୁ ଘଟିଛି । ଏଥିରେ ଦୁଇ ଜଣ ଯୁବକ ଏବଂ ଜଣେ ବୃଦ୍ଧ ଅଛନ୍ତି । ଗାଧୋଇବା ବେଳେ ନଦୀରେ ବୁଡ଼ି ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପୋଖରୀରେ ବୁଡ଼ି ଜଣେ ବୟସ୍କ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ଜଗତସିଂହପୁର ଜିଲ୍ଲା ରାହାମା ଏବଂ ନବରଙ୍ଗପୁର ଜିଲ୍ଲା ଝରିଗାଁରେ ଏହି ଅଘଟଣ ଘଟିଛି । ଜଗତସିଂହପୁର ଜିଲ୍ଲା କୃଷ୍ଣାନନ୍ଦପୁର ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି । ଦିନ ୧୨ଟା ସମୟରେ ଷଣ୍ଡମଣ୍ଡପ କେଉଟସାହିର ୬ ଜଣ ନାବାଳକ ପାଇକା ନଦୀରେ ଗାଧୋଉ ଥିବା ବେଳେ ପ୍ରଖର ଜଳସ୍ରୋତରେ ୩ଜଣ ଭାସି ଯାଇଥିଲେ । ଘଟଣାସ୍ଥଳରେ କୃଷ୍ଣାନନ୍ଦପୁର ପୁଲିସ ଓ ତିର୍ତ୍ତୋଲ, ରଘୁନାଥପୁର ଅଗ୍ନିଶମ ଅଧିକାରୀ, ଓଡ୍ରାଫ ଟିମ ପହଞ୍ଚି ୨ଟି ବୋଟ ସାହାଯ୍ୟରେ ଖୋଜାଖୋଜି କରିଛନ୍ତି ।

## ଟାରିଫ୍ କମାଇପାରେ ଆମେରିକା

ନୂଆଦିଲ୍ଲୀ,୨୨।୧୦(ମହାଭାରତ): ଭାରତ ଏବଂ ଆମେରିକା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଚୁକ୍ତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ଚୁକ୍ତି ହେଲେ ଆମେରିକାକୁ ରପ୍ତାନି ହେଉଥିବା ଭାରତୀୟ ସାମଗ୍ରୀ ଉପରେ ଲାଗୁ ହେଉଥିବା ଆମଦାନୀ ଶୁଳ୍କ ବା ଟିକସ ୫୦%ରୁ ଖସି ପ୍ରାୟ ୧୫-୧୬% ହୋଇପାରେ । ରିପୋର୍ଟ ଅନୁସାରେ ଏହି ଚୁକ୍ତିରେ ମୁଖ୍ୟତଃ ଶକ୍ତି ଏବଂ କୃଷି କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଛି ।

ଚୁକ୍ତି ହେଲେ ଆମେରିକା ଭାରତୀୟ ସାମଗ୍ରୀ ଯେପରିକି ଲୁଗାପଟା, ଇଞ୍ଜିନିୟରିଂ ସାମଗ୍ରୀ ଏବଂ ଔଷଧ ଉପରେ ଥିବା ଟିକସକୁ ୫୦%ରୁ ୧୫-୧୬%କୁ ହ୍ରାସ କରିବ । ଫଳରେ ଆମେରିକା ବଜାରରେ ଭାରତୀୟ ରପ୍ତାନୀ ସାମଗ୍ରୀ ଅଧିକ ପ୍ରତିଯୋଗିତା କରିପାରିବ । ବଦଳରେ ଭାରତ ଧୀରେ ଧୀରେ ଋଷିଆରୁ ଅଶୋଧିତ ତେଲ ଆମଦାନୀ ହ୍ରାସ କରିବ । ଏହା ଆମେରିକାର ଭୂ-ରାଜନୈତିକ ଲକ୍ଷ୍ୟ



ସହିତ ସମାନ ।ଭାରତ ଆମେରିକାରୁ ଅଧିକ ପରିମାଣରେ କୃଷିଜାତ ସାମଗ୍ରୀ ଯେପରିକି ନନ୍-ଜେନେଟିକାଲି ମୋଡିଫାଏଡ୍ ମକା ଏବଂ ସୋୟାମିଲ୍ ଆମଦାନୀକୁ ଅନୁମତି ଦେଇପାରେ । ଏହି ପ୍ରଗତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ନିକଟରେ ହୋଇଥିବା ଟେଲିଫୋନ୍ ଆଲୋଚନା ପରେ ଆସିଛି । ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଆଲୋଚନାରେ ବାଣିଜ୍ୟ ଏବଂ ଶକ୍ତି ସହଯୋଗ ମୁଖ୍ୟ ବିଷୟ ଥିଲା ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଋଷିଆରୁ ତେଲ କ୍ରୟକୁ ସୀମିତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଟ୍ରମ୍ପଙ୍କୁ ଦୀପାବଳି ଅଭିନନ୍ଦନ ଜଣାଇ ଏକ୍ସ (ପୂର୍ବରୁ ଟ୍ୱିଟର) ରେ ଏହି ଆଲୋଚନାକୁ ନିଶ୍ଚିତ କରିଛନ୍ତି । ଉଭୟ ଦେଶର ଅଧିକାରୀମାନେ ଏହି ମାସ ଶେଷରେ ହେବାକୁ ଥିବା ଆସିଆନ୍ ଶିଖର ସମ୍ମିଳନୀ ପୂର୍ବରୁ ଚୁକ୍ତିକୁ ଚୂଡ଼ାନ୍ତ କରିବାକୁ ଚେଷ୍ଟା କରୁଛନ୍ତି ଶିଖର ସମ୍ମିଳନୀରେ ଏହାର ଆନୁଷ୍ଠାନିକ ଘୋଷଣା ହୋଇପାରେ । ଏହି ଚୁକ୍ତି ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କକୁ ଏକ ନୂଆ । ଦିଗ ଦେବ ବୋଲି ଆଶା କରାଯାଉଛି ।ଟ୍ରମ୍ପ ଚାଇନାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ନଭେମ୍ବର ୧ ତାରିଖରୁ ୧୫୫% ପର୍ଯ୍ୟନ୍ତ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି ।ସେ କହିଛନ୍ତି ଯେ ଚାଇନା ବହୁ ବର୍ଷ ଧରି ଏକତରଫା ଭାବେ ଆମେରିକା ସହ କାରବାର କରି ଆସୁଛି, ଯାହା ଆମେରିକା ପାଇଁ କ୍ଷତିକାରକ । ଟ୍ରମ୍ପ୍ କହିଛନ୍ତି, ଚାଇନା ଉପରେ ଏତେ ମାତ୍ରାରେ ଶୁଳ୍କ ଲାଗୁ ହେବା ସେମାନଙ୍କ ପାଇଁ ସହଜ ହେବ ନାହିଁ ବ୍ୟକ୍ତିଗତ ଭାବେ ସେ ଚାଇନା ସହିତ ଭଲ ସମ୍ପର୍କ ରଖିବାକୁ ଚାହୁଁଥିଲେ ବି, ପୂର୍ବରୁ ଆମେରିକା ରାଷ୍ଟ୍ରପତିମାନେ ବ୍ୟବସାୟ ଦୃଷ୍ଟିରୁ ସ୍ମାର୍ଟ ନଥିବାରୁ ଚୀନ୍ ସୁଯୋଗ ନେଇଛି ।ନଭେମ୍ବର ୧ରୁ ଏହି ଶୁଳ୍କ ଲାଗୁ ହେବ ଏହା ସହିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେର୍ ଉପରେ ରପ୍ତାନି ନିୟନ୍ତ୍ରଣ ଲାଗୁ ହେବ ବୋଲି ମଧ୍ୟ ସେ ଜଣାଇଛନ୍ତି ।

## ୧ ନମ୍ବର ହାଟରେ ଜଳିଗଲା ୪୦ ଦୋକାନ

**ଭୁବନେଶ୍ୱର,୨୨।୧୦ (ମହାଭାରତ):** ରାଜଧାନୀ ଭୁବନେଶ୍ୱରର ସବୁଠାରୁ ବଡ଼ ହାଟ 'ୟୁନିଟ୍-୧'ରେ ଆଜି ଅପରାହ୍ଣରେ ଭୟାବହ ଅଗ୍ନିକାଣ୍ଡ ଦେଖିବାକୁ ମିଳିଛି । କୌଣସି ଏକ ତେଜରାତି ଦୋକାନରୁ ଆରମ୍ଭ ହୋଇଥିବା ନିଆଁ ପ୍ରାୟ ୪୦ଟି ଦୋକାନକୁ ଧ୍ୱଂସ କରିଦେଇଛି । ଫଳରେ ବ୍ୟବସାୟୀ ମାନଙ୍କର ଲକ୍ଷାଧିକ ଟଙ୍କାର ସାମଗ୍ରୀ ପାଉଁଶ ହୋଇଯାଇଛି ।

ଅଗ୍ନିଶମ ବିଭାଗର ଅଧିକାରୀ ରମେଶ ମାଝୀ କହିଛନ୍ତି ଭୁବନେଶ୍ୱର ୟୁନିଟ-୧ ହାଟରେ ଥିବା ତେଜରାତି ଦୋକାନଗୁଡ଼ିକରେ ଅଗ୍ନିକାଣ୍ଡ ଘଟିଥିଲା । ନିଆଁ ଲିଭାଇବା ପାଇଁ ୧୫ ଗାଡ଼ି ବ୍ୟବହାର କରାଯାଇଥିଲା । ଏଥିରେ ୧୪୦ ଜଣ ଅଗ୍ନିକ ମୁତୟନ ଥିଲେ । ଦୋକାନରେ ଦହନଶୀଳ ଜିନିଷ ଥିଲା । ଏଥିପାଇଁ କମ ସମୟ ମଧ୍ୟରେ ନିଆଁ ଚାରିଆଡ଼େ ବ୍ୟାପି ଥିଲା । ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ । କେଉଁଠାରୁ ଏହା ଆରମ୍ଭ ହେଲା ଏନେଇ ବର୍ତ୍ତମାନ ପରିପ୍ରେକ୍ଷୀରେ କୁହାଯାଇପାରିବ ନାହିଁ ।

ଭୁବନେଶ୍ୱର ୟୁନିଟ୍-୧ ମାର୍କେଟରେ ଅଗ୍ନିକାଣ୍ଡ ଘଟଣା ନୂଆ କଥା ନୁହେଁ । ଏହା ପୂର୍ବରୁ



ମଧ୍ୟ ଏହି ବିଶାଳ ବଜାରରେ ଅଗ୍ନିକାଣ୍ଡ ଘଟି ଅନେକ ଦୋକାନ ଜଳି ଯାଇଥିଲା । ବୃହତ ମାର୍କେଟ ଭିତରେ ହଜାର ହଜାର ଦୋକାନ ଲାଗିଲାଗି ରହିଥିବାରୁ ଏଠାରେ ଅଗ୍ନିକାଣ୍ଡ ଘଟିଲେ କମ୍ ସମୟ ମଧ୍ୟରେ ଏହା ବହୁ ଜିନିଷପତ୍ର କ୍ଷତି ପହଞ୍ଚାଇଥାଏ ।

# ପନୀର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଳା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦ୍ଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



..... ପରଦା ଖବର ......

# ଦୀପାବଳିରେ ଝିଅ ଦୁଆର ମୁହଁ ରିଭିଲ କଲେ ଦୀପିକା ଏବଂ ରଣବୀର





ଦୀପାବଳି ଅବସରରେ ଦୀପିକା ଏବଂ ରଣବୀର ସିଂ ତାଙ୍କ ଝିଅ ଦୁଆର ପ୍ରଥମ ଝଲକ ଫ୍ୟାନ୍ସଙ୍କ ସହ ସେୟାର କରିଛନ୍ତି । ଯାହା ଏବେ ଖୁବ୍ ଜୋରରେ ଭାଇରଲ ହେବାରେ ଲାଗିଛି । ପୋଷ୍ଟ ଭାଇରଲ ହେବା ପରେ ଫ୍ୟାନ୍ସ କମେଣ୍ଟ ଦେବାରେ ଲାଗିଛନ୍ତି ।ଦୀପାବଳି ଅବସରରେ ଦୀପିକା ତାଙ୍କ ସୋସିଆଲ ମିଡିଆ ପେଜରେ ତାଙ୍କ ଝିଅର ଏକ ଫଟୋ ସେୟାର କରିଛନ୍ତି । ଯେଉଁଥିରେ ଦମ୍ପତି ତାଙ୍କ ଝିଅ ଦୁଆକୁ ଧରିଥିବା ଦେଖିବାକୁ ମିଳିଛି । ଫଟୋ ସେୟାର କରିବା ସହ ଦୀପିକା ଏବଂ ରଣବୀର ଲେଖିଛନ୍ତି ଯେ, ''ଶୁଭ ଦୀପାବଳି ।'' ଏଥିସହିତ ସେମାନେ ସେୟାର କରିଥିବା ପୋଷ୍ଟରେ ଦୁଆ ଏବଂ ଦୀପିକା ରେଡ୍ ଡ୍ରେସ୍ ପିନ୍ଧିଥିବାବେଳେ ରଣବୀର ଅଫ୍ ହ୍ୱାଇଟ ଡ୍ରେସରେ ନଜର ଆସିଛନ୍ତି । ଏହା ବ୍ୟତୀତ ଦମ୍ପତି ଖୁସିରେ ଝିଅ ଦୁଆକୁ କୋଳେଇ କରି ଧରିଥିବାର ମଧ୍ୟ ଦେଖିବାକୁ ମିଳିଛ । ଫଟୋ ଭାଇରଲ ହେବା ପରେ ସେଲିବ୍ରିଟିଠାରୁ ଆରମ୍ଭ କରି ଫ୍ୟାନ୍ସଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର କମେଣ୍ଟର ସୁଅ ଛୁଟିବାରେ ଲାଗିଛି ।

# ଘରକରଣା



ଗୋଲାପ ଜାମୁ ନରମ ଏବଂ ଭଲ ହେବା ପାଇଁ ଗୋଲାପଜାମୁ ସାମଗ୍ରୀକୁ ୧୦ ମିନିଟ୍ ପର୍ଯ୍ୟନ୍ତ ପ୍ରେସରକୁକରରେ ବସାଇ ୧୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ । ତା'ପରେ ପ୍ରସ୍ତୁତ କରନ୍ତୁ ।

ଦହିବରା ସଫେଦ ଏବଂ ମୁଲାୟମ ହେବାପାଇଁ ଡାଲିରେ କିଛି ମଇଦା ମିଶାନ୍ତୁ ।

ଟମାଟୋ କ୍ୟାଚଅପ ପ୍ରସ୍ତୁତି ସମୟରେ ଟମାଟୋ ସହିତ ଖଟା ଅଙ୍ଗୁର ମିଶାନ୍ତୁ । କ୍ୟାଚଅପ ସ୍ୱାଦିଷ୍ଟ ହେବ ।

ଅଣ୍ଡା ଫେଣ୍ଟିବା ସମୟରେ ସେଥିରେ କିଛି ଲେମ୍ବୁରସ ମିଶାଇଲେ ଆମଲେଟ ଭଲ ହୁଏ । ଯଦି ଏଥିରେ ଦହି ମିଶାଇବେ ଆମଲେଟର ସ୍ୱାଦ ଦ୍ୱିଗୁଣ ହେବ ।

ଇଡ୍‌ଲି ଘୋଳ ଅଧିକ ପତଳା ହୋଇଗଲେ ସେଥିରେ ଭଜା ରାଗ୍ୱାମିଶାଇ ଦିଅନ୍ତୁ ।

ନିଜର କିଚେନ ଗେଜେଟ୍ସରେ ସର୍ବଦା ଥ୍ରୀପିନ ପ୍ଲଗ ବ୍ୟବହାର କରନ୍ତୁ । କାରଣ ଟୁପିନ ପ୍ଲଗରେ କରେଣ୍ଟ ମାରିବାର ଭୟଥାଏ ।

ଫ୍ରିଜରେ କିଛି ଲୁଣ ପକାଇଦେଲେ ଆଇସଟ୍ରେ ଫ୍ରିଜର ଭିତରେ ଲାଗିଯାଏ ନାହିଁ ।

ବିଜୁଳି ସକେଟ ଏବଂ ଗ୍ୟାସ ଚୁଲା ମଧ୍ୟରେ ସର୍ବଦା ପର୍ଯ୍ୟାପ୍ତ ବ୍ୟବଧାନ ରଖନ୍ତୁ ।

ରୋଷେଇ ଘର ଝରକାରେ ଜାଲି ଲଗାନ୍ତୁ । ଫଳରେ ପବନ ପାସ୍ ହେବା ଏବଂ ନିଆଁ ଲାଗିବାର ଭୟ ରହିବ ନାହିଁ ।

ସପ୍ତାହକୁ ଥରେ ନିମ୍ବପତ୍ରକୁ ପାଣିରେ ସିଝାଇ ସେହିପାଣିରେ ଘର ସଫା କରନ୍ତୁ । ଘରର ବିଷାକ୍ତ କୀଟାଣୁ ମରିଯିବେ ।

ବିସ୍କୁଟକୁ ଅଧିକ ଦିନ ସତେଜ ତଥା କୁଡ୍‌କୁଡ୍ ରଖିବା ପାଇଁ ସେଥିରେ କିଛି ଚିନି ପକାଇ ଦିଅନ୍ତୁ ।

କଡିରେ ଲୁଣ ଅଧିକ ହୋଇଗଲେ ସେଥିରେ କିଛି ଜିରାଗୁଣ୍ଡ ଓ ନଡିଆ କାଟି ପକାଇ ଦିଅନ୍ତୁ ।

# ଭଗବାନ ବିଷ୍ଣୁ ମାତା ସତୀଙ୍କ ଶରୀରକୁ ୫୧ ଖଣ୍ଡ କରିଥିଲେ କାହିଁକି ?

ହିନ୍ଦୁ ଧର୍ମରେ ୫୧ଟି ଶକ୍ତିପୀଠକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଏଥି ସହ ସେମାନଙ୍କର କାହାଣୀ ଭଗବାନ ଶିବ, ଭଗବାନ ବିଷ୍ଣୁ, ମାତା ସତୀ ଏବଂ ତାଙ୍କ ପିତା ଦକ୍ଷ ପ୍ରଜାପତିଙ୍କ ସହ ଜଡିତ । ଧାର୍ମିକ ବିଶ୍ୱାସ ଅନୁସାରେ, ଭଗବାନ ବିଷ୍ଣୁ ମାତା ସତୀଙ୍କ ଶରୀରକୁ ୫୧ ଖଣ୍ଡ କରିଥିଲେ ।ପୌରାଣିକ କଥା ଅନୁସାରେ, ଭଗବାନ ଶିବଙ୍କ ପ୍ରଥମ ସ୍ତ୍ରୀ ମାତା ସତୀ ଥିଲେ, ଯିଏ ରାଜା ଦକ୍ଷ ପ୍ରଜାପତିଙ୍କ ଝିଅ ଥିଲେ । ମାତା ସତୀ ତାଙ୍କ ପିତାଙ୍କ ବିରୁଦ୍ଧରେ ଯାଇ ଭଗବାନ ଶିବଙ୍କୁ ବିବାହ କରିଥିଲେ, ଯାହା ହେତୁ ଦକ୍ଷ ପ୍ରଜାପତି ଖୁସି ନଥିଲେ ।ଥରେ ଦକ୍ଷ ପ୍ରଜାପତି ତାଙ୍କ ଘରେ ଏକ ଯଜ୍ଞର ଆୟୋଜନ କରିଥିଲେ ଏବଂ ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲେ, କିନ୍ତୁ



ଭଗବାନ ଶିବଙ୍କୁ ନିମନ୍ତ୍ରଣ କରିନଥିଲେ । ମାତା ସତୀ ନିମନ୍ତ୍ରଣ ନ ପାଇ ଭଗବାନ ଶିବଙ୍କ ସହିତ ଯଜ୍ଞରେ ଯୋଗ ଦେବାକୁ ଯାଇଥିଲେ । ସେଠାରେ ପହଞ୍ଚିବା ପରେ, ଦକ୍ଷ ପ୍ରଜାପତି ଭଗବାନ ଶିବଙ୍କୁ ବହୁତ ଅପମାନ କରିଥିଲେ ।ଦକ୍ଷ ପ୍ରଜାପତି ଭଗବାନ ଶିବଙ୍କୁ ଅପମାନିତ କରିଥିଲେ ଏବଂ ଅପମାନଜନକ ଭାଷା ବ୍ୟବହାର କରିଥିଲେ । ମାତା ସତୀ ତାଙ୍କ ସ୍ୱାମୀଙ୍କ ଅପମାନ ସହ୍ୟ କରିପାରିଲେ ନାହିଁ ଏବଂ ସେ ସେହି ଯଜ୍ଞର ହବନ କୁଣ୍ଡରେ ଡେଇଁ ଆତ୍ମହତ୍ୟା କଲେ । ଯେତେବେଳେ ଭଗବାନ ଶିବ ଏହା ଜାଣିଲେ, ସେ ଅତ୍ୟନ୍ତ କ୍ରୋଧିତ ହେଲେ ।ଯେତେବେଳେ ମାତା ସତୀ ତାଙ୍କ ଜୀବନ ତ୍ୟାଗ କଲେ, ଭଗବାନ ଶିବ ଏହି ବିଚ୍ଛେଦକୁ ସହ୍ୟ କରିପାରିଲେ ନାହିଁ ଏବଂ ମାତା ସତୀଙ୍କ ମୃତ ଶରୀର ସହିତ ତାଣ୍ଡବ ନୃତ୍ୟ ପ୍ରଦର୍ଶନ କରିବାକୁ ଲାଗିଲେ । ଏହି କାରଣରୁ ସମଗ୍ର ବ୍ରହ୍ମାଣ୍ଡ ଧ୍ୱଂସ ପାଇବାକୁ ଲାଗିଲା । ଏହି ବିନାଶକୁ ବନ୍ଦ କରିବା ପାଇଁ, ଭଗବାନ ବିଷ୍ଣୁ ତାଙ୍କର ସୁଦର୍ଶନ ଚକ୍ର ସାହାଯ୍ୟରେ ମାତା ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରିଦେଲେ ।ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ଯୋଗୁଁ ମାତା ସତୀଙ୍କ ଶରୀରର ୫୧ ଖଣ୍ଡ ୫୧ଟି ସ୍ଥାନରେ ପଡ଼ିଥିଲା । ଏହି ୫୧ଟି ସ୍ଥାନକୁ ଶକ୍ତିପୀଠ କୁହାଯାଏ ଏବଂ ପ୍ରତ୍ୟେକ ସ୍ଥାନରେ ମାତା ସତୀଙ୍କୁ ଭିନ୍ନ ଭିନ୍ନ ନାମରେ ପୂଜା କରାଯାଏ ।

# 'ଶ୍ରୀକୃଷ୍ଣ ତୁମେ ମିଥ୍ୟାବାଦୀ'



ଦିନେ ଶ୍ରୀକୃଷ୍ଣ ରାମେଶ୍ୱର କୁଣ୍ଡର ଉତ୍ତର କୂଳରେ ଶ୍ରୀରାଧିକା ଓ ଗୋପୀମାନଙ୍କ ସହିତ ଗଛ ଛାଇରେ ବସି ରାସ କରୁଥିଲେ । ସେହି ସମୟରେ ତାଙ୍କ ରୂପରେ ଆକର୍ଷିତ ହୋଇ ନିକଟରେ ଥିବା କିଛି ବାନର(ମାଙ୍କଡ଼) ଗଛରୁ ଓହ୍ଲାଇ ଶ୍ରୀକୃଷ୍ଣଙ୍କ ପାଦତଳେ ପ୍ରଣାମ କରି ନାଚିବା ଏବଂ ଡେଇଁବା ଆରମ୍ଭ କଲେ । ପୁଷ୍କରିଣୀର ଦକ୍ଷିଣ ପାର୍ଶ୍ୱରେ ଥିବା ଗଛରୁ ଓହ୍ଲାଇ ଦୀର୍ଘ ସମୟ ଡେଇଁବା ପରେ ଅନେକ ବାନର ତାଙ୍କ ଚରଣ ନିକଟରେ ପହଞ୍ଚିଥିଲେ । ଭଗବାନ କୃଷ୍ଣ ସେହି ବାନରମାନଙ୍କର ବୀରତ୍ୱର ପ୍ରଶଂସା କରିବା ଆରମ୍ଭ କଲେ ।

ଏହି ଆଶ୍ଚର୍ଯ୍ୟଜନକ ଲୀଳା ଦେଖି ଗୋପୀମାନେ ମଧ୍ୟ ମନ୍ତ୍ରମୁଗ୍ଧ ହୋଇଗଲେ । ସେମାନେ ମଧ୍ୟ ପ୍ରଭୁ ରାମଚନ୍ଦ୍ରଙ୍କ ଚମତ୍କାର ଲୀଳା ବିଷୟରେ ବର୍ଣ୍ଣନା କରିବା ଆରମ୍ଭ କରି କହିଥିଲେ ଯେ ଶ୍ରୀରାମଚନ୍ଦ୍ର ମଧ୍ୟ ବାନରମାନଙ୍କ ସାହାଯ୍ୟ ନେଇଥିଲେ । ସେତେବେଳେ ଲଳିତା ନାମକ ଜଣେ ଗୋପୀ କହିଥିଲେ- ଆମେ ଶୁଣିଛୁ ଯେ ମହାପରାକ୍ରମୀ ହନୁମାନ ତ୍ରେତୟା ଯୁଗରେ ଗୋଟିଏ ଲମ୍ଫ ଦେଇ ସମୁଦ୍ର ପାର ହୋଇଥିଲେ । କିନ୍ତୁ ଆଜି ଆମେ ଦେଖୁଛୁ ଯେ ବାନରମାନେ ମଧ୍ୟ ଏକ ଲମ୍ଫରେ ଏହି ପୁଷ୍କରିଣୀ ଅତିକ୍ରମ କରୁଛନ୍ତି ।

ଏହା ଶୁଣି କୃଷ୍ଣ ଗର୍ବର ସହିତ କହିଲେ- ତୁମେ ଜାଣ ! ମୁଁ ହିଁ ତ୍ରେତୟା ଯୁଗରେ ଶ୍ରୀରାମ ଥିଲି, ମୁଁ ହିଁ ରାମ ରୂପରେ ସମସ୍ତ ଲୀଳା ପ୍ରଦର୍ଶନ କରିଥିଲି । କିନ୍ତୁ ଲଳିତା ଶ୍ରୀରାମଚନ୍ଦ୍ରଙ୍କ ଅଦ୍ଭୁତ ଲୀଳାକୁ ପ୍ରଶଂସା କରିବା ସହ କହିଥିଲେ, ଟିକେ ହସି କହିଥିଲେ, ଶ୍ରୀକୃଷ୍ଣ ତୁମେ ଜଣେ ମିଥ୍ୟାବାଦୀ, ତୁମେ କଦାପି ରାମ ନ ଥିଲ... ଏପରି ସାହସିକତା ତୁମ ପାଇଁ ସମ୍ଭବ ନୁହେଁ । ଶ୍ରୀକୃଷ୍ଣ ସ୍ମିତହାସ୍ୟ ଦେଇ କହିଲେ - ତୁମେ ଏହାକୁ ବିଶ୍ୱାସ କରିପାରିବ ନାହିଁ, କିନ୍ତୁ ମୁଁ ଶ୍ରୀରାମ ରୂପ ନେଇ ଜନକପୁରୀରେ ଶିବଙ୍କ ଧନୁ ଭାଙ୍ଗି ସୀତାଙ୍କୁ ବିବାହ କଲି । ପିତାଙ୍କ ଆଦେଶ ଅନୁଯାୟୀ, ଧନୁ ଏବଂ ତୀର ଧାରଣ କରି ସୀତା ଏବଂ ଲକ୍ଷ୍ମଣଙ୍କ ସହ ଚିତ୍ରକୁଟ ଏବଂ ଦଣ୍ଡକାରଣ୍ୟ ଯାତ୍ରା କରି ସେଠାରେ ଥିବା ଅତ୍ୟାଚାରୀ ଦୈତ୍ୟମାନଙ୍କୁ ବିନାଶ କରିଥିଲି । ତା'ପରେ ସୀତାଙ୍କ ବିରହ ମଧ୍ୟରେ ଏ ବନରୁ ସେ ବନ ବୁଲି ପୁନର୍ବାର ବାନରମାନଙ୍କ ସାହାଯ୍ୟରେ ରାବଣ ସହିତ ଲଙ୍କାପୁରୀ ଧ୍ୱଂସ କରି ଅଯୋଧ୍ୟାକୁ ଫେରିଥିଲି ।

ମୁଁ ଏହି ଯୁଗରେ ଗୋପାଳ ରୂପ ଧାରଣ କରି ବଂଶୀ ବଜାଇ ଗୋଚାରଣ କରି ଜଙ୍ଗଲରୁ ଜଙ୍ଗଲ ବୁଲିଛି । ଏହି ସମୟରେ ମୁଁ ପ୍ରିୟତମା ଶ୍ରୀରାଧିକାଙ୍କ ଏବଂ ତୁମ ଗୋପୀମାନଙ୍କ ସହିତ ବିନୋଦ କରୁଛି । ମୋର ରାମ ଅବତାରରେ ଧନୁ ଏବଂ ତୀରର ଟଙ୍କାରରେ ତ୍ରିଲୋକ ଥରି ଉଠୁଥିଲା । କିନ୍ତୁ ବର୍ତ୍ତମାନ ମୋର ମଧୁର ବେଣୁନାଦରେ ସମସ୍ତ ପ୍ରାଣୀ ଉନ୍ମତ୍ତ ହେଉଛନ୍ତି । ଲଳିତା ଶୁଣି ହସିଲେ ଏବଂ କହିଲେ - ଆମେ କେବଳ ଖାଲି ଶବ୍ଦ ସହିତ ବିଶ୍ୱାସ କରିପାରିବୁ ନାହିଁ, ଯଦି ଆମକୁ ଶ୍ରୀରାମଙ୍କ ପରି କିଛି ପରାକ୍ରମ ଦେଖାଇ ପାରିବ, ତେବେ ଆମେ ବିଶ୍ୱାସ କରିପାରିବୁ । ଲଳିତାଙ୍କ କଥା ଶୁଣି ଶ୍ରୀକୃଷ୍ଣ ବେଣୁ ଧ୍ୱନି ଦ୍ୱାରା କ୍ଷଣମାତ୍ରକେ ସମସ୍ତ ବାନରମାନଙ୍କୁ ଏକତ୍ରିତ କରାଇ ସେମାନଙ୍କୁ ପ୍ରସ୍ତର ଶିଳା ମାଧ୍ୟମରେ ସେହି ପୁଷ୍କରିଣୀ ଉପରେ ସେତୁ ବାନ୍ଧିବା ପାଇଁ ଆଦେଶ ଦେଲେ । ଶ୍ରୀକୃଷ୍ଣଙ୍କ ଆଦେଶରେ ଦେଖୁ ଦେଖୁ ହଜାର ହଜାର ବାନର ବହୁ ଉତ୍ସାହର ସହିତ ଦୂର ସ୍ଥାନରୁ ପଥର ଆଣି ସେତୁ ନିର୍ମାଣ ଆରମ୍ଭ କଲେ । ସେହି ବାନରମାନେ ଆଣିଥିବା ପଥରଗୁଡ଼ିକ ଦ୍ୱାରା ଶ୍ରୀକୃଷ୍ଣ ନିଜ ହାତରେ ସେତୁ ନିର୍ମାଣ କରିଥିଲେ । ସେତୁ ଆରମ୍ଭରେ ଶ୍ରୀକୃଷ୍ଣ ପୁଷ୍କରିଣୀର ଉତ୍ତର ଦିଗରେ ନିଜର ପ୍ରିୟ ଭଗବାନ ରମେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ମଧ୍ୟ କରିଥିଲେ ।

# ସୁନ୍ଦର ଓଠର ରହସ୍ୟ

ଓଠର ମେକପଅ ହିଁ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରି ଦେଇଥାଏ । ଏହାସହ ଆପଣଙ୍କୁ ଏକ ଆକର୍ଷଣୀୟ ଲୁକ ମଧ୍ୟ ଦେଇଥାଏ । ଓଠର ମେକପାଇଁ ଲିପଷ୍ଟିକ, ଲିପ ଲାଇନର,ଗ୍ଲସ ଆଦିର ବ୍ୟବହାର କରାଯାଇଥାଏ । ନିଜର ମୁହଁର ରଙ୍ଗ ଅନୁଯାୟୀ ଆପଣ ଲିପଷ୍ଟକ ବାଛି ଲଗାଇବା ଆବଶ୍ୟକ । ଲିପଷ୍ଟିକ ମୁହଁର ସୌନ୍ଦର୍ଯ୍ୟ ବଢାଇବା ସହ ଏହାର ବହୁ ଉପକାରିତା ଗୁଣ ମଧ୍ୟ ରହିଛି । ଆସନ୍ତୁ ଜାଣିବା:

■ ସୂର୍ଯ୍ୟକିରଣରୁ ଏହା ଓଠକୁ ରକ୍ଷା କରିବା ସହ ଓଠକୁ କୋମଳ କରିଥାଏ ।

■ ସଠିକ ରଙ୍ଗର ଲିପଷ୍ଟିକ ବାଛି ଲଗାଇଲେ ଆପଣଙ୍କ ସୌନ୍ଦର୍ଯ୍ୟ ବଢିଯାଏ ।

■ ଲିପଷ୍ଟିକ ଲଗାଉଥିବା ମହିଳାମାନେ ଅଧିକ ଆତ୍ମବିଶ୍ୱାସୀ ଓ ଧୈର୍ଯ୍ୟବାନ ବୋଲି ମଧ୍ୟ ଏକ ଗବେଷଣାରୁ ଜଣାପଡ଼ିଛି ।

■ ଏହା ମସ୍ତିଷ୍କକୁ ଶାନ୍ତ ରଖିବା ସହ ମହିଳାଙ୍କୁ ସଶକ୍ତ କରିଥାଏ । ଫଳରେ କଠିନ ପରିସ୍ଥିତିରେ ମଧ୍ୟ ସାହସର ସହ କାର୍ଯ୍ୟ କରିଥାଆନ୍ତି ।

■ ନିଜର ପୋଷାକ ସହ ଲିପଷ୍ଟିକ ରଙ୍ଗ ମ୍ୟାଚ କରି ଲଗାଇବା ଦ୍ୱାରା ଆପଣଙ୍କ ଭିନ୍ନ ଲୁକ ଓ ସୁନ୍ଦରତା ବଢିଯାଏ ।

ଜାଣନ୍ତୁ ଲିପଷ୍ଟିକ ଚୟନ କରିବେ କିପରି......

■ ଯଦି ଆପଣଙ୍କ ମୁହଁର ରଙ୍ଗ ଗୋରା ତେବେ ଆପଣ ସମସ୍ତ ରଙ୍ଗର ଲିପଷ୍ଟିକ ଲଗାଇ ପାରିବେ । ମାତ୍ର କୌଣସି ପୂଜାପର୍ବ, ବିବାହ ଭୋଜି ଭଳି ସ୍ୱତନ୍ତ୍ର ସମୟରେ ଲାଲ, କମଳା, ପିଚ୍ , ଗୋଲାପି ଆଦି ରଙ୍ଗର ଲିପଷ୍ଟିକ ଲଗାଇବା ଦ୍ୱାରା ଆପଣଙ୍କ ସୁନ୍ଦରତା ଦୁଇଗୁଣ ବଢିଯାଏ ।

■ ସାଧାରଣତଃ ଖରା ସମୟରେ ବାହାରକୁ ଗଲେ ପିଚ୍ , ହାଲକା ଗୋଲାପି ରଙ୍ଗର ଲିପଷ୍ଟିକ ବ୍ୟବହାର କରନ୍ତୁ ।

■ ସନ୍ଧ୍ୟା ସମୟରେ ବାହାରକୁ ଗଲେ ଲାଲ, ଚେରି ରଙ୍ଗ, ଜାମୁକୋଳି ରଙ୍ଗର ଲିପଷ୍ଟିକ ବ୍ୟବହାର କରନ୍ତୁ । ଏହା ଦ୍ୱାରା ମୁହଁ ଖୁବ ସୁନ୍ଦର ଦେଖାଯାଏ ।

■ ଆପଣଙ୍କ ମୁହଁର ରଙ୍ଗ ଯଦି ଅଳ୍ପ ଗୋରା ତେବେ ଦିନ ସମୟରେ କମଳା ରଙ୍ଗ, ଡ଼ିପ ବ୍ରାଉନ ଏଭଳି ରଙ୍ଗ ଲଗାନ୍ତୁ । ସନ୍ଧ୍ୟା ସମୟରେ ଅଳ୍ପ ଲାଲ, ମେରୁନ ଆଦି ରଙ୍ଗ ଲଗାନ୍ତୁ ।

■ ଲିପଷ୍ଟିକ୍ ଲଗାଇବା ପୂର୍ବରୁ ଲିପ୍ ଲାଇନର ନିଶ୍ଚୟ ଲଗାନ୍ତୁ । ଏପରି କରିବା ଦ୍ୱାରା ଓଠକୁ ଏକ ନିର୍ଦ୍ଦିଷ୍ଟ ଆକାର ମିଳିଥାଏ । ଲିପଷ୍ଟିକ୍ ଲଗାଇବା ପରେ ଓଠ ସହ ମୁହଁ ଖୁବ ସୁନ୍ଦର ଦେଖାଯାଏ । ଆପଣଙ୍କ ମୁହଁକୁ ମ୍ୟାଚ୍ କରିବା ଭଳି ଲିପଷ୍ଟିକ୍ ରଙ୍ଗ ଚୟନ କରନ୍ତୁ ।



# ନୂଆପଡା କାହାର ?

ବିଜେଡିରୁ ଜୟ ଢୋଲକିଆଙ୍କ ଇସ୍ତଫା ଓ ବିଜେପିରେ ଯୋଗଦାନ। ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ନୂଆପଡ଼ା ବିଧାନସଭା ଆସନ ପାଇଁ ଯେଉଁ ଉପନିର୍ବାଚନ ହେବାକୁ ଯାଉଛି ସେଥିରେ ଜୟ ଢୋଲକିଆ ବିଜେପିରୁ ପ୍ରାର୍ଥୀ ହେବେ। ଏହା ବିଜେଡି ପାଇଁ ଶକ୍ତ ଧକ୍କା ହେଲେ ମଧ୍ୟ ଏହା ଅପ୍ରତ୍ୟାଶିତ ନୁହେଁ। କାରଣ ଏଭଳି କିଛି ହେବ ବୋଲି ପୂର୍ବରୁ ଆଶା କରାଯାଉଥିଲା। ଗତ ବର୍ଷ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜୁ ଜନତା ଦଳ (ବିଜେଡି) ପରାଜିତ ହୋଇ କ୍ଷମତାଚ୍ୟୁତ ହେବା ଫଳରେ ଅନେକ ବିସ୍ମିତ ହୋଇଥିଲେ। ଅବଶ୍ୟ ପ୍ରାକ୍ ନିର୍ବାଚନୀ ସର୍ଭେ ରିପୋର୍ଟରେ ଏଭଳି ସମ୍ଭାବନା ପ୍ରକାଶ ପାଇଥିଲା କିନ୍ତୁ ବିଜେଡିର ନେତା ଏବଂ କର୍ମୀମାନେ ଏହାକୁ ବିଶ୍ୱାସ କରୁନଥିଲେ। ନବୀନ୪ ପଟ୍ଟନାୟକ ଓଡ଼ିଶାର ସବୁଠାରୁ ଲୋକପ୍ରିୟ ନେତା। ତାଙ୍କ ପ୍ରତି ଓଡ଼ିଶାବାସୀଙ୍କର ଅଗାଧ ବିଶ୍ୱାସ ଏବଂ ଭଲ ପାଇବା ରହିଛି। ଜଣେ ନିଷ୍କଳଙ୍କ ନେତା ଏବଂ ସରଳ ବ୍ୟକ୍ତି ଭାବେ ସାରା ଦେଶରେ ତାଙ୍କର ସୁନାମ ରହିଛି। ୧୯୯୮ରୁ ୨୦୨୪ ପର୍ଯ୍ୟନ୍ତ ସବୁ ନିର୍ବାଚନରେ ବିଜେଡି ଏକପାଖିଆ ବିଜୟ ହାସଲ କରିଛି। ଜାତୀୟ ଦଳ ସପକ୍ଷରେ ହାୱା ଥିଲେ ମଧ୍ୟ ସେ ଏହାକୁ ପ୍ରତିହତ କରିଛନ୍ତି। ୨୦୧୪ରେ ସାରା ଦେଶରେ ପ୍ରଚଣ୍ଡ ଗୋଦି ହାୱା ଥିବା ବେଳେ ନବୀନ ଓଡ଼ିଶାରେ ୨୧ରୁ ୨୦ ଲୋକସଭା ଆସନ ଜିତିଥିଲା। ୨୦୦୯ରେ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିଯିବା ପରେ ସମସ୍ତେ ଆଶଙ୍କା କରିଥିଲେ ଯେ, ଏଥର କଂଗ୍ରେସ ଫାଇଦା ନେବ। କିନ୍ତୁ ସବୁ ଆକଳନକୁ ଭୁଲ ପ୍ରମାଣିତ କରି ନବୀନ ପ୍ରଥମ ଥର ଲାଗି ଏକାକି ବିଧାନସଭାରେ ସଂଖ୍ୟାଗରିଷ୍ଠତା ହାସଲ କଲେ। ନିର୍ବାଚନ ବେଳେ ଓଡ଼ିଶାକୁ ବିଭିନ୍ନ ଜାତୀୟ ଦଳର ନେତାମାନେ ଆସି ପ୍ରଚାର କରିଛନ୍ତି। କିନ୍ତୁ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ନବୀନ ଏକାକି ଏମାନଙ୍କ ମୁକାବିଲା କରିଛନ୍ତି। ଏହା ସତ୍ତ୍ୱେ ୨୦୨୪ରେ ବିଜେଡି ପ୍ରଥମ ଥର ପାଇଁ ନିର୍ବାଚନରେ ପରାଜିତ ହେବାର କାରଣ ହେଲା ପ୍ରଥମତଃ ଲୋକେ କିଛିଟା ପରିବର୍ତ୍ତନ ମୁହାଁ ହୋଇଥିଲେ। ଦ୍ୱିତୀୟରେ ଲୋକଙ୍କ ମନରେ ଏଭଳି ଧାରଣା ସୃଷ୍ଟି ହେଲା ଯେ, ନବୀନ ବାବୁ ଶାରିରୀକ ଏବଂ ମାନସିକ ଦୃଷ୍ଟିରୁ ଆଉ ନେତୃତ୍ୱ ନେବାକୁ ଫିଟ ନାହାଁନ୍ତି। ସେ କିଛି ଜାଣୁ ନାହାଁନ୍ତି। ଜଣେ ଅଣଓଡ଼ିଆ ଅଫିସରଙ୍କ ଦ୍ୱାରା ସେ ନିୟନ୍ତ୍ରିତ ହେଉଛନ୍ତି ଏବଂ ସମ୍ପୃକ୍ତ ଅଫିସର ହିଁ ସର୍ବେସର୍ବା। ତାଙ୍କ ନିୟନ୍ତ୍ରଣରେ ସରକାର ଏବଂ ଦଳ ପରିଚାଳିତ ହେଉଛି। ଦଳର ବରିଷ୍ଠ ନେତାମାନେ ତାଙ୍କ ଇଙ୍ଗିତରେ ପରିଚାଳିତ ହେଉଛନ୍ତି। ନବୀନ ପୁନର୍ବାର କ୍ଷମତାକୁ ଆସିଲେ ସେହି ଅଣଓଡ଼ିଆ ଅଫିସର ଜଣକ ଶାସନ କରିବେ। ନବୀନ କେବଳ କାଠପିତୁଳା ଭଳି ରହିବେ। ଗତ ନିର୍ବାଚନରେ ବିଜେଡିର ପରାଜୟ ପଛରେ ଏହା ହିଁ ମୁଖ୍ୟ କାରଣ ଥିଲା। ନବୀନ ନିର୍ବାଚନରେ ପରାଜିତ ହେବା ପରେ ଅନେକ ଦୁଃଖିତ ହୋଇଥିଲେ। ଯେଉଁମାନେ ବିଜେଡିକୁ ନିର୍ବାଚନରେ ଭୋଟ ଦେଇନଥିଲେ ସେମାନେ ବି ନବୀନଙ୍କ ପରାଜୟରେ ଦୁଃଖିତ ହେଲେ। ଅନେକ ବିଜେଡିକୁ ପରାଜିତ କରିଥିବାରୁ ମନ ଦୁଃଖ ମଧ୍ୟ କଲେ। କିଛି ଲୋକ ଏବେ ବି ପଶ୍ଚାତାପରେ ଅଛନ୍ତି। କିନ୍ତୁ ନିକଟରେ ନବୀନ ସ୍ୱାସ୍ଥ୍ୟ ଖରାପ ହେତୁ ଦୁଇ ଦୁଇ ଥର ହସ୍ପିଟାଲରେ ଆଡମିଶନ ହେବ ଏବଂ ତାଙ୍କୁ ସମ୍ପୃକ୍ତ ପୂର୍ବତନ ଆଇଏଏସ ଅଧିକାରୀ ଜଣକ ହସ୍ପିଟାଲ ନେବା, ତାଙ୍କର ଦେଖା ଚାହାଁ କରିବା, ଦଳର ଅନ୍ୟ କାହାରିକୁ ନବୀନଙ୍କ ଓ୍ୱନିକଟକୁ ଆସିବାକୁ ସୁଯୋଗ ନଦେବା ।

# ଅନିର୍ବାଣ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା

॥ ନିରଞ୍ଜନ ମେକାପ ॥

> ନିଜ ମାତୃଭୂମି କନିକାକୁ ଫେରିଲା ପରେ ତତକାଳୀନ କନିକା ରାଜବଂଶର ୩୪ ତମ ରାଜା ରାଜେନ୍ଦ୍ର ନାରାୟଣ ଭଂଜଦେବ (୧୯୦୯ ରୁ ୧୯୪୮ ମସିହା) ଚଉଷଠି କର ବସାଇ ପ୍ରଜାମାନଙ୍କ ଜୀବନ ଦୁର୍ବିସହ କରିଦେଇଥିଲେ। ୧୯୧୪ ମସିହାର ଦୁର୍ଭିକ୍ଷରେ ପ୍ରପୀଡିତ କନିକା ବାସୀଙ୍କ ଉପରେ ରାଜାଙ୍କର କର ଓ ଅତ୍ୟାଚାର ପ୍ରଜାଙ୍କ ଦୁଃଖ ଦୁର୍ଦ୍ଦଶାକୁ ବହୁ ଗୁଣିତ କରିଥିଲା।

ଜଣେ ବ୍ୟକ୍ତି ନୁହନ୍ତି- ସେ ହେଉଛନ୍ତି ଇତିହାସ ସଂଚାଳିକା ମହାନଶକ୍ତିର ପ୍ରତିଭୂ-ଏକ ମହାନ ଗଣନେତା , ଜନସାଧାରଣଙ୍କ ଆଶା - ଆକାଂକ୍ଷା ଓ ସଂଗ୍ରାମର ପ୍ରତୀକ ଲୋହିତ ଲାଭା ସ୍ରୋତ- ମାନବସ୍ୱାର ସର୍ବାତ୍ମକ ମୁକ୍ତିପାଇଁ ଦୁର୍ବାର ସଂଗ୍ରାମର ଅବିରଳ ଯୋଦ୍ଧା। ସେ ଜଣେ ମହାନାୟକ, ରକ୍ତ ସୂର୍ଯ୍ୟ ଅଥବା ଅଗ୍ନିପୁତ୍ରର ଭୁଙ୍ଗ କଳେବରଛା ସମାଜରୁ ବ୍ୟାପକ କ୍ଷେତ୍ରରେ ପରାଧୀନତା, ଦାସତ୍ୱ, ଶୋଷଣରୁ ମୁକ୍ତ ଓ ସାମାମଜିକ ନ୍ୟାୟର ପ୍ରତିଷ୍ଠା ସହଜ ଏକ ଉନ୍ନତ ଶାନ୍ତି, ସମତାପୂର୍ଣ୍ଣ ସମାଜର ଗଠନ ପାଇଁ ସେ ପ୍ରାଣପାତ କରିଯାଇଛନ୍ତି। ସେ ବିପ୍ଳବୀ ମାତ୍ର ବିଦ୍ରୋହୀ ନୁହଁନ୍ତି। ବିପ୍ଳବର ଅର୍ଥ ସାମାଜିକ, ଅର୍ଥନୀତିକ ଓ ରାଜନୀତି ବ୍ୟବସ୍ଥାର ଆମୂଳ ଚୁଳ ପରିବର୍ତନ। ବିପ୍ଳବର ଆଗ୍ନେୟ ସ୍ରୋତ ଦୁନିର୍ବାର। ବିପ୍ଳବ ସୃଷ୍ଟି ମାନାବାତ୍ମା ମୁକ୍ତ ପାଇଁ, ଶୋଷଣ ଅତ୍ୟାଚାରକୁ ପ୍ରତିରୋଧ କରିବା ପାଇଁ। ମଥିତ ଲାଂଛିତ ଦାସ ମଣିଷ ପାଇଁ କେଉଁ ଆଲ୍ଲା, ଗଡ କେଉଁ ଭଗବାନ, ଈଶ୍ୱର , ଜିହୋବା ହାତ ବଢାଇ ମଣିଷକୁ ସାହାଯ୍ୟ କରିନଥାନ୍ତି। ତାର ପ୍ରଭୁ ହେଉଛନ୍ତି ଉଦୀପ୍ତ ଚେତନା ସମ୍ଭୁତ ପ୍ରବଳ ପ୍ରତିରୋଧ କରିପାରୁଥିବା ଜଣେ ଅଟଳ, ଅବିଚଳିତ, ମୁକ୍ତି ସଂଗ୍ରାମୀ ମଣିଷ। ସେହି ଆଗ୍ନେୟ ପ୍ରତିଭା, ସଂଗ୍ରାମୀ ମୁକ୍ତିର ପ୍ରଭଜନର ଅନ୍ୟନାମ ହେଉଛି ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା, ଯିଏ ଜୀବନ ତମାମ କନିକାରାଜାଙ୍କ ୬୪ କର ଖଜଣାରୁ କନିକା ବାସୀଙ୍କୁ ମୁକ୍ତ କରିବା ପାଇଁ ସୃଷ୍ଟି କରିଥିଲେ କନିକା ପ୍ରଜା ଆନ୍ଦୋଳନ କଁଡର ଇଗଲ ସାଜି ଅତ୍ୟାଚାରୀ କନିକା ରାଜାଙ୍କ ଆଖି ହଜାଇଦେଇଥିଲେ ନିଦ୍ରାର ମହୁଲ ନିଶା। କନିକା ପ୍ରଜା ବିପ୍ଳବର ଆଗ୍ନେୟ ସଂଗ୍ରାମର ଫେନିକ ଉଦଗୀରଣକୁ କନିକା ରାଜା ତରବାରୀ , ବର୍ଛା, କମାଣ, ବନ୍ଧୁକ ଗୁଳିରେ ବାରମ୍ବାର ଦମନ କରିଛନ୍ତି। ମାତ୍ର ଆନନ୍ଦ ଚନ୍ଦ୍ରଙ୍କର ପୁସ୍ତକ 'ଦୁଃଖିନୀ କନିକା' ଭୈରବୀ ତାଳରେ ସାରା ଭାରତବର୍ଷରେ ଦେଖା ଦେଇଛି। ଅତ୍ୟାଚାରୀ କନିକା ରାଜାର ଅସଲ ସ୍ୱରୂପ । ତାଙ୍କୁ କନିକା ନରେଶ କରିଛନ୍ତି ନିର୍ବାସିତ, ଅତିଥ୍ୟା ଦ୍ୱାର ଦେଇ ତାଙ୍କ କରିଛନ୍ତି ସର୍ବନାଶ। ତଥାପି ସେ ଥିଲେ ବଜ୍ର ପରି ଅଟଳ , କାୟ ମନୋ ବାକ୍ୟରେ ଅନ୍ୟାୟ ଅତ୍ୟାଚାର ଓ ଶୋଷଣର ପ୍ରତିସ୍ପର୍ଦ୍ଧୀ। ଦୁଃଖିନୀ କନିକାରେ ସେ ଲେଖିଛନ୍ତି।

ଅନ୍ୟାୟ କଲି ଯେବେ ଭାଇ ସେ ଦଣ୍ଡ ପଡୁ ମୋହ ପାଇଁ
ଜୀବନ ଯଦି ଯିବ ଯାଉ ପଛକୁ ନ ହଟିବି ଆଉ
ପ୍ରକୃତ କହୁଁ କହୁଁ ଯେବେ ମୋ ପ୍ରାଣ ଯାଇପାରେ ତେବେ
ମଙ୍ଗଳ ହେବ ଭାଇଙ୍କର ଏଥକୁ କାହିଁ ପାଇଁ ଡର ମରଣ
ପଛେ ମୋତେ ହେଉ କାହାରି ବିପଦ ନ ରହୁ। ସେ ଦିନ ଥିଲା ୧୮୮୪ ମସିହା, ଜୁଲାଇ ମାସ ୧୭ ତାରିଖ ଗୁରୁବାର।

୧୨୯୧ ସାଲ , ଶ୍ରାବଣ ୨୨ ଦିନ ଶୁକ୍ଳ ତ୍ରୟୋଦଶୀ ତିଥି ତୁହା ତୁହାକୁ ବର୍ଷା ଅଜାଡି ହୋଇ ପଡୁଥିଲା ଆକାଶରୁ। ପ୍ରାକ୍ତନ କନିକା ଇଷ୍ଟେଟ ଅନ୍ତର୍ଗତ ଡାଳିକାଏନ୍ଦା ଗ୍ରାମର ଜଣାଶୁଣା ଆଭିଜାତ୍ୟ ଜେନା ବଂଶୀୟ ଗୋଟିଏ ଚାଳ ଗୃହ ମଧ୍ୟରୁ ଠିକ ରାତ୍ର ଅଢେଇ ପ୍ରହରରେ ଶୁଣାଗଲା ଏକ ଭୂମିଷ୍ଠ ଶିଶୁପୁତ୍ରର କୁଆଁ କୁଆଁ ରାବ ଛଅ ଝିଅ ପରେ ପୁତ୍ରଟିକୁ ପାଇଁ ଆନନ୍ଦରେ ଉଲ୍ଲସି ହୋଇ ଉଠିଥିଲେ ଯୁବକ ପୋଲିସ ଖଗେଶ୍ୱର ଜେନା। ବର୍ଷା ଭିଜା ଆକାଶ ପଣତରେ ଥରକୁ ଥର ମୁହଁ ଲୁଚାଉଥିବା ତ୍ରୟୋଦଶ ତିଥିର ଚନ୍ଦ୍ରକୁ ଚାହିଁ ପୁତ୍ରର ନାମ ରଖିଥିଲେ ଆନନ୍ଦ ଚନ୍ଦ୍ର।

ସ୍ୱାଧୀନ ଚରଣ ଖଗେଶ୍ୱର ଘଟଣା ଚକ୍ରରେ ବିଶ୍ରାମ ପୋଲିସ ବାହିନୀକୁ ତ୍ୟାଗ କରି ଜୀତିବା ଉଦ୍ଦେଶ୍ୟରେ ଯାଆନ୍ତି କଲିକତା ସହର ସ୍ଥିତ ଜଗଦଳପୁରକୁ ଏକ ଲୁହା କଂଟା ଦୋକାନ କରିବାକୁ। ଶିଶୁ ଆନନ୍ଦ ଚନ୍ଦ୍ର ପ୍ରାଥମିକ ଶିକ୍ଷା ସମାପ୍ତ କରି ଚାନ୍ଦବାଲି ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କଲାବେଳେ ପ୍ରଥମେ ଶୁଣିଥିଲେ କନିକା ରାଜାଙ୍କର ଅତ୍ୟାଚାରର କାହାଣୀ। ତା ପରେ ସେ କନିକା ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ କରିବାକୁ ତାଙ୍କ ମନରେ ବିଦ୍ରୋହର ବୀଜ ବପନ ହୁଏ, ମାତ୍ର କନିକା ରାଜାଙ୍କ ରାଜ କର୍ମଚାରୀଙ୍କ ଦ୍ୱାରା ଅପମାନିତ ହୋଇ ନିଜ ପିତାଙ୍କ ନିକଟକୁ ଯାଇ ସେଠାରେ ଏଂଟ୍ରାନ୍ସ ପାଶ କରିବା ପରେ କିଛିଦିନ ଖ୍ୟାତିନାମ ଆଇନଜୀବୀ ଦେଶ ସେବକ ଚିରଂଜନ ଦାସଙ୍କ ନିକଟରେ ମୁକ୍ତାର କାମ କଲେ। ଏହି ଠାରେ ସେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ବିପ୍ଳବୀ ଅରବିନ୍ଦ ଘୋଷ (ପରେଯୋଗୀ ଅରବିନ୍ଦ) ରାସ ବିହାରୀ ବୋଷଙ୍କ ପରେ ବିଶିତଷ୍ଟ ସ୍ୱାଧୀନତା ସଂଗ୍ରାମର ଲଢେଇ କରିବାର ପ୍ରଚଣ୍ଡ ସ୍ପୃହା ଜାତ ହୋଇଥିଲା ଏହାପରେ ବଙ୍ଗଭଙ୍ଗ ଆନ୍ଦୋଳନରେ ଗିରଫ ହେଲା ପରେ ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମରେ ଜଣେ ପ୍ରଥମ ଓଡିଆ ଛାତ୍ର ଭାବେ ଯୋଗ ଦେଇଥିଲେ। ସେଠାରେ ସରୋଜିନି ନାଇଡୁ, ଈଶ୍ୱର ଲାଲ ବ୍ୟାସ, ଆଚାର୍ଯ୍ୟ କୃପାଳିନଦୀ, ଡଃ ସାବରକ୍ୟ, ମନମୋହନ ମାଲବ୍ୟଙ୍କ ନିକଟତର ହୋଇ ବିପ୍ଳବ ଚେତନାକୁ ଆହୁରି ଶାଣିତ କରିଥିଲେ, ଉକ୍ତ ପ୍ରହ୍ଲାଦଙ୍କ ସମ୍ବନ୍ଧରେ ତାଙ୍କର ମୌଳିକ ଚିଂଧାରାରେ ମୁଗ୍ଧ ହୋଇ ଗାନ୍ଧିଜୀ ତାକୁ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଭାବେ ଚିହ୍ନଟ କରିଥିଲେ।

ନିଜ ମାତୃଭୂମି କନିକାକୁ ଫେରିଲା ପରେ ତତକାଳୀନ କନିକା ରାଜବଂଶର ୩୪ ତମ ରାଜା ରାଜେନ୍ଦ୍ର ନାରାୟଣ ଭଂଜଦେବ (୧୯୦୯ ରୁ ୧୯୪୮ ମସିହା) ଚଉଷଠି କର ବସାଇ ପ୍ରଜାମାନଙ୍କ ଜୀବନ ଦୁର୍ବିସହ କରିଦେଇଥିଲେ। ୧୯୧୪ ମସିହାର ଦୁର୍ଭିକ୍ଷରେ ପ୍ରପୀଡିତ କନିକା ବାସୀଙ୍କ ଉପରେ ରାଜାଙ୍କର କର ଓ ଅତ୍ୟାଚାର ପ୍ରଜାଙ୍କ ଦୁଃଖ ଦୁର୍ଦ୍ଦଶାକୁ ବହୁ ଗୁଣିତ କରିଥିଲା।

ଏହାପରେ ସେ ତାଙ୍କର ଜନ୍ମସ୍ଥାନ ଡାଳିକାଏନ୍ଦର ମେଘପୁର ଗ୍ରାମର ଶେଷ ମୁଣ୍ଡରେ କେବର୍ତ୍ତା ପୋଖରୀ ପାଖରେ ଏକ ବିଦ୍ୟାଳୟ ସ୍ଥାପନ କରି ଅତ୍ୟାଚାରୀ ରାଜତନ୍ତ୍ର ବିରୁଦ୍ଧରେ ଜନସାଧାରଣଙ୍କୁ ସଙ୍ଗଠିତ କରିବାକୁ ଲାଗିପଡିଲେ। ଏହି ବିଦ୍ୟାଳୟରେ ନିଜେ ଶିକ୍ଷକତା କରୁଥିଲା ସମୟରେ ତାଙ୍କର ଅଗ୍ନିବର୍ଷା ଲେଖନୀରୁ ନିସୃତ ହୋଇଥିଲା ଦୁଃଖିନୀ କନିକା ନପର ଶାଣିତ ରଚନା। ଏହି ପୁସ୍ତକ କନିକା ପ୍ରଜାମାନଙ୍କ ପ୍ରାଣରେ ବିଦ୍ରୋହର ନିଆଁ ଜଳାଇ ଦେଇଥିଲା। ଉତ୍କଳ ମଣି ଗୋପବନ୍ଧୁ ସେହି ସମୟରେ ଓ ପୁସ୍ତକ ପଢିଲେଖିଥିଲେ।

ଦୁଃଖିନୀ କନିକା ପୁସ୍ତକ ଇଂରାଜୀରେ ଗୋପବଂଧୁଙ୍କ ଦ୍ୱାରା ଅନୁଦିତ ହୋଇ ଗାନ୍ଧିଜୀଙ୍କ ୟଙ୍ଗ ଇଣ୍ଡିଆ ପତ୍ରିକାରେ ପ୍ରକାଶ ପାଇଲା ପରେ କନିକା ରାଜାଙ୍କ ଅସଲ ସ୍ୱରୂପ ଉନ୍ମୋଚିତ ହୋଇ ଯାଇଥିଲା। ତେଣୁ ରାଜା ଉତକ୍ଷିପ୍ତ ହୋଇ ନିଜ ରାଜ୍ୟରେ ଦୁଃଖିନୀ କନିକା ପୁସ୍ତକକୁ ବେଆଇନ ଘୋଷଣା କରି ଆନନ୍ଦ ଚନ୍ଦ୍ରଙ୍କୁ ଗିରଫ କରିବାକୁ ଶପଥ ନେଇଥିଲେ। ମେଘପୁର ବେବର୍ତ୍ତା ପୋଖରୀ ହୁଡାରେ ଏକ ସଭା ଆୟୋଜିତ କରି ପ୍ରଜାମାନଙ୍କୁ ସେ ଉଦବୋଧନ ଦେଉଥିଲାବେଳେ କନିକା ରାଜାଙ୍କ ଅନୁରୋଧ କ୍ରମେ ତତକାଳୀନ ବିଟ୍ରିଶ ସରକାର ଜଗତସିଂହପୁର ଦେୱାନ ବାହାଦୂର ଶ୍ରୀକୃଷ୍ଣ ମହାପାତ୍ରଙ୍କୁ ଏଠାକୁ ପଠାଇଥିଲେ। ଭାରତ ସ୍ୱାଧୀନତାକୁ ବାରମ୍ବାର ପଣ୍ଡକରିଥିବା ଏହି ଦେଶ ବିଦ୍ରୋହୀ ଶ୍ରୀକୃଷ୍ଣ ମହାପାତ୍ରଙ୍କ ନିର୍ଦ୍ଦେଶରେ ଆଖିବୁଜା ଗୁଳି ଚଳାଇଥିଲା ପୋଲିସ, ଦୁଇ ନିରୀହ ଆନ୍ଦୋଳନକାରୀ ବାସୁସେଠୀ ଓ ବିଶୁନି ମଢୁଆଲ ସେହି ଗୁଳି ଚୋଟରେ ପ୍ରାଣ ହରାଇଥିଲେ। ରକ୍ତରଂଜିତ ଜାଲିୱାନାବାଗ ଓ ରାକ୍ତ ମାଟି ଇରମର ସେଠାରେ ହୋଇଥିଲା ପୁନରାବୃତି। ପ୍ରଜାଙ୍କ ଧନକୁ ଅପହରଣ କରି ଅତ୍ୟାଚାର କରୁଥିବା ଚାଲୁଣିଆ କଚେରୀର ରାଧାଶ୍ୟାମ ଦାସଙ୍କୁ କିନ୍ତୁ ରାଜାସାହେବ ଦେଇଥିଲେ ପୁରସ୍କାର। ପୋଲିସ ଗ୍ରାମ ଗ୍ରାମ ଘରେ ଘରେ ବୁଲି ଆରମ୍ଭ କରିଥିଲା ଦମନଲୀଳା

ଶେଷରେ କନିକାରାଜା ବିପ୍ଳବୀ ଆନନ୍ଦଚନ୍ଦ୍ରଙ୍କୁ କନିକାରୁ ନିର୍ବାସିତ କରିଥିଲେ। ତାଙ୍କର ଥିବା ପୈତୃକ ୪୨ ଏକର ସମ୍ପତିକୁ ବ୍ୟାଜାପ୍ତି କରି ଦେଲେ ନିଜେ କନିକା ରାଜା ଶେଷରେ ଖବର ପାଇ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀ, ଯଦୁମଣି ମଙ୍ଗରାଜ, ସନ୍ତୁଚରଣ ବେହେରା, ଡଃ ଅଟଳ ବିହାରୀ ଆଚାର୍ଯ୍ୟ, ମୁଖ୍ୟ ସଂଯୋଜିକା ରାମ ଦାସ ବାବାଜୀ ମାନେ କନିକା ରାଜାଙ୍କ ବିରୁଦ୍ଧରେ ବିକ୍ଷୋଭ କରିଥିଲେ। ନିରୂପାୟ ହୋଇ ପିଲାଛୁଆଙ୍କୁ ସଙ୍ଗରେ ଧରି କେନ୍ଦ୍ରାପଡା ସହର ଅଂର୍ଗତ ହଜାରୀବଗିଚା ଗ୍ରାମକୁ ଆସି ବସବାସ କରିଥିଲେ ଆନନ୍ଦ ଚନ୍ଦ୍ର। ତାଙ୍କର ଏକ କୁଟୀର ଥିଲା ସ୍ୱାଧୀନତା ସଂଗ୍ରାମୀଙ୍କ ମିଳନ କ୍ଷେତ୍ର ଏଠାରେ ଉତ୍କଳ ମଣି ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ, ରଘୁନାଥ ମହାନ୍ତି, ଘନଶ୍ୟାମ ମହାନ୍ତି, ରାଜକୃଷ୍ଣ ବୋଷ, ବ୍ରଜବନ୍ଧୁ ସିଂହ ଓ ଶ୍ରୀଧର ସାହୁଙ୍କ ସହିତ ପ୍ରତ୍ୟହ ସଂପର୍କ ରଖୁଥିଲେ ଆନନ୍ଦ ଚନ୍ଦ୍ର । ଶେଷରେ ତାଙ୍କୁ ଜୀବନରେ ମାରିଦେବା ପାଇଁ ଦୁଇଜଣ ରାଜଭକ୍ତଙ୍କୁ ହଜାରିବଗିଚା ପ୍ରେରଣ କରିଥିଲେ ରାଜା ସାହେବ ଏହି ଦୁଇଜଣ କନିକାବାସୀ ରାଜାଙ୍କ ବିରୁଦ୍ଧରେ ମିଥ୍ୟା ପ୍ରଳାପ କରି ତାଙ୍କ ବାସଭବନରେ ତାଙ୍କ ଖାଦ୍ୟରେ ବିଷ ମିଶାଇ କନିକା ଫେରିଯାଇଥିଲେ। ବନ୍ଧୁ ଡାକ୍ତର କାଟୁଳ ବିହାରୀ ଆଚାର୍ଯ୍ୟ ଓ କମ୍ପାଉଣ୍ଡର ବ୍ରଜବନ୍ଧୁ ସିଂହଙ୍କ ଅକ୍ଲାନ୍ତ ପ୍ରଚେଷ୍ଟା ସତ୍ତ୍ୱେ ଏ ବିପ୍ଳବୀ ବୀର ଆନନ୍ଦ ଚନ୍ଦ୍ରଙ୍କର ୧୯୪୬ ମସିହା ଜାନୁଆରୀ ମାସ ୨୭ ତାରିଖ ଦିନ ଦେହାନ୍ତ ହୋଇଯାଇଥିଲା। ଏଥି ପୂର୍ବରୁ ସେ ଜୀବିକା ନିର୍ବାହ କରିବା ପାଇଁ କେନ୍ଦ୍ରାପଡା ଜେଲ ନିକଟରେ ପାନ ଦୋକାନ କଟକରୁ ଆଣି ପିଲାଙ୍କ ବହିପତ୍ର ବିକ୍ରି ଓ ଶେଷରେ ସହର ବୁଲି ବୁଲି ଖବର କାଗଜ ବିକିଥିଲେ। ତଥାପି ଏତେ କଣେ ସତ୍ତ୍ୱେ ଜୀବନର ଶେଷ ମୂହୂର୍ତ୍ତ ପର୍ଯ୍ୟନ୍ତ ବିପ୍ଳବର ବହ୍ନିଶିଖା ତାଙ୍କ ଜୀବନରେ ଅନିର୍ବାଣ ହୋଇରହିଛି, ରହିଥିବ କେତେ କାଳକୁ, ସେ କଥା କିଏ କହିବ।

ଶ୍ରୀ ବଳଦେବଜୀଉ, କେନ୍ଦ୍ରାପଡା
ମୋ-୭୮୭୩୯୮୩୯୧୧

# 'ମନୁଷ୍ୟ ଜୀବନେ ଏ ଲାଭ...

॥ ହିମାଂଶୁ ଶେଖର ସେଠୀ ॥

ଜନ୍ମ ମୃତ୍ୟୁର ନିଗୁଢ଼ ବ୍ୟୁହଭେଦ ମାନବର ସୀମିତ ମନବୃଦ୍ଧିର ଅଗୋଚର। ଏ ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ ବାସ୍ତବରେ ଯିବାଟା ହିଁ ସତ୍ୟ ଯାହା ପ୍ରମାଣ କରେ ପୁଣି ଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ୍ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିକୁ ପଦଚିହ୍ନ ଛାଡ଼ି ଯାଆନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ଗୀତାରେ ଭଗବାନ କହିଛନ୍ତି 'ଯିଏ କାହାକୁ ପୀଡ଼ା ନଦିଏ ତାକୁ କେହି ପୀଡ଼ା ଦିଏ ନାହିଁ। ଯିଏ ହସ ଓ ବିଶାଦ ଭାବ ଛାଡ଼ି ବିଶ୍ୱକୁ ବ୍ରହ୍ମମୟ ଦେଖେ ତାର ମନରେ ଭୟ ନଥାଏ, ସେ ମୋର ପ୍ରିୟ ଅଟେ।' 'ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଯିଏ ନର କର୍ମ ଏକା ତାର ଜୀବନର ମାନ ଦଣ୍ଡ' - ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କେବଳ କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣା କରାଗଲା ତାହା କେବେହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମ ତତ୍ପର ଜୀବନଯାପନ ଓ ସାଧୁ ଆଧ୍ୟାତ୍ମିକ ତଥା ମାନବୀୟ ମୂଲ୍ୟବୋଧ ଜୀବନ ଯାପନ ପ୍ରକୃତ ମାନବିକତାର ପରିଚୟ। ପ୍ରକୃତ ମାନବ ସେବା ପାଇଁ ଲୋକବଳ, ଆର୍ଥିକ ସ୍ୱଚ୍ଛଳତା, ସରକାରୀ ସାହାଯ୍ୟ ଆବଶ୍ୟକ ନାହିଁ। କେବଳ ନିରହଂଭାବ, ଭଗବତ ପ୍ରେମ, ସେବା ମନୋବୃତ୍ତି, ପ୍ରେମ - ପ୍ରଶାନ୍ତ, କ୍ଷମା ଓ ତ୍ୟାଗଭାବ ଉପରେ ଆଧାରିତ ବଳିଷ୍ଠ ମନୋବୃତ୍ତି ହିଁ ସମାଜକୁ ବଦଳାଇବାରେ ସହାୟକ ହୋଇପାରିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ନିଜସ୍ୱ ଶକ୍ତି, ସମୟ, ଜ୍ଞାନ, ସମ୍ପତ୍ତିର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ରବୀନ୍ଦ୍ର ସେଠୀଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି। ଯାହା ସମଗ୍ର ମାନବ ଜାତିକୁ ସବୁ ସମୟରେ ପ୍ରେରଣା ଯୋଗାଇବ।

ଏ ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣି ଥରେ ଆସିବାକୁ। ମାତ୍ର ଯେଉଁମାନେ ପରମ ପୁରୁଷ ଭଗବତ୍ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ।

ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ହେଲେ ସ୍ୱର୍ଗତଃ ରବୀନ୍ଦ୍ର ସେଠୀ। ଯାହାଙ୍କ ଜନ୍ମକ୍ଷେତ୍ର ଓ କର୍ମକ୍ଷେତ୍ର ଥିଲା ଭଣ୍ଡାରିପୋଖରୀ ଅନ୍ତର୍ଗତ ଫତେପୁର ଗ୍ରାମ। ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଆଧ୍ୟାତ୍ମିକ ସମାଜ ସେବାକୁ ତାଙ୍କ ବ୍ରତ ଭାବେ ଗ୍ରହଣ କରିଥିଲେ। ବୃତ୍ତି ଥିଲା ବ୍ୟବସାୟ କିନ୍ତୁ ପ୍ରବୃତ୍ତି ଥିଲା ସମାଜ ସେବା। ପାର୍ଥିବ ଦୁନିଆରେ ସେ ଛାଡ଼ି ଯାଇଛନ୍ତି ତାଙ୍କ ସହଧର୍ମିଣୀ ବାସନ୍ତୀ ସେଠୀ ଓ ତିନିଭାଇ ଜୟକୃଷ୍ଣ, ହୃଷିକେଶ ଓ ସନାତନ ସେଠୀ ଓ ଜଣେ ଭଉଣୀଙ୍କୁ। ତାଙ୍କର ଦୁଇପୁଅ ରାଜେନ୍ଦ୍ର ଓ ବିଜେନ୍ଦ୍ର ମଧ୍ୟ ପିତାଙ୍କ ସାମାଜିକ ସେବା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଛନ୍ତି ଓ ବଡ଼ବୋହୂ ଲକ୍ଷ୍ମୀପ୍ରିୟା ସେଠୀ ମଧ୍ୟ। ପରିବାରର ପୁତୁରା ହିମାଂଶୁ ଶେଖର ସେଠୀ, ବୋହୂ ମୋନାଲିସା, ଗୀତାରଣୀ ଓ ଅନ୍ୟମାନେ ମଧ୍ୟ ନିଜକୁ ସାମିଲ କରିଛନ୍ତି। ତାଙ୍କ ପରଲୋକରେ ପରମହଂସ ସ୍ୱାମୀ ପ୍ରଜ୍ଞାନନନ୍ଦଜୀ ମହାରାଜ, ପଦ୍ମଶ୍ରୀ ଶ୍ରୀମଦ ବଳିଆ, ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଓ ସତ୍ୟସାଇ ସଙ୍ଗଠନର ପ୍ରମୁଖ କର୍ତ୍ତାମାନେ ଶୋକବ୍ୟକ୍ତ କରିଛନ୍ତି। 'ମାନବ ଜୀବନ ନୁହଁଇ କେବଳ, ବର୍ଷ ମାସ ଦିନ ଦଣ୍ଡ। କର୍ମେ ଜୀଏ ନର କର୍ମ ଏକା ତା'ର, ଜୀବନର ମାନଦଣ୍ଡ।' ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କେବଳ କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା, ତାହା କେବେ ହେଲେ ଜୀବନର ମୂଲ୍ୟାଙ୍କନର ମାପକାଠି ହୋଇନପାରେ। ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଜୀବନଯାପନ କରିବା ପ୍ରକୃତ ମାନବିକତାର ପରିଚୟ।

ଭଗବାନ ଶ୍ରୀ ସତ୍ୟସାଇ ବାବା ଏକ ସମ୍ଭାଷଣରେ କହିଛନ୍ତି - 'ଜନ୍ମ-ମୃତ୍ୟୁର ଚକ୍ରରୁ ମୁକ୍ତି ପାଇବା ପାଇଁ ତୁମ ସମସ୍ତଙ୍କ ହାତରେ ଖଣ୍ଡିଏ ଲେଖାଏଁ ଟିକେଟ ଅଛି ମାତ୍ର ଏଥିପାଇଁ କେଉଁ ଗାଡ଼ିରେ ଚଢ଼ିବାକୁ ହେବ, ତୁମେ ଜାଣି ନପାରି ବାଟବଣା ହେଉଛ। ସଂସାରରୂପୀ ଜଙ୍ଗଲରେ ନାନା ଦୃଶ୍ୟ ଦ୍ୱାରା ଆକୃଷ୍ଟ ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛ।' ଜୀବ ଆସିଥାଏ ଜୀବ ଯିବା ପାଇଁ। ପ୍ରକୃତିର ଏହି ସ୍ୱତଃ ସିଦ୍ଧ ଶାଶ୍ୱତ ତଥା ଅନନୁଲଂଘନୀୟ ନିୟମକୁ ସମସ୍ତଙ୍କୁ ମାନିବାକୁ ପଡ଼ିବ। ଗୀତାରେ ଭଗବାନ କହିଛନ୍ତି 'ସେ କାହାକୁ ପୀଡ଼ା ନ ଦିଏ, ତାକୁ କେହି ପୀଡ଼ା ଦିଏ ନାହିଁ। ଯିଏ ହର୍ଷ ଓ ବିଷାଦଭାବ ଛାଡ଼ି ବିଶ୍ୱକୁ ବ୍ରହ୍ମମୟ ଦେଖେ ତା'ର ମନରେ ଭୟ ନଥାଏ, ସେ ମୋର ପ୍ରିୟ ଅଟେ।' ଜଗତକୁ ଆସିଲେ, ଜଗତ ଛାଡ଼ିବା ଜୀବ ପାଇଁ ଏକ ନିଶ୍ଚିତ ସତ୍ୟ। ମଣିଷ ଆସେ ଯେଉଁ ଅନନ୍ତ ସତ୍ତା ମଧ୍ୟରୁ, ତାର ଫେରିବା ନିଶ୍ଚିତ ହୋଇଥାଏ ସେହି ସତ୍ତା ମଧ୍ୟରେ ବିଲୀନ ହୋଇଯିବା ପାଇଁ। ମାତ୍ର ବାଟ ଚାଲିବା ବେଳେ ବାଟ ହୁଡିଲେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ହୋଇଯାଏ କାହାରି କାହାରି ପକ୍ଷରେ କଷ୍ଟସାଧ ଅଥବା ଅସମ୍ଭବ। ଯେ, ପ୍ରକୃତ ମାନବ ସେବା ପାଇଁ ଲୋକବଳ ଆର୍ଥିକ ସ୍ୱଚ୍ଛଳତା ବା ସରକାରୀ ସାହାଯ୍ୟର ଆବଶ୍ୟକ ନାହିଁ। କେବଳ ନିରହଂଭାବ, ଭଗବତପ୍ରେମ ସେବା ମନୋବୃତ୍ତି, ପ୍ରେମ ଭାବ, ପ୍ରଶାନ୍ତି ଭାବ, କ୍ଷମା ଭାବ ଓ ତ୍ୟାଗ ଭାବ ଉପରେ ଆଧାରିତ ବଳିଷ୍ଠ ମନୋବୃତ୍ତି ହିଁ ସମାଜକୁ ବଦଳାଇବାରେ ସହାୟକ ହୋଇପାରିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ନିଜସ୍ୱ ସଂପତ୍ତି; ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ସେ ଯେପରି ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି, ତାହା ଆମ୍ଭମାନଙ୍କୁ ସବୁ ସମୟରେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ।ରବୀନ୍ଦ୍ରଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିର ସ୍ମୃତିପଟ୍ଟରୁ ସେ କେବେହେଲେ ତିରୋହିତ ହୋଇପାରନ୍ତି ନାହିଁ। ଏହି ଭକ୍ତିସିଦ୍ଧ ଦିବ୍ୟାତ୍ମାଙ୍କ ପ୍ରତି ଆମ ଅନ୍ତରର ପ୍ରଦେଶର ଭକ୍ତି ଅର୍ଘ୍ୟ ଅର୍ପଣ କରୁଛି। ପରମାଶାସ୍ତ୍ର ଭାଗବତର ଏକ ଅମୂଲ୍ୟ ପଂକ୍ତିରେ ଭକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ଉଲ୍ଲେଖ କରୁଛି ସେହି ଭାଗବତର ବାଣୀଟିକୁ - 'ମନୁଷ୍ୟ ଜୀବନେ ଏ ଲାଭ, ଯଦି ଗୋବିନ୍ଦେ କରେ ଭାବ'।

ଭଦ୍ରକ, ଦୂରଭାଷ : ୭୯୭୮୩୬୨୮୫୬

# ଫଇସଲା ଅପେକ୍ଷାରେ ୧୬ଲକ୍ଷ ମାମଲା

॥ ସୌର ଚନ୍ଦ୍ର ମହାପାତ୍ର ॥

ଓଡ଼ିଶାର ବିଭିନ୍ନ ଆଇନ ଅଦାଲତ ଗୁଡ଼ିକରେ ପାଖାପାଖି ୧୩ ଲକ୍ଷ ଫୌଜଦାରୀ ମାମଲା ସମେତ ପ୍ରାୟ ୧୬ ଲକ୍ଷ ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଗୋଟିଏ ପଟେ ମାମଲା ସଂଖ୍ୟା ବଢ଼ି ଚାଲୁଥିବା ବେଳେ ଅନ୍ୟ ପଟେ ସରକାର ନୂଆ ଅଦାଲତ ପ୍ରତିଷ୍ଠା କରୁଥିଲେ ମଧ୍ୟ ପରିସ୍ଥିତିରେ ଆଶାନୁରୂପ ସୁଧାର ଆସୁନାହିଁ। ଯେଉଁ ହାରରେ ମାମଲା ସଂଖ୍ୟା ବଢୁଛି ଓ ଫଇସଲା ହେଉଛି ତାହା ଅବ୍ୟାହତ ରହିଲେ ଏବେ ବିଚାରାଧୀନ ଥିବା ସମସ୍ତ ମାମଲା ଫଇସଲା ହେବାକୁ ଅତିକମରେ ୩୦ରୁ ୪୦ ବର୍ଷ ସମୟ ଲାଗିଯିବ ବୋଲି ଅଭିଜ୍ଞ ଆଇନଜୀବୀମାନେ ମତବ୍ୟକ୍ତ କରୁଛନ୍ତି। ଉଦବେଗର କଥା ହେଉଛି ଯେ ଆଜିର ଦିନରେ ବି ଆଇନ ଅଦାଲତଗୁଡ଼ିକରେ ୩୦ ବର୍ଷରୁ ପୁରୁଣା ହଜାର ହଜାର ମାମଲା ବିଚାରା ପ୍ରତୀକ୍ଷାରେ ରହିଛି।

ଓଡ଼ିଶା ହାଇକୋର୍ଟରେ ପ୍ରାୟ ଏକ ତୃତୀୟାଂଶ ବିଚାରପତି ପଦବୀ ଖାଲି ପଡ଼ିଥିବା ବେଳେ ଯେତିକି ମାମଲା ରହିଛି ସେଗୁଡ଼ିକର ସୀମିତ ସମୟ ମଧ୍ୟରେ ଫଇସଲା କରିବା ପାଇଁ ଅନୁନ୍ୟ ୪୫ ଜଣ ବିଚାରପତିଙ୍କ ଆବଶ୍ୟକତା ରହିଥିବା ଆଇନଜ୍ଞମାନେ କହୁଛନ୍ତି। ପୂର୍ବରୁ ଓଡ଼ିଶା ହାଇକୋର୍ଟ ଲାଗି ୨୭ଟି ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ଥିବାବେଳେ ପରେ ଆଉ ଛଅଟି ନୂଆ ପଦବୀ ସୃଷ୍ଟି କରାଯାଇ ଏହି ସଂଖ୍ୟା ୩୩କୁ ବୃଦ୍ଧି କରାଯାଇଥିବା ବେଳେ ଏବେ ଏଠାରେ ୨୨ଜଣ ବିଚାରପତି କାର୍ଯ୍ୟରତ ଥିବା ସୂଚନା ବିଧାନସଭାରେ ଦେଇଛନ୍ତି ଆଇନମନ୍ତ୍ରୀ ଜଗନ୍ନାଥ ସାରକା। ତାଙ୍କ ତଥ୍ୟ ମୁତାବକ ଓଡ଼ିଶା ହାଇକୋର୍ଟରେ ମୋଟ ୧ ଲକ୍ଷ ୯୦ ହଜାରରୁ ଅଧିକ ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଉଲ୍ଲେଖନୀୟ ଯେ ପ୍ରବଳ ମାମଲା ବୋଝକୁ ହାଲୁକା କରିବା ପାଇଁ ହାଇକୋର୍ଟର ବିଚାରପତିମାନେ ନିରନ୍ତର ପ୍ରଚେଷ୍ଟା ଜାରି ରଖିବା ସଙ୍ଗେ ସଙ୍ଗେ ଲୋକ ଅଦାଲତ ମାଧ୍ୟମରେ ବି ଅନେକ ମାମଲାର ସମାଧାନ କରୁଛନ୍ତି।

ତେବେ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣରେ ପ୍ରାୟ ୭୦ ହଜାର ମୂଳ, ବିବିଧ ଓ ଅଦାଲତ ଅବମାନନା ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ଏଗୁଡ଼ିକର ତ୍ୱରିତ ଫଇସଲା ଉପରେ ଗୁରୁତ୍ୱ ନ ଦେଇ ରାଜ ସରକାରଙ୍କ ସୁପାରିସ କ୍ରମେ କେନ୍ଦ୍ର ସରକାର ସାଟ ଉଚ୍ଛେଦ କରିବାରୁ ଏହି ମାମଲା ଗୁଡ଼ିକର ଚାପ ହାଇକୋର୍ଟଙ୍କ ଉପରକୁ ଆସିଛି। ସାଟରେ ୬ଜଣ ବିଚାରପତିଙ୍କ ଦ୍ୱାରା ଭୁବନେଶ୍ୱର, କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଚାକିରି, ପେନସନ ଆଦି ସଂକ୍ରାନ୍ତୀୟ ମାମଲା ଗୁଡ଼ିକର ଶୁଣାଣି ହେଉଥିଲା।

ଏବେ ହାଇକୋର୍ଟରେ ଏକାଧିକ ବେଞ୍ଚରେ ଏହି କିସମର ମାମଲା ସବୁ ତାଲିକାଭୁକ୍ତ ହେଉଥିଲେ ମଧ୍ୟ ସଂପୃକ୍ତ ବିଚାରପତିମାନଙ୍କୁ ଆଉ ଅନେକ କିଷମର ମାମଲା ଶୁଣିବାକୁ ପଡୁଛି। ହାଇକୋର୍ଟରେ ଅନୂନ ୮ଟି ସ୍ୱତନ୍ତ୍ର ସର୍ଭିସ ଓ ପେନସନ ସଂକ୍ରାନ୍ତୀୟ ମାମଲା ଗୁଡ଼ିକର ଫଇସଲା ସୀମିତ ସମୟ ମଧ୍ୟରେ ହୋଇପାରିବ। ଯଦି ଏହା କରାଯାଇପାରୁ ନାହିଁ, ତେବେ କେନ୍ଦ୍ରୀୟ ପ୍ରଶାସନିକ ନାୟାଧିକରଣ ଢ଼ାଞ୍ଚାରେ ପୁଣି ସାଟକୁ କାର୍ଯ୍ୟକ୍ଷମ କରିବା ଲାଗି ଆଇନଜୀବୀ ମହଲରୁ ମତ ପ୍ରକାଶ ପାଇଛି। ହାଇକୋର୍ଟରେ ବିଚାର ପ୍ରତୀକ୍ଷାରେ ଥିବା ମାମଲାଗୁଡ଼ିକ ମଧ୍ୟରୁ ପାଖାପାଖି ୫୦ ହଜାର ଫୌଜଦାରୀ ମାମଲା। ହାଇକୋର୍ଟରେ ବିଚାରାଧୀନ ଥିବା ମାମଲା ଗୁଡ଼ିକ ମଧ୍ୟରୁ ୪୪ ହଜାରରୁ ଅଧିକ ୫ରୁ ୧୦ ବର୍ଷ ଧରି ରହିଥିବାବେଳେ ୨୭ ହଜାରରୁ ଅଧିକ ମାମଲା ୧୦ରୁ ୨୦ ବର୍ଷ ଧରି ଗଡୁଛି। ଏମିତିକି ଏଠାରେ ପାଖାପାଖି ୫ ହଜାର ମାମଲା ୨୦ରୁ ୩୦ ବର୍ଷ ଧରି ବିଚାର ପ୍ରତୀକ୍ଷାରେ ଥିବାବେଳେ ୯୪୦ଟି ମାମଲା ୩୦ରୁ ବର୍ଷରୁ ଅଧିକ ସମୟ ଧରି ଗଡୁଥିବା ଜାତୀୟ ଜୁଡ଼ିସିଆଲ ଡାଟା ଗ୍ରୀଡ଼ର ତଥ୍ୟ କହୁଛି।

ରାଜ୍ୟର ଆଇନ ଅଦାଲତଗୁଡ଼ିକରେ ୧୨ଲକ୍ଷରୁ ଅଧିକ ଫୌଜଦାରୀ ମାମଲା ବିଚାରା ପ୍ରତୀକ୍ଷାରେ ଥିବାବେଳେ କେବଳ ଦୁର୍ନୀତି ନିବାରଣ ମାମଲାରେ ଦଣ୍ଡବିଧାନ ହାର ପ୍ରାୟ ୫୦ ପ୍ରତିଶତ ରହୁଛି ଏବଂ ଅନ୍ୟ ମାମଲାଗୁଡ଼ିକରେ ଦଣ୍ଡବିଧାନ ହାର ୨ରୁ ୩୦ ପ୍ରତିଶତ ମଧ୍ୟରେ ସୀମିତ ଥିବାରୁ ସଂଖ୍ୟାଧିକ ଅପରାଧିକ ମାମଲାରେ ଅଭିଯୁକ୍ତମାନେ ନିର୍ଦ୍ଦୋଷରେ ଖସି ଯାଉଛନ୍ତି। ଦିନକୁ ଦିନ ନୂଆ ମାମଲା ଦରଜ ହେଉଥିବାବେଳେ ସେ ତୁଳନାରେ ଫଇସଲା ହେବାରେ ବିଳମ୍ବ ହେଉଛି ଯାହାଦ୍ୱାରା ନ୍ୟାୟ ପ୍ରକ୍ରିୟା ମଧ୍ୟ ଏକ ପ୍ରକାର ଧିମେଇ ଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ବିଚାରପତିଙ୍କ ଅଭାବ, ନ୍ୟାୟାଭିତ୍ତିଭୂମିର ଅଭାବ ଓ ଅନେକ କ୍ଷେତ୍ରରେ ପୋଲିସ ପ୍ରଶାସନ ସଠିକ ସମୟରେ କୋର୍ଟରେ ସଠିକ ତଥ୍ୟ ଉପସ୍ଥାପନ କରିବାରେ ବିଳମ୍ବ ମଧ୍ୟ ହେଉଛି ତେଣୁ ଏ ସବୁର ତ୍ୱରିତ ସମାଧାନ ହେଲେ ମାମଲାର ଫଇସଲା ତୁରନ୍ତ ହେବ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬'
ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ

## ପଦାରେ ପଡୁଛି ଠିକାଦାର ଓ ଯନ୍ତ୍ରୀଙ୍କ ମାଧୁଚନ୍ଦ୍ରିକା: ରାତିଅଧରେ ହେଉଛି ପିଚୁ କାମ

କେନ୍ଦୁଝର, (ମହାଭାରତ) : ସରକାର ପ୍ରତି ପଂଚାୟତ ଓ ପ୍ରତି ଗାଁ କୁ ମୁଖ୍ୟ ରାସ୍ତା ସହ ଯୋଡିବା ପାଇଁ ବିଭିନ୍ନ ଯୋଜନା ରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରି ଚାଲିଥିବା ବେଳେ କିଛି ଠିକାଦାର ଓ ଯନ୍ତ୍ରୀଙ୍କ ମଧୁର ସମ୍ପର୍କ ପାଇଁ ରାସ୍ତା ନିମ୍ନ ମାନର ରାସ୍ତା କାମ ହେବାରୁ ବର୍ଷେ ଯାଉନି ରାସ୍ତା ଖରାପ ହୋଇଯାଉଚି ତ କେଉଁଠି ବର୍ଷ ବର୍ଷ ଧରି କାମ ଅଧା ପନ୍ତିରିଆ ହୋଇ ପଡ଼ିରହିଛି ଯାହାକୁ ତରବର ହୋଇ ରାତି ଅଧରେ ପିଚୁ କରାଯାଉଛି। ଏହାର ଜ୍ୱଳନ୍ତ ଉଦାହାରଣ ହେଉଛି ରାଇସୁଆଁରୁ ସାହାଡାପୁର, ସେଣ୍ଡକାପ ରାସ୍ତା ଯାହାରକି କାର୍ଯ୍ୟ ପୁରା ହେବାର ଅବଧି ୯.୧୦.୨୦୨୨ ରେ ଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ରାଇସୁଆଁ ଛକରୁ କବରସ୍ଥାନ ପର୍ଯ୍ୟନ୍ତ ରାସ୍ତାରେ ମାଟି ମୁଠେ ପଡିନି। ଯାହାବି ଅନ୍ୟକାମ ନିମ୍ନମାନର ହୋଇଥିବାବେଳେ କାମ ନସରୁଣୁ ଅନେକ ସ୍ଥାନ ରେ ରାସ୍ତା ଫାଟିବା ସହ ପିଚୁ ଫାଟିଲାଣି। ଠିକାଦାର ତରବର ଭାବରେ ରାତିଅଧରେ ପିଚୁ କାମ କରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ




ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ ରାଇସୁଆଁ - ସାହାଡ଼ାପୁର, ଦେଇ ସେଣ୍ଡକାପ ଯାଇଥିବା ୮. ୬୦୦ କି. ମି ରାସ୍ତାର ନିର୍ମାଣ ଧୀନ ରାସ୍ତାରେ ଖାଲଖମା ରେ ଭର୍ତି ହେତୁ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁ ଥିବା ଦେଖିବା ପାଇଁ ମିଳୁଛି। ଏହି ରାସ୍ତା ଦେଇ ପ୍ରତିଦିନ ପ୍ରାୟ ୪ ଟି ପଞ୍ଚାୟତର ଲୋକ ସଦର ମହକୁମାକୁ ଯାତାୟାତ କରନ୍ତି।ଏହି ରାସ୍ତାରେ ଛାତ୍ର ଛାତ୍ରୀ,ଆମ୍ବୁଲାନ୍ସ,ତଥା ଅନେକ ଅନେକ ଗାଡ଼ି ଯାତାୟାତ କରିଥାଏ। ଯାହାପାଇଁ ଅନେକ ସମୟରେ ଗାଡିରେ ଯାନ୍ତ୍ରୀକ ତ୍ରୁଟି ଘଟି ଘଣ୍ଟା ଘଣ୍ଟା ଅଟକି ରହିଥାଏ। ୬୯୬.୨୯ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଏହି ରାସ୍ତା କାମ ୧୦.୧.୨୦୨୨ ରୁ ଆରମ୍ଭ ହୋଇ ୯.୧୦.୨୦୨୨ ରେ ସରିବାର ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଜତିନ ସାହୁ ନାମକ ଠିକାଦାର ଏହି ରାସ୍ତା କାମ କରୁଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ରାସ୍ତାର ଅନେକ କାମ ବାକି ଅଛି । ବିଶେଷ କରି ରାଇସୁଆଁ ଠାରୁ କବରସ୍ଥାନ ପର୍ଯ୍ୟନ୍ତ ରାସ୍ତାରେ ଆଜିପର୍ଯ୍ୟନ୍ତ ମୁଠେ ମାଟି ପଡିନି ଯାହାକି ଏବେ ପାଲଟିଛି ମରଣ ଯନ୍ତା।ଗତ ବର୍ଷ ଡିସେମ୍ବର ୧୭ ତାରିଖ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମୁକୁନା ସ୍ଥିତ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ରେ ଯୋଗ ଦେବାପାଇଁ ଗସ୍ତ ସମୟରେ ଜଳବଙ୍ଗ ଅରଡେଇ ନଦୀ ପୋଲ ନିକଟର ରାସ୍ତାକୁ ଯୁଦ୍ଧ କାଳୀନ ଭିତିରେ ମେଟାଲ ଓ ପଥର ଗୁଣ୍ଡ ପକାଇ ଠିକାଦାର ରାସ୍ତାକୁ ବନାଇ ଦେଇଥିଲେ କାମ ବନ୍ଦକରିଦେଇଥିଲେ । ଅଳ୍ପଦିନ ପରେ ରାସ୍ତା ଅବସ୍ଥା ଆହୁରି ଖରାପ ହୋଇ ଯାଇଥିଲା। ବାରମ୍ବାର ସ୍ଥାନୀୟ ଲୋକ ବିଭାଗିୟ ଅଧିକାରୀ ଙ୍କୁ କହିବାପରେ ତିନି ମାଷ ତଳେ ଜାହୀତାଇ କରି ପୋଲ ନିକଟରେ ପିଚୁ ପକାଇ ପୁନର୍ବାର କାମ ବନ୍ଦ କରିଦେଇଥିଲେ। ଯାହାକି ଏବେ ଉଠିବାରେ ଲାଗିଲାଣି। ଅଂଚଳବାସୀ ବାରମ୍ବାର ବିଭାଗିୟ ଯନ୍ତ୍ରୀ ଙ୍କୁ କହିବା ପରେ ଗତକାଲି ରାତି ପ୍ରାୟ ୧୧ ଟା ସମୟରେ ଠିକା ସଂସ୍ଥା ଦ୍ୱାରା ପିଚୁକାମା କରା ଯାଉଥିବା ଦେଖି ଗ୍ରାମର କିଛି ଯୁବକ କାମକୁ ବିରୋଧ କରିବା ସହ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜାଣକ୍ଷବାପରେ ସେ ଏ ବାବଦ ରେ କିଛି ଯାଣୀନଥିବା କହିବା ସହ ବୁଝିବେ ବୋଲି କହିଥିଲେ। ପୁନର୍ବାର ଆଜି ପଚାରିବାରୁ ଦୋଷ ଛଡ଼ାଇବା ପାଇଁ ଯାଇ ସେ ବୁଧବାର ଦିନ । କନିଷ୍ଠ ଯନ୍ତ୍ରୀଙ୍କୁ ଦେଖିବାପାଇଁ ପଠାଇଥିବା କଥା କହିଥିବା ବେଳେ ଗୁରୁବାର ଦିନ ସେ ନିଜେ ଯିବେ ବୋଲି କହିଥିଲେ । ତେବେ ବିନା କନିଷ୍ଠ ଯନ୍ତ୍ରୀ ବା ବିଭାଗର କୌଣଶି ଅଧିକାରୀଙ୍କ ଉପସ୍ଥିତିରେ ରାତିଅଧରେ ପିଚୁ ପକାଇବା ବିଭାଗର ପାରିବା ପଣିଆକୁ ପଦାରେ ପକାଇବା ସହ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରୀକାକୁ ପଦାରେ ପକାଉଛି। ୯.୧୦.୨୦୨୨ ରୁ କାର୍ଯ୍ୟ ସାରିବାର ଅବଧି ପୁରି ଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କାମାନସାରିବା ପରେ ମଧ୍ୟ ବିଭାଗ ତରଫରୁ କୌଣଶି ପଦକ୍ଷେପ ନନେବା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଅନେକ ସତ୍ୟ ଉପରୁ ପରଦା ଉଠିପାରିବା ସହ ଠିକାଦାର ଓ ଯନ୍ତ୍ରୀଙ୍କ ସମ୍ପର୍କ ବାହାରକୁ ଆସିପାରିବ । ସଦର ମହକୁମା ଠାରୁ ୮ କିଲୋମିଟର ଦୂର ଓ ଖୋଦ ମୁଖ୍ୟମନ୍ତ୍ରୀ ଙ୍କ ନିର୍ବାଚନ ମଣ୍ଡଳୀରେ ଯଦି ଏପରି ଅବହେଳା ତେବେ ଅନ୍ୟ ସ୍ଥାନ ମାନଙ୍କରେ କଣ ହେଉଥବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ସମୂହ ଦୀପଦାନ



ବାଲିଚନ୍ଦ୍ରପୁର, (ମହାଭାରତ) : ପ୍ରତିବର୍ଷ ପରି ବଡ଼ଚଣା ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ସ୍ମୃତିରେ ସମୂହ ଦୀପଦାନ ଉତ୍ସବ ପଲେଇ ବାରବାଟୀ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମୀ ଏକାଡ଼େମୀ ବନ୍ଦରେଶ୍ୱର, ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ ସ୍ମୃତି ସଂସଦ, ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ମାନଧାତ ସ୍ମୃତି ପରିଷଦ ବିକ୍ରମତିରଣ ମିଳିତ ଆନୁକୂଲ୍ୟରେ ଏହି ନିଆରା ସମୂହ ଦୀପଦାନ ଉତ୍ସବକୁ ଅତିରିକ୍ତ ପୋଲିସ ଅଧିକ୍ଷକ ତଥା ସଂଗ୍ରାମୀ ଦାୟାଦ ଜୟନ୍ତ କୁମାର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିତ୍ବାବେଳେ ଏକାଡ଼େମୀର ଉପଦେଷ୍ଟା ଶ୍ରୀକାନ୍ତ ସାମଲଙ୍କ ସଂଚାଳନରେ ଆୟୋଜିତ ସଭାରେ ସ୍ତମ୍ଭକାର ତଥା ଇଂରାଜୀ ପ୍ରାଧାପକ ଜଚିନ୍ଦ୍ର ରାଉତ ଉପସ୍ଥିତ ଯୁବପିଢି ଓ ଜନସାଧାରଣଙ୍କୁ ଆମ ଅ□ଳର ମହାନ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପଦାଙ୍କ ଅନୁସରଣ କରି ସମାଜ ଗଠନରେ ନିଜକୁ ସମର୍ପିତ କରିବା ସହିତ ସମାଜରେ ଥିବା ଘୁର୍ଣ୍ୟ ଅସ୍ପୃଶ୍ୟତାକୁ ନିବାରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ରାଜ୍ୟ ସ୍ୱାଦୀନତା ସଂଗ୍ରାମୀ ଉ□ରଦାୟାଦ ସଂଘର ସାଧାରଣ ସମ୍ପାଦକ ବିଜୟ ତ୍ରିପାଠୀ ନିଶାନିବାରଣ ଓ ମୋବାଇଲ ଗେମ୍ ଠାରୁ ନିଜକୁ ଦୁରେଇ ରଖି ଭବିଷ୍ୟତ ଗଠନ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଡ଼ଭୋକେଟ ପ୍ରଫୁଲ୍ଲ କୁମାର ପ୍ରଧାନ, ଚଣ୍ଡିଖୋଲ ବାର ଆସୋସିଏସନ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାଶ ଯୋଗଦେଇ ବଡ଼ଚଣାର ସ୍ୱାଧୀନତା ସଂଗ୍ରାମୀ ମାନେ କିପରି ସ୍ୱାଧୀନତା ଆନ୍ଦୋଳନରେ ଭାଗନେଇଥିଲେ ତାହା ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଭାବରେ ସମାଜସେବୀ ଦେବଦ□ ସାମଲ, ପ୍ରତାପ ଚନ୍ଦ୍ର ଧଳ, ସଂଗ୍ରାମୀ ଦାୟାଦ, ଶିକ୍ଷକ ଶୁଭେନ୍ଦୁ ପରିଡ଼ା, ଦାୟାଦ ପରୀକ୍ଷିତ ସାମନ୍ତରାୟ, ଶିକ୍ଷକ ଶରତ ସାମଲ, ଗୋପାଳପୁର ସରପଂଚ ପ୍ରତିନିଧି ଚିନ୍ମୟ ଶାନ୍ତି, କାର୍ଯ୍ୟକ୍ରମର ଭି□ସ୍ଥାପକ ସୁଧାଂଶୁ ଦାଶ, ସୁଶାନ୍ତ ନାୟକ, ସତ୍ୟାନନ୍ଦ ଦାଶ, ବିଶ୍ୱ ରଞ୍ଜନ ଦାଶ, ଅକ୍ଷୟ ପାଣ୍ଡେ ପ୍ରମୁଖ ଯୋଗଦେଇଥିବା ବେଳେ ପୂର୍ବତନ ସମିତି ସଭ୍ୟ ଦିଲିପ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉମେଶ ସାମଲ, ରଞ୍ଜିତ ଦାସ, ନରେଶ ପ୍ରଧାନ, ଜୀବନଜ୍ୟୋତି ସିଂହ, ରାହୁଲ ଜେନା, ଚନ୍ଦନ ପୁଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଅଶୋକ ସାମଲ, ବିଜୟ ସ୍ୱାଇଁ, କେତୁ ଜେନା, ପ୍ରଦୀପ୍ତ ମଲିକ, ଦୀନବନ୍ଧୁ ସାହୁ, ଜଗନ୍ନାଥ ବେହେରା, ଆଶୁତୋଷ ମହାରଣା, ଶିକ୍ଷକ ଲୋଚନ ପ୍ରଧାନ, ସନ୍ଦୀପ ପୁଟିଆ, ମଧୁ ବେହେରା, ପଙ୍କଜ ପୁଟିଆ, ରବିନାରାୟଣ ସାହୁ, ଜଗନ ବେହେରା, ମାନସ ଶାନ୍ତି, ଶକ୍ତିମୟ ସାହୁ, ସୁଶାନ୍ତ ବେହେରା, ଶ୍ରୀକାନ୍ତ ସାହୁ, ସୂର୍ଯ୍ୟପ୍ରକାଶ ସାହୁ, ସୁବ୍ରତ ସାମଲ, ରାଜ କିଶୋର ମଲିକ, କା□କ ଚନ୍ଦ୍ର ସାହୁ, ରବି ଜେନା, ଶତ୍ରୁଘ୍ନ ମଲିକ, ପପୁ ମଲିକ, ରଜତ ସ୍ୱାଇଁ, ସୁନୀଲ ମଲିକ, ସୁବ୍ରଜ୍ୟୋତି ଓଝା, ରଞ୍ଜିତ ବେହେରା ପ୍ରମୁଖ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ଯୋଡ଼ା ଠାରେ ଜମୁଛି କାଳୀ ପୂଜା

ଯୋଡା, (ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ସହରରେ କାଳୀ ପୂଜା ପାଇଁ ଉତ୍ସବ ମୁଖର ହୋଇଛି । ସର୍ବ ପୁରାତନ ପୂଜା ମଣ୍ଡପ ଭାବେ ପରିଚିତ ବସଷ୍ଟାଣ୍ଡ ଠାରେ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ଙ୍କୁ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା, ଚଣ୍ଡୀ ପାଠ, ପ୍ରଭୃତି କରାଯାଉଛି । ଆକର୍ଷଣୀୟ ତୋରଣ ଓ ଆଲୋକ ମାଳାରେ ଯୋଡା ସହର ଝଲସି ଉଠୁଥିବା ବେଳେ ଯୋଡା ଉପକଣ୍ଠ ରଣାଶାଳ ଘାଟି କାଳୀ ମନ୍ଦିରରେ କାଳୀ ପୂଜା ଅନୁଷ୍ଠିତ ହେଉଛି । କାଳୀ ମନ୍ଦିର ରେ ପୂଜା ଅର୍ଚ୍ଚନା ପାଇଁ ଶ୍ରଦ୍ଧାଳୁ ମାନଙ୍କ ଭିଡ ଲାଗି ରହିଛି । କାଳୀ ମନ୍ଦିରର ପୂଜକ ପ୍ରତାପ କୁମାର ଦାସ ଙ୍କ କହିବା ଅନୁଯାୟୀ, ରଣାଶାଳ ଘାଟି କାଳୀ ମନ୍ଦିରକୁ ମାନସିକଧାରି ବହୁ ସଂଖ୍ୟାରେ ଆସୁଛନ୍ତି । ଏହି ମନ୍ଦିରର ମାହାତ୍ମ୍ୟ ମାନସିକ କଲେ ମନସ୍କାମନା ପୂର୍ଣ୍ଣ ହୋଇ ଥାଏ ବୋଲି ଲୋକ ମାନଙ୍କ ର ଅଗାଧ



ବିଶ୍ୱାସ ରହିଛି ।ପ୍ରତି ଦିନ ରଣାଶାଳ କାଳୀ ମନ୍ଦିରରେ ଛୋଟ ପିଲା ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଓ ଭଜନ ସନ୍ଧ୍ୟାର ଆୟୋଜନ କରାଯାଉଛି। ସେହିପରି କାଳୀପୂଜା ଅବସରରେ ଯୋଡା ବସ ଷ୍ଟାଣ୍ଡ ମଣ୍ଡପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ବେଳେ ଦିବାରାତ୍ର ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।

## ବଡ଼ଚଣାରେ ଚାଉଳ ଯୋଗାଣ ବିଳମ୍ବ : ମଧ୍ୟାହ୍ନ ଭୋଜନ ବାଧାପ୍ରାପ୍ତ

ବାଲିଚନ୍ଦ୍ରପୁର, (ମହାଭାରତ) : ବଡ଼ଚଣା ବ୍ଲକରେ ମଧ୍ୟାହ୍ନ ଭୋଜନ ପାଇଁ ଉଦ୍ଦିଷ୍ଟ ଚାଉଳ ଯୋଗାଣରେ ବିଳମ୍ବ ଘଟିଛି। ବିଦ୍ୟାଳୟ ମାନଙ୍କରେ ଚାଉଳ ନଥିବାରୁ ବାଧ ହୋଇ ବଜାରରୁ ଚଢା ଦଅରରେ କିଣି ରୋଷେଇ କରାଯାଉଥିବା ଘଟଣା ସାମ୍ନାକୁ ଆସିଛି। ଦଶହରା ଛୁଟି ପରେ ପରେ ଯୋଗାଣକାରୀ ସଂସ୍ଥା ଚାଉଳ ଯୋଗାଇଦେବାରେ ଥିଲା। ଅକ୍ଟୋବର ୮ ତାରିଖରୁ ବିଦ୍ୟାଳୟ ଖୋଲିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବ୍ଲକର କୌଣସି ବିଦ୍ୟାଳୟରେ ଚାଉଳ ଯୋଗାଇ ଦିଆଯାଇନଥିବାରୁ ମଧ୍ୟାହ୍ନ ଭୋଜନ ବାଧାପ୍ରାପ୍ତ ହୋଇଛି। ବଡ଼ଚଣା ବ୍ଲକରେ ପ୍ରାଇମେରି ଓ ଅପରପ୍ରାଇମେରି ସ୍କୁଲ ସଂଖ୍ୟା ୨୪୬ ହୋଇଥିବା ବେଳେ ୬୨ ଗୋଟି ଉଚ୍ଚ ବିଦ୍ୟାଳୟ ରହିଛି। ପ୍ରତ୍ୟେକ ବିଦ୍ୟାଳୟରେ ସମାନ ଅବସ୍ଥା ଲାଗିରହିଥିବା ଜଣାପଡ଼ିଛି। ଖବର ନେବାରୁ ଜଣାଯାଏ ଇତି ମଧ୍ୟରେ ଯୋଗାଣକାରୀ ସଂସ୍ଥା ବଦଳିଯାଇଛି। ଯେଉଁ ସଂସ୍ଥା ଯୋଗାଇବା ଦାୟିତ୍ୱ ନେଇଛନ୍ତି ସେ କାହିଁକି ଏ ପର୍ଯ୍ୟନ୍ତ ବିଦ୍ୟାଳୟ ମାନଙ୍କରେ ଚାଉଳ ଯୋଗାଉ ନାହାଁନ୍ତି। ଯଦି ଯୋଗାଇବାରେ ତାଙ୍କର କ୍ଷମତା ନାହିଁ ତେବେ ପ୍ରଶାସନ ସେପରି ସଂସ୍ଥାକୁ କାହିଁକି ଚୟନ କରିଛନ୍ତି ବୋଲି ପ୍ରଶ୍ନ ଉଠିଛି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ। ତେବେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

## ରାଜ୍ୟ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ପାରାଦ୍ୱୀପ, (ମହାଭାରତ) : ଚିନ୍ମୟ ମିଶନ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଆଜି ଧର୍ମେଶ୍ୱର ମହାଦେବ ମନ୍ଦିର ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଆଧ୍ୟାତ୍ମିକ ଶିକ୍ଷା ମୂଳକ ଶ୍ରୀମଦ ଭାଗବତ ଗୀତା ପାଠ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷା ଶ୍ରୀମତୀ ମଧୁଜ୍ୟୋସ୍ନା ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ।ମୁଖ୍ୟ ଅତିଥି ଭାବରେ ପାରାଦ୍ୱୀପ ବନ୍ଦର ଭାରପ୍ରାପ୍ତ ଡେପୁଟି ଚ୍ୟାରମେନ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ ଯୋଗ ଦେଇ ବିଜେତା ମାନଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିଥିଲେ।ଅନୁଷ୍ଠାନ ର ଉପଦେଷ୍ଟା ଆବାସ ଚନ୍ଦ୍ର ଚୌଧୁରୀ ଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପର୍ଣ୍ଣ ହୋଇଥିଲା।ଏହି ପ୍ରତିଯୋଗିତାରେ ଜଗତସିଂହପୁର, କେନ୍ଦ୍ରାପଡା ଓ ଯାଜପୁର ର ବିଭିନ୍ନ ଶିକ୍ଷାନୁଷ୍ଠାନ ରୁ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ



ଉତ୍ସାହ ଓ ଭକ୍ତିଭାବରେ ଅଂଶ ଗ୍ରହଣ କରିଥିଲେ। ଅତିଥିମାନେ ଗୀତାର ମୂଲ୍ୟବୋଧ ସମ୍ପର୍କରେ ସୂଚନା ଦେବା ସହିତ ମଣିଷର ଦୈନ ଦିନ ଜୀବନରେ ଗୀତାର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।ଅବକ୍ଷୟମୂଖୀ ସମାଜରେ ସନାତନ ଧର୍ମୀ ମାନଙ୍କୁ ସଠିକ ମାର୍ଗ ଦର୍ଶନ ନିମନ୍ତେ ଚିନ୍ମୟ ମିଶନର ସମସ୍ତ କାର୍ଯ୍ୟକର୍ତା ଅଭିପ୍ରେତ।ଆଗାମୀ କାଲିର ଯୁବଗୋଷ୍ଠୀ ମଧ୍ୟରେ ଗୀତା ପଠନ ପ୍ରତି ଶ୍ରଦ୍ଧା ଓ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ସାରା ଦେଶରେ ଗୀତା ଆବୃତି ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି ବୋଲି ଉପଦେଷ୍ଟା ଶ୍ରୀ ଚୌଧୁରୀ କହିଥିଲେ।

## ଟ୍ରାଫିକ ସମସ୍ୟାରେ ଉବୁଟୁବୁ କାକଟପୁର ମନ୍ଦିର ଛକ




କାକଟପୁର, (ମହାଭାରତ) : ଦିନକୁ ଦିନ କାକଟପୁର ଅଞ୍ଚଳରେ ଟ୍ରାଫିକ ସମସ୍ୟା ଜଟିଳ ପରିସ୍ଥିତିରେ ପହଞ୍ଚିବାକୁ ଲାଗିଲାଣି। ଏନେଇ ସ୍ଥାନୀୟ ପ୍ରଶାସନ ତରଫରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ କାକଟପୁରରେ ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପିଠ, ପ୍ରତ୍ୟକଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମେତ ଅନେକ ତୀର୍ଥଯାତ୍ରୀ ଆସୁଛନ୍ତି। କୋଣାର୍କ ଓ ନିମାପଡା ସହିତ ଅସ୍ତରଙ୍ଗ ରାସ୍ତା କୁ ସଂଯୋଗୀକରଣ ଏହି ଛକରେ ପ୍ରବଳ ପରିମାଣରେ ଗାଡି ମଟର ଜାମ ହେଇ ରହୁଛି ଯେଉଁ କାରଣ ରୁ ଅନେକ ଯାତ୍ରୀ ନାହିଁ ନଥିବା ଅବସ୍ଥା ଭୋଗୁଛନ୍ତି। ରାସ୍ତା କଡରେ ଉଠା ବ୍ୟବସାୟୀ, ଅନେକ ବ୍ୟବସାୟୀ ନିୟନ୍ତ୍ରଣ ବାହାରେ ଜବରଦଖଲ, ରାଜସ୍ୱ ବିଭାଗର ବେପରୁଆ ମନୋଭାବନା ପାଇଁ ଜବରଦଖଲ, ପାସେଞ୍ଜର ବସର ମନମାନି, ଏହି ସବୁ ପ୍ରମୁଖ କାରଣ ଏବେ ଟ୍ରାଫିକ ସମସ୍ୟା ପାଇଁ ଦାୟୀ ବୋଲି ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରୁଛନ୍ତି। ବାରମ୍ବାର ଅଭିଯୋଗ ପରେ ବି ସ୍ଥାନୀୟ ପ୍ରଶାସନ ଏହା ପ୍ରତି ଦୃଷ୍ଟି ଆକର୍ଷଣ କରିବାରେ ବିଫଳ ହୋଇଛି। ଯଦି କୌଣସି ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କି ଅଗ୍ନିନିର୍ବାପକ ଦମକଳ ଟିଏ ଯିବ ସେ ବି ଅସୁବିଧାରେ ପଡୁଛନ୍ତି, ସେଥିପାଇଁ ବୁଦ୍ଧିଜୀବୀଙ୍କ ମହଲରେ ଏହି ପରିସ୍ଥିତିର ସ୍ଥାୟୀ ସମାଧାନ କରିବାକୁ ଦାବୀ କରାଯାଇଛି ।

## ମା'ଓ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ଓ ପୋଷଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ମିଳିତ ବୈଠକ

ନବରଙ୍ଗପୁର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରେ ମା ଓ ଶିଶୁ ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ପୋଷଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ମିଳିତ ବୈଠକ ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଆଜି ଅଶୋକ ମେହେତା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ର ଉଦ୍ଦେଶ୍ୟ ଶିଶୁ ଓ ମା'ର ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କୀୟ ପ୍ରତିବନ୍ଧକ ଗୁଡ଼ିକ ମିଳିତ କାର୍ଯ୍ୟପନ୍ଥା ଦ୍ୱାରା ଦୂର କରାଯିବ ଏବଂ ମାଆ ଓ ଶିଶୁର ଉତ୍ତମ ସ୍ୱାସ୍ଥ୍ୟର ଉନ୍ନତି କରାଯିବ। ସରକାରଙ୍କ ଦ୍ୱାରା ଦିଆଯାଉଥିବା ସମସ୍ତ ସୁବିଧା ହୀତାଧିକାରୀଙ୍କ ପାଖରେ ସହଜରେ ପହଞ୍ଚି ପାରିବ। ଜିଲ୍ଲାରୁ ସମସ୍ତ ଅପହଞ୍ଚ ଅଞ୍ଚଳରୁ ଗର୍ଭବତୀ ମା ମାନେ ନିରାପଦ ମାତୃତ୍ୱ ପାଇଁ ମା ଗୃହକୁ କିପରି ଆସିବେ ସମସ୍ତ ସି ଡି ପି ଓ ଓ




ମେଡ଼ିକାଲ ଅଫିସର ଙ୍କ ମିଳିତ ସହଯୋଗରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଗଲ। ୦ ରୁ ୬ ବର୍ଷ ସମସ୍ତ ଶିଶୁଙ୍କର ଜନ୍ମ ପ୍ରମାଣ ପତ୍ର ଦେବା ପାଇଁ ବ୍ୟବସ୍ଥା କରିବା ପାଇଁ ସି ଡି ଏମ ଓ ନବରଙ୍ଗପୁର ଙ୍କୁ ଅନୁରୋଧ କରାଯାଇଥିଲା। ୨ କେଜି ରୁ କମ ଓଜନ ଥିବା ଶିଶୁ ମାନଙ୍କର ୩ ମାସ ଭିତରେ ପରୀକ୍ଷଣ ଓ ଅନ୍ଧତ୍ୱ ରୁ ଦୂରୀକରଣ କରିବା ପାଇଁ ଆଲୋଚନା କରାଯାଇଥିଲା ।ଏହି କର୍ଯ୍ୟକ୍ରମରେ ସମସ୍ତଙ୍କୁ ମାଗଣା ଚିକିତ୍ସା ଦିଆଯିବା ବିଷୟରେ ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ଆଶା କର୍ମୀଙ୍କୁ ଅବଗତ କରାଇବା ପାଇଁ ସି ଡି ପି ଓ ଏବଂ ମେଡ଼ିକାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ବୈଠକରେ ସି ଡି ଏମ ଓ ଡ଼ ସନ୍ତୋଷ ପଣ୍ଡା, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଏ ଡି ପି ଏଚ ଓ ଡ ମଳୟ କୁମାର ତ୍ରିପାଠୀ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦୌପଦୀ କହଁର, ଡି ପି ଏମ,ଏନ୍ ଏଚ ଏମ,ସ୍ୱାସ୍ଥ୍ୟ ବିଭାଗ ର ଅଧିକାରୀ ଉପସ୍ଥିତ ଥିଲେ।

## ସଦଭାବନା କକ୍ଷରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ

ଗଣିଆ, (ମହାଭାରତ): ଗଣିଆ ବ୍ଲକ ସଦଭାବନା କକ୍ଷରେ ବୁଧବାର ଅପରାହ୍ନରେ ରେ ଭୀମଭୋଇ ସାମର୍ଥ୍ୟ ଶିବିର ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଥିଲା। ବୈଠକରେ ଗଣିଆ ପଂଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ଅନେକ ନିର୍ବାଚିତ ପ୍ରତିନିଧି ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଅନୁପସ୍ଥିତ ରହିଥିବା ବେଳେ ସମ୍ମାନୀତ ଅତିଥି ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରାଙ୍କ ଉପସ୍ଥିତିରେ ସାମାଜିକ ସୁରକ୍ଷା ଓ ଭିନ୍ନ କ୍ଷମ ସଶକ୍ତି କରଣ ଯୋଜନା ଅଧିକାରୀ ପ୍ରଣୟ କୁମାର ନାୟକ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ରେ ସମ୍ବନିତ ଶିଶୁ ବିକାଶ ଅଧିକାରୀ ଉଷାରାଣୀ ସାହୁ, ଗଣିଆ ସରପଂଚ ଗିରିଧାରୀ ସେଠୀ, ବେଲ ପଡ଼ା ପାଟଣା ସରପଂଚ ସୁକାନ୍ତ ଗଣିଆ, ବରିଷ୍ଠ ନାଗରିକ ମଞ୍ଚ ର ସଭାପତି ଗିରିଶ ଚନ୍ଦ୍ର ମିଶ୍ର, ଅଗ୍ନିଶମ ବିଭାଗ କର୍ମଚାରୀ, କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ର ଖେଳ ଶିକ୍ଷକ ବିକାଶ ରଞ୍ଜନ ମଲ୍ଲ , ଭିନ୍ନ କ୍ଷମ ବିଭାଗର ଦୁଇଜଣ ବି.ଆର.ଟି ଉପସ୍ଥିତ ରହି ସାମର୍ଥ୍ୟ ଶିବିରକୁ କିଭଳି ସୂଚାରୁ ଭାବେ ସମ୍ପାଦନ ହେବ ସେ ଦିଗରେ ଆଲୋଚନା କରିଥିଲେ। ଯେଉଁ ଭିନ୍ନ କ୍ଷମ ହିତାଧିକାରୀ ମାନେ ଭିନ୍ନକ୍ଷମ ସାର୍ଟିଫିକେଟ ପାଇବାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କୁ ଆୟୋଜିତ ସାମର୍ଥ୍ୟ ଶିବିରରେ ପ୍ରଦାନ କରାଯିବ । ସେମାନେ ନିର୍ଶ୍ଚିତ ଭାବେ ଅନ ଲାଇନ ଆବେଦନ କରିବା ଜରୁରୀ ବୋଲି ସମଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ ସୂଚନା ଦେଇଥିଲେ। ଏଥିରେ ଜିଲ୍ଲା ର ବିଭିନ୍ନ ବିଭାଗ ର ଅଭିଜ୍ଞତା ଡ଼ାକ୍ତର ଯୋଗଦାନ କରିବେ । ଉକ୍ତ ଶିବିର ଆସନ୍ତା ମଙ୍ଗଳ ବାର ଦିନ ସକାଳ ଦଶ ଘଟିକରୁ ଆରମ୍ଭ କରାଯିବକ୍ଷ ସହିତ ପ୍ରଚାର ପ୍ରସାର ନିମନ୍ତେ ବ୍ୟବସ୍ଥା ସୁଚନା ଦେଇଥିଲେ ।

## ଭାରସ୍ୟାମ ହରାଇ ଓଲଟିଲା ପିଡ଼ିଏସ ଟ୍ରକ

ଅସ୍ତରଙ୍ଗ, (ମହାଭାରତ) : ବୁଧବାର ଅପରାହ୍ନ ସମୟ ରେ ଓଆର ୦୯ ଏ ୨୩୦୮ ନମ୍ବର ଥିବା ଏକ ପଣ୍ୟବାହୀ ଟ୍ରକ ଭାରସ୍ୟାମ ହରାଇ ଆଲସାହି ରାସ୍ତାରେ ଓଲଟି ପଡିଛି। ସୂଚନା ମୁତାବକ ଉକ୍ତ ଛ ଚକିଆ ପଣ୍ୟ ବୁହା ଟ୍ରକ ନିମାପଡା ନନ୍ତରା ଓଡିଶା ପଣ୍ୟ ନିଗମରୁ ଆଲସାହି ଡିଲର କେନ୍ଦ୍ରକୁ ପାଖାପାଖି ୩ସହ ପ୍ୟାକେଟ ଚାଉଳ ଆଣି ଆସୁଥିବା ସମୟ ରେ ଏହି ଦୁର୍ଘଟଣା ଟି ଘଟିଛି। ଡ୍ରାଇଭରଙ୍କ ସମେତ ଏହି ଗାଡିରେ ଆଉ ଦୁଇ



ଜଣ ଥିବା ସୂଚନା ଅଛି ମାତ୍ର କେହି ଗୁରୁତ୍ୱର ଆହତ ହୋଇନାହାନ୍ତି। ବିଭାଗ ତରଫରୁ ଅନ୍ୟ ଏକ ପଣ୍ୟ ବାହୀ ଯାନ ରେ ପିଡ଼ିଏସ ବସ୍ତା ଲୋଡ଼ କରାଯାଇ ବଣ୍ଟନ କେନ୍ଦ୍ରକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ କିଛି ସ୍ଥାନୀୟ ଲେଚକଙ୍କ କହିବା କଥା ଏହି ଗାଡି ଭାରସ୍ୟାମ ହରାଇ ଓଲଟିଛି କିନ୍ତୁ ଅନ୍ୟ କିଛି ଲୋକଙ୍କ ମତ ଚାଳକଙ୍କ ଭୁଲ ପାଇଁ ଏପରି ହୋଇଛି। ସେଥିପାଇଁ ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଛି ।

# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା

ଗୁରୁବାର, ୨୩ ଅକ୍ଟୋବର, ୨୦୨୫



## ମଧ୍ୟଖଣ୍ଡରେ ଅଗ୍ନିକାଣ୍ଡ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକର ମଧ୍ୟଖଣ୍ଡ ଗ୍ରାମର ମାର୍ଦାବାଡିସାହିରେ ଗତ ରାତିରେ ଘଟିଥିବା ଏକ ଦୁଃଖଦ ଅଗ୍ନିକାଣ୍ଡରେ ପଦ୍ମାବତୀ ବାରିକଙ୍କ ଘର ଓ ଦୋକାନ ସର୍ଟ ସର୍କିଟ୍ ହେତୁ ଅଗ୍ନିକାହାରା ହୋଇଛି। ଏହି ଘଟଣା ଦେଖି ଗ୍ରାମବାସୀ ଦ୍ୱାରା ତତ୍କ୍ଷଣାତ୍ ଚେଷ୍ଟା କରାଯାଇ ନିଆଁକୁ ନିୟନ୍ତ୍ରଣ ମଧ୍ୟ କରାଯାଇଥିଲା, କିନ୍ତୁ ତାହା ପୂର୍ବରୁ ଘର ଓ ଦୋକାନ ଭିତରେ ରହିଥିବା ବହୁମୂଲ୍ୟ ଜିନିଷପତ୍ର ସମ୍ପୂର୍ଣ୍ଣ ଭାବେ ଜଳି ଭସ୍ମ ହୋଇଯାଇଛି। ଘଟଣା ସମ୍ବନ୍ଧରେ ଅନୁମାନ କରାଯାଉଛି ଯେ, ପ୍ରାୟ ୫୦ ହଜାର ଟଙ୍କାରୁ ଅଧିକର ଧନସ୍ୱରୂପ କ୍ଷତି ହୋଇଛି। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ନିଆଁକୁ ସଫଳତାର ସହିତ ନିୟନ୍ତ୍ରଣ କରିଛନ୍ତି।

## ସ୍ତ୍ରୀକୁ କଟୁରିରେ ହାଣି ସ୍ୱାମୀ କଲେ ହତ୍ୟା

ଦାନଗଦି:(ମହାଭାରତ) କଳିଙ୍ଗନଗର ଯଖପୁରା ଅଞ୍ଚଳର ଥିବା ଏକ ଇଟା ଭାଟିରେ ୨୧ ତାରିଖ ବିଳମ୍ବିତ ରାତିରେ ଘଟିଛି ଏକ ଅଭାବନୀୟ ଘଟଣା,ପାରିବାରିକ କଳହରୁ ଅତ୍ୟଧିକ ମଦ୍ୟପାନ କରି ନିଜ ସ୍ତ୍ରୀ କୁ ଏକ ଟାଙ୍ଗିଆ ରେ ହାଣି ହତ୍ୟା କରିଛି ସ୍ୱାମୀ। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣା ପଡ଼ି ନାହିଁ, ପୁଲିସ ତଦନ୍ତ ପରେ ସବୁକିଛି ଜଣାପଡିବ ବୋଲି ପୁଲିସ କହିଛି,ପାଖ ଲୋକଙ୍କ କହିବା ଅନୁଯାୟୀ ଗତକାଲି ଦୀପାବଳି ପର୍ବ ଥିଲା, ଝାଡ଼ଖଣ୍ଡ ଅଞ୍ଚଳର ଯୁବକ ସୁନାରାମ ସୋରେନ ନିଜ ସ୍ତ୍ରୀ କର୍ପୁର ସୋରେନ ଓ ଗୋଟିଏ ୭ ବର୍ଷର ଝିଅ ଶୁଭ ସୋରେନ କୁ ଧରି ସେଠାରେ ରହି ଇଟା ଭାଟିରେ କାମ କରନ୍ତି ,ଗତକାଲି ଦୀପାବଳି ପର୍ବ ଥିବାରୁ ପରିବାର ଲୋକେ ଓ ପଡ଼ୋଶୀ ଲୋକେ ଭୋଜିଭାତ କରି ଖିଆ ପିଆ କରିଥିଲେ,ଏଥିରେ ସୁନାରାମ ପ୍ରଚୁର ମଦ ପିଇଥିଲା, ପରେ ପରିବାର କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା, ଏଥିରେ ସୁନାରାମ ଉତକ୍ଷିତ ହୋଇ ପାଖରେ ଥିବା ଏକ ଟାଙ୍ଗିଆ ରେ ସ୍ତ୍ରୀ କୁ ହାଣି ପକାଇଥିଲା ଯାହାଫଳରେ ସେହିଠାରେ ତାର ମୃତ୍ୟୁ ଘଟିଥିଲା, ତଥାପି ସୁନାରାମର ରାଗ ଶାନ୍ତ ହୋଇ ନ ଥିଲା ପାଖରେ ସୋଇଥିବା ଝିଅକୁ ମଧ୍ୟ ହାଣି ପକାଇ ଥିଲା,ଚିତ୍କାର ଶୁଣି ପାଖ ଲୋକେ ଦୌଡ଼ି ଆସି ପହଞ୍ଚିଯିବାରୁ ସୁନାରାମ ଘଟଣା ସ୍ଥଳରୁ କେଉଁଆଡେ ଫେରାର ହୋଇଯାଇଥିଲା, ପାଖ ଲୋକେ ଝିଅ କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଦାନଗଦି ଡାକ୍ତର ଖାନାକୁ ନେଇଥିଲେ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଛି,ଖବର ପାଇ କଳିଙ୍ଗନଗର ଏ.ଏସ.ପି ଓ ଯଖପୁରା ଥାନା ଅଧିକାରୀ ଅସିବ କୁମାର ସାହୁ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହ କେସ ନମ୍ବର ୧୫୪/୨୦୨୫ ରେ ମାମଲା ରଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନା କୁ ପଠାଇଛି,ଅପର ପକ୍ଷେ ଘଟଣା ପରେ ଅଭିଯୁକ୍ତ ସୁନାରାମ ଫେରାର ହେଇ ପଳାଉଥିବାବେଳେ ଟମକା ଥାନା ମହୁଲମୂଳ ନିକଟରୁ ପୁଲିସ ତାକୁ ଗିରଫ କରିଥିବା କହିଛି, ତେବେ ପୁଲିସ ସୁନାରାମ କୁ ଅଟକ ରଖି ଘଟଣା ସମ୍ପର୍କରେ ଅଧିକ ତଥ୍ୟ ପାଇବାପାଇଁ ପଚରା ଉଚରା କରୁଥିବା କହିଛି।

## ଜିଲ୍ଲା ସ୍ତରୀୟ ତମାଖୁ ମୁକ୍ତ ଅଭିଯାନର ଶୁଭାରମ୍ଭ

କଳାହାଣ୍ଡି, (ମହାଭାରତ) : ତମାଖୁ ସେବନ ଅଧିକାଂଶ ଅଣୁ ସଂକ୍ରମକ ରୋଗ ଓ କର୍କଟ ରୋଗର ମୁଖ୍ୟ କାରଣ। ତମାଖୁ ବର୍ଜନ ଆଜିର ଯୁବପିଢି ପାଇଁ ଆହ୍ୱାନ୍ । ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ କଳାହାଣ୍ଡି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ତମାଖୁ ମୁକ୍ତ ସମାଜ ଓ ଜିଲ୍ଲା ଗଠନ ସମ୍ପର୍କରେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବିଶେଷ କରି ଛାତ୍ରଛାତ୍ରୀ,ଯୁବପିଢି କିପରି ସଚେତନ ହୋଇ ତମାଖୁ ସେବନରୁ ନିଜକୁ ଦୂରେଇ ରଖିବେ ସେ ସମ୍ପର୍କରେ ବିଶେଷକରି ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଅବକାରୀ, ପୋଲିସ ବିଭାଗ ଓ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଅଧିକ ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ତମାଖୁ ଓ ଏହାର କୁପ୍ରଭାବ ସମ୍ପର୍କରେ ସୂଚନା ଦେଇଥିଲେ । ତମାଖୁ ମୁକ୍ତ ବିଦ୍ୟାଳୟ, ଗ୍ରାମ ଗଠନ ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ ପଥପ୍ରାନ୍ତ ନାଟକ, ୱାଲ ପେଣ୍ଟିଙ୍ଗ, ସଚେତନତା ଶୋଭାଯାତ୍ରା, ଡାକବାଜି ଜନ୍ତ୍ର ଦ୍ୱାରା ପ୍ରଚାର, ସ୍କୁଲ କଲେଜ ରେ ସଭାସମିତି ଇତ୍ୟାଦି କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଛି । ସ୍ୱାସ୍ଥ୍ୟ ଉପରେ ତମାଖୁ ର କୁପ୍ରଭାବ ବିଶ୍ୱରେ ଚିନ୍ତାର କାରଣ ହୋଇଅଛି । ତମାଖୁ ସେବନ ଦ୍ୱାରା ସାରା ବିଶ୍ୱରେ ପ୍ରତିବର୍ଷ ୮୦ ଲକ୍ଷରୁ ଅଧିକ ବ୍ୟକ୍ତି ମୃତ୍ୟୁବରଣ କରିଥାନ୍ତି ।

# ପୁଣି ଶିଳ୍ପ ସଂସ୍ଥାର ଇଣ୍ଟେକ ୱେଲ କାମ ଆରମ୍ଭ, ଚିନ୍ତାରେ ଚାଷୀ

ଯୋଡା, (ମହାଭାରତ) : କେନ୍ଦୁଝର ଜିଲ୍ଲାର ବାସୁଦେବପୁର ଠାରେ ନିର୍ମାଣ ଧିନ ଓଡ଼ିଶା ର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା କାନପୁର ଡ୍ୟାମ ଉପରେ ଦୀପ ସଂସ୍ଥା ମାନଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି । ଚାଷୀଙ୍କ ଉଦେଶ୍ୟରେ ନିର୍ମାଣ ହୋଇ ଏହା ଶେଷ ପର୍ଯ୍ୟାୟ ରେ ପହଂଚି ଥିବା ବେଳେ ଏହି ଡ୍ୟାମ ର ଜଳ ଶୋଷିବା ଉଦେଶ୍ୟରେ ପୁଣି ଇନଟ୍ଟେକ ୱେଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ବୈତରଣୀ ନଦୀର ଜଳ ଉପରେ ଏହି ବୃହତ୍ ଡ୍ୟାମ ର ନିର୍ମାଣ ଦୁଇ ଦଶନ୍ଧି ରୁ ଅଧିକ ସମୟ ଧରି ହୋଇ ଆସୁଚି ।ଏବେ ଏହା ଶେଷ ପର୍ଯ୍ୟାୟ ରେ ପହଞ୍ଚି ଥିବା ବେଳେ ଡ୍ୟାମର ରିଜର୍ଭର ବା ଜଳ ଭଣ୍ଡାର କୁ ଲାଗି ଏକ ବୃହତ୍ ଖଣି ଓ ଶିଳ୍ପ କମ୍ପାନୀର ଗଭୀର ଇଣ୍ଟେକ୍ ୱେଲ୍ ନିର୍ମାଣ କାର୍ଯ୍ୟ ଚାଲିଛି । କିଛି ଦିନ ବ୍ୟବଧାନରେ ବନ୍ଦ ଥିବା ଏହି କାର୍ଯ୍ୟ ପୁନଃ ଆରମ୍ଭ ହୋଇଛି । ଏହି କାର୍ଯ୍ୟ କୁ ବିରୋଧ କରି ସ୍ଥାନୀୟ ଅଞ୍ଚଳ ର ଚାଷୀ, ମହାନଦୀ ବଞ୍ଚାଅ ଆନ୍ଦୋଳନ ର ଆବାହକ ସଦର୍ଶନ ଦାସ ,ବ୍ରତିନ୍ଦି ଜେନା,ଭାରତ ବିଖ୍ୟାତ ଜଳ ମାନବ ଡକ୍ଟର ରାଜେନ୍ଦ୍ର ପ୍ରସାଦ,ସୁନା ଓ କାରା ନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ



ଅଶୋକ ଠକ୍କର ପ୍ରମୁଖ ଏକ ବଡ ଧରଣ ର ଆନ୍ଦୋଳନ କରିଥିଲେ । ତତ୍ପରେ କିଛି ମାସ ଧରି ସଂପୃକ୍ତ ଶିଳ୍ପ ସଂସ୍ଥା ପକ୍ଷରୁ ସାମୟିକ ଭାବେ ନିର୍ମାଣ କାର୍ଯ୍ୟ କୁ ବନ୍ଦ କରି ଦିଆ ଯାଇଥିଲା । ତେବେ ପୁନଃ ଚଳିତ ମାସ ଠାରୁ ଏହାର ନିର୍ମାଣ କାର୍ଯ୍ୟ କରାଯାଇ ମୋଟା ମୋଟା ପାଇପ ବିଛା।ଇବା ବେଳେ ଜଙ୍ଗଲ ଧ୍ୱଂସ କରାଯାଇଛି ।ବିଭିନ୍ନ ସ୍ଥାନରେ ହାତୀ ଚଲାପଥ କୁ ନଷ୍ଟ କରି ଦିଆଯାଇଛି । ଏ ସକ୍ରା।ନ୍ତରେ କେନ୍ଦୁଝର ବନ ଅଧିକାରୀ ଏଚ ଡି ଧନରାଜ୍ କହିଛନ୍ତି ଯେ,ଏହାର ତଦନ୍ତ ବନ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଛି। ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ରେ ରୂପାନ୍ତରିତ କରିବା ପ୍ରକ୍ରିୟାରେ ସରକାରୀ ଅନୁମୋଦିତ ଅଞ୍ଚଳ ର ପୁନଃ ସର୍ଭେ କରି ଯାଞ୍ଚ କରା ଯାଉଚି । ଏତଦବ୍ୟତୀତ ବନାଞ୍ଚଳ ଜମି କୁ ବ୍ୟବହାର କରିବାବେଳେ ଲ୍ୟାଣ୍ଡ ୟୁ ଜ ପ୍ୟାଟର୍ନରେ ଅନିୟମିତତା ହୋଇଥିବା ସନ୍ଦେହ କରି ଯାଞ୍ଚକୁ ଆହୁରି ତ୍ୱରାନ୍ୱିତ କରାଯାଉଥିବା ଧନରା।ଜ୍ ସୂଚନା ଦେଇଛନ୍ତି । ଏ ସଂକ୍ରାନ୍ତରେ ଯୋଡା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗିରିଧାରୀ ନାଏକ ଓ ଜିଲ୍ଲା ପରିଷଦ ସଭ୍ୟ ଡମ୍ବରୁଧର କୁଦା।ଦ। ଖବରଦାତାଙ୍କୁ ସୂଚନା ଦେଇ କହିଛନ୍ତି ଯେ, ଶାଳୁଆ ଜଙ୍ଗଲକୁ ଧ୍ୱଂସ କରି କଣ୍ଡର। ହାଟ ନିକଟରେ ଝାଡ଼ଖଣ୍ଡ ରୁ ଆସୁଥିବା ହାତୀ ମାନଙ୍କ ଅତିକ୍ରମ କରୁଥିବା ଚଲାପଥ କୁ ଗାତ କରି ବଡ ବଡ ପାଇପ ବିଛାଇ ଅଞ୍ଚଳ ଟି କୁ ଧ୍ୱସ୍ତ ବିଧ୍ୱସ୍ତ କରି ପକାଇଛି। ହାତୀ ମାନେ ଏ ଅଞ୍ଚଳ ଅତିକ୍ରମ କରି ଚମକପୁର, ଇଙ୍ଗା।ଣି ଝରଣ, ଧୋବାକୁଚୁଡା, କନ୍ କନା, ଗୁଗୁଦୋରି, ଲହୁଣୀ ପୋଷି, ହରିଡା ଯୋଡ଼ି ପ୍ରଭୃତି ଗ୍ରାମ୍ୟ ଜଙ୍ଗଲ କୁ ଅତିକ୍ରମ କରି ହାତୀ ପଲ ସରଣ୍ଡ। ଜଙ୍ଗଲ ଏବଂ ସୁନ୍ଦରଗଡ ଜିଲ୍ଲାର କାଦକଳା, ଖଣ୍ଡାଧାର, ପିଢ଼ ପୋଖରୀ ପ୍ରଭୃତି ଅଞ୍ଚଳକୁ ଯାତାୟାତ କରି ଥାଆନ୍ତି । ଏହି ହାତୀ ଚଲାପଥ ନଷ୍ଟ ହେବାରୁ ୫୫ ହାତୀ ଚଳ ପ୍ରଚଳ କରୁଛନ୍ତି ବୋଲି କୁଦାଦା କହିଛନ୍ତି । ତେଣେ ଜଳ ଭଣ୍ଡାର ଭିତରେ ଶିଳ୍ପ ସଂସ୍ଥା ର ଇଣ୍ଟେକ ୱେଲ ଚାଷୀ ଙ୍କ ଚିନ୍ତା ବଢାଇ ଦେଇଛି । ବୈତରଣୀ ନଦୀ ର ଉପର ମୁଣ୍ଡରେ ବିଭିନ୍ନ ଶିଳ୍ପ ସଂସ୍ଥା ଶିଳ୍ପ ବ୍ୟବହାର ପାଇଁ ଜଳ ନେଉଥିବା ବେଳେ ଜଳ ଭଣ୍ଡାର ଭିତରୁ ପୁଣି ଏକ ବୃହତ୍ ଶିଳ୍ପ ଇଣ୍ଟେକ ୱେଲ ବା କୂଅ ନିର୍ମାଣ କରି ଜଳ ଶୋଷିଲେ କାନପୁର ବୃହତ୍ ନଦୀ ବନ୍ଧ ଯୋଜନାରେ ଜଳ ସ୍ରୋତ କମିଯିବ ବୋଲି ବିଶିକେଶନ ନାଏକ, ରବି ନାଏକ, ପ୍ରିୟ ରଂଜନ ନାଏକ, ହେମନ୍ତ ନାଏକ, ଶଙ୍କର୍ଷଣ ନାଏକ ପ୍ରମୁଖ ଚାଷୀ ମାନେ ମତ ଦେଇଛନ୍ତି ।

## ଜନ ସଚେତନତା ହେଉଛି ଗ୍ରାମ୍ୟ ବିକାଶର ମୂଳ ଭିତ୍ତିଭୂମି

ଦଶପଲ୍ଲା, (ମହାଭାରତ): ଗ୍ରାମ ବିକାଶର ମୂଳ ଭିତ୍ତିଭୂମି ଓ ସରକାରୀ ଯୋଜନାର ସଫଳତାର ପ୍ରଥମ ପାହାଚ ହେଉଛି ଗୋଷ୍ଠୀ ଜାଗରଣ ଓ ସାମାଜିକ ସଚେତନତା। ଗ୍ରାମୀଣ ସ୍ତରରେ ସାମାଜିକ ଓ ଅର୍ଥନୈତିକ ବିକାଶ ନିର୍ଭର କରେ ଗ୍ରାମ ଗୋଷ୍ଠୀଙ୍କ ଚେତନା ଓ ସଚେତନତା ଉପରେ। ବିକେନ୍ଦ୍ରୀକରଣ, ସଶକ୍ତିକରଣ ଓ ସମୂହ ଭାଗୀଦାରିତା ସମ୍ଭବ ହୋଇଥାଏ ଗୋଷ୍ଠୀ ସଚେତନତା ଦ୍ୱାରା। ଗାଁ ରେ କେବଳ ମାନବ ସମ୍ବଳ ନୁହେଁ ପ୍ରାକୃତିକ, ସାଂସ୍କୃତିକ, ଅର୍ଥନୈତିକ ଓ ସାମାଜିକ ସମ୍ବଳ ଓ ଜୀବନ ଜୀବିକାର ଅସରନ୍ତି ଭଣ୍ଡାର ରହିଛି। ଗ୍ରାମ ଗୋଷ୍ଠୀ ଓ ପଞ୍ଚାୟତରେ ସବୁ ପ୍ରକାର ଦକ୍ଷତା, ଗ୍ରାମୀଣ କଳା କୌଶଳ, ଦକ୍ଷତା ଇତ୍ୟାଦି ଥିବାବେଳେ ଏହାର ସଠିକ୍ ପରିଚାଳନା ଓ ପ୍ରୟୋଗ କରିବାର ପ୍ରଣାଳୀ ଅତି ଜରୁରୀ। ଜନ ସଚେତନତା ହେଉଛି ଗ୍ରାମ୍ୟ ବିକାଶର ମୂଳ ଭିତ୍ତିଭୂମି। ଦଶପଲ୍ଲା ବ୍ଲକ୍ ର ଦଶଟି ପଛୁଆ ଗ୍ରାମ ପଞ୍ଚାୟତରେ ଗ୍ରାମୀଣ ଜନ ଗଣଙ୍କ ଭିତରେ ଗୋଷ୍ଠୀ ସଚେତନତା ସୃଷ୍ଟି କରି ସଫଳତା ହାସଲ କରିବା କ୍ଷେତ୍ରରେ ପ୍ରକଳ୍ପ ଅଧିକାର ର ଉଦ୍ୟମ ସ୍ୱାଗତଯୋଗ୍ୟ ବୋଲି ସାଧାରଣ ଜନ ମାନସରେ ଚର୍ଚ୍ଚା ହେଉଛି।

# ବଗି ବଢୁନଥିବାରୁ ହନ୍ତସନ୍ତ ରେଳଯାତ୍ରୀ : ଦୀପାବଳିରେ ପୁରୀ ଯିବା ପାଇଁ ନୟାଗଡ଼ ଟାଉନ ଷ୍ଟେସନ ରେ ଠେଲାପେଲା ସହ ଉତ୍ତେଜନା

ନୟାଗଡ଼, (ମହାଭାରତ : ରେଳରେ ଯିବା ପାଇଁ ପ୍ରବଳ ଭିଡ଼ ସାଙ୍ଗକୁ କୋଚ୍ ସଂଖ୍ୟାରେ କୌଣସି ବୃଦ୍ଧି ଘଟୁନାହିଁ। ଯାହାର ପରିଣାମ ଭୋଗୁଛନ୍ତି ଯାତ୍ରୀ। ପର୍ବପର୍ବାଣୀ ସମୟରେ ପୁରୀ କିମ୍ବା ଅନ୍ୟାନ୍ୟ କାମରେ ରେଳରେ ଭୁବନେଶ୍ୱର ଓ କଟକ ଯିବା ପାଇଁ ଅଧିକ ଲୋକ ଆଗ୍ରହ ପ୍ରକାଶ କରୁଛନ୍ତି। ମାତ୍ର ଯେହେତୁ ବଗି ସଂଖ୍ୟା ପୂର୍ବ ପରି ସୀମିତ ରହିଛି, ସେଥିପାଇଁ ରେଳରେ ଯିବା ଏବେ କଷ୍ଟକର ବ୍ୟାପାର ହେଲାଣି। ଗତ ସୋମବାର ଦିନ ଅର୍ଥାତ୍ ଦୀପାବଳି ଥିବାରୁ ପୁରୀ ଯାଇ ସେଠାରେ ଦୀପଦାନ କରିବା ଏବଂ ବଡ଼ବଡ଼ିଆ ଡେକିବା ପାଇଁ ନୟାଗଡ଼ ଟାଉନ ରେଳ ଷ୍ଟେସନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ସେଠାରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୀପାବଳିରେ ଷ୍ଟେସନରେ ଅନ୍ୟ ଦିନ ଅପେକ୍ଷା ପ୍ରାୟ ୩ ଗୁଣା ଅଧିକ ଯାତ୍ରୀ ପୁରୀ ଯିବା ପାଇଁ ଟିକେଟ କରି ରେଳକୁ ଅପେକ୍ଷା କରିଥିଲେ। କେବଳ ଦଶପଲ୍ଲାରୁ ଖୋର୍ଦ୍ଧା ରୋଡ୍‌କୁ ପ୍ରାୟ ହଜାରେ ଯାତ୍ରୀ ଟିକେଟ କରିଥିବା ବେଳେ ମହିପୁର ଓ ନୟାଗଡ଼ରୁ ଅନ୍ୟ ଦିନ ଅପେକ୍ଷା ୨ ଗୁଣା ଅଧିକ ଯାତ୍ରୀ ରହିଥିଲେ। ସକାଳ ସମୟରେ ଦୁଇଟି ଟ୍ରେନ୍ ଦଶପଲ୍ଲା-ଭୁବନେଶ୍ୱର ସେବା ଏକ୍ସପ୍ରେସ ଓ ଦଶପଲ୍ଲା-ପୁରୀ ମେମୁରେ ଯାତ୍ରୀ ସଂଖ୍ୟା ଆବଶ୍ୟକତା ଠାରୁ ଅଧିକ ରହିଥିବାରୁ ପ୍ରାୟ ତିନି ଶହରୁ ଅଧିକ ଯାତ୍ରୀ ନୟାଗଡ଼ ଷ୍ଟେସନରୁ ପୁରୀ ଯାଇନପାରି ଅଟକି ରହିଥିଲେ। ସେଥିପାଇଁ ଯାତ୍ରୀ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ




ପାଇଥିଲା। କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଯାଇଥିଲା ଘଟଣାକୁ ଦୃଷ୍ଟିରେ ରଖି ନୟାଗଡ଼ ଷ୍ଟେସନ ମାଷ୍ଟର ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବା ସହ ଯାତ୍ରୀଙ୍କୁ ବୁଝାସୁଝା କରିଥିଲେ। ସମସ୍ୟାକୁ ଅନୁଭବ କରି ଜରୁରୀକାଳୀନ ଭିତ୍ତିରେ ରେଳବାର ତରଫରୁ ଏକ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଥିଲା। ଯାହାକି ୧୧.୩୦ରେ ଦଶପଲ୍ଲାରୁ ବାହାରି ୩ଟାରେ ପୁରୀରେ ପହଞ୍ଚିବାର ଥିଲା। ସେହିପରି ଉକ୍ତ ଟ୍ରେନ୍ ଅପରାହ୍ନ ୪ଟାରେ ପୁରୀରୁ ବାହାରି ରାତି ୭.୩୦ରେ ଦଶପଲ୍ଲାରେ ପହଞ୍ଚିବା ପାଇଁ ସ୍ଥିରୀକୃତ ହୋଇଥିଲା। ଏହି ସ୍ୱତନ୍ତ୍ର ଟ୍ରେନର ପ୍ରତ୍ୟାବର୍ତ୍ତନ ସମୟ ଯୋଗୁ ଦଶପଲ୍ଲା-ଭଦ୍ରକ ମେମୁର ସମୟକୁ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ଯାହାକି ୪.୧୫ରେ ଛାଡ଼ିବା ପରିବର୍ତ୍ତେ ରାତି ୮.୩୦ ରେ ଦଶପଲ୍ଲାରୁ ଛାଡ଼ିଥିଲା। ପୁରୀରେ ବଡ଼ବଡୁଆଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବାକୁ ଆଗ୍ରହୀ ଥିବା ବ୍ୟକ୍ତି ମାନେ ପୁରୀରେ ଠିକ୍ ସମୟରେ ନ ପହଞ୍ଚିବା ଏବଂ ଭଦ୍ରକ ଯିବା ପାଇଁ ଅପେକ୍ଷାରତ ଯାତ୍ରୀ ମାନଙ୍କର ଯିବାରେ ବିଳମ୍ବ ହୋଇଥିଲା। ବର୍ତ୍ତମାନ ଏହି ଯାତ୍ରାପଥରେ ଯାତ୍ରୀ ମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଟ୍ରେନ୍‌ରେ କୋଚ୍ ସଂଖ୍ୟା ବୃଦ୍ଧି କରିବାକୁ ବିଭିନ୍ନ ଅନୁଷ୍ଠାନ ଓ ଜନସାଧାରଣଙ୍କ ତରଫରୁ ଦାବି କରାଉଥିବା ବେଳେ ରେଳବାଇ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ପୂର୍ବତଟ ରେଳ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଭୁବନେଶ୍ୱରରୁ ଦଶପଲ୍ଲା ଅଭିମୁଖେ ଆସିଥିବା ବେଳେ ନୟାଗଡ଼ରେ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଥିଲା। ସେଥିରେ ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ମେମୁ ଟ୍ରେନକୁ କଟକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ଦଶପଲ୍ଲାରୁ ପୁରୀ ଯାଉଥିବା ପାସେଞ୍ଜର ଟ୍ରେନକୁ ବଦଳାଇ ମେମୁ ଟ୍ରେନ ପ୍ରଚଳନ କରିବା, ଟ୍ରେନ ଗୁଡ଼ିକର ବଗି ସଂଖ୍ୟା ବୃଦ୍ଧି କରିବା, ରେଳ ଷ୍ଟେସନରେ ଆଉ ଏକ ଟିକେଟ କାଉଣ୍ଟର ଖୋଲିବା କିମ୍ବା ନୂତନ କରି ସ୍ଥାପିତ ହୋଇଥିବା ଟିକେଟ ଭେଣ୍ଡିଂ ମେସିନରେ କର୍ମଚାରୀ ନିଯୁକ୍ତି କରିବା, ନୟାଗଡ଼ ଭୁବନେଶ୍ୱର ମଧ୍ୟରେ ଅଧିକ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିବା, ନୟାଗଡ଼ରୁ ରାଜ୍ୟ ବାହାରକୁ, ଯଥା: କୋଲକାତା ଓ ବାଙ୍ଗାଲୋରକୁ ଟ୍ରେନ ଚଳାଇବା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଲୋଚନା ସକାରାତ୍ମକ ହୋଇଥିବା ବେଳେ ମହାପ୍ରବନ୍ଧକ ଏ ସମସ୍ତ ସମସ୍ୟା ଗୁଡ଼ିକ ପ୍ରତି ପଦକ୍ଷେପ ନିଆଯିବ ବୋଲି ନାଗରିକ ମଞ୍ଚକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏଣୁ ତୁରନ୍ତ ଏହି ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଯାଦବ ସମାଜର ଜୋନାଲ ସ୍ତରୀୟ ବନ୍ଧୁ ମିଳନ




ଗୋଲାମୁଣ୍ଡା, (ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଯାଦବ ସମିତି ଆନୁକୁଲ୍ୟରେ ଦଶପୁର ଜୋନାଲ ସ୍ତରୀୟ ବନ୍ଧୁ ମିଳନ ବୁଧବାର ଦିନ ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ସଭାପତି ଗିରିଧାରୀ ତେଜି ଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ସମାଜର ସଭାପତି ଶ୍ରୀଯୁକ୍ତ ନୃପରାଜ ଯାଦବ, ସମ୍ମାନିତ ଅତିଥି ଜିଲ୍ଲା ଉପ ସଭାପତି ଅରୁପା ନାଗ,ଧର୍ମଗଡ ବ୍ଲକ ସଭାପତି ଶଙ୍କର ପ୍ରସାଦ ଜୋଏଡ, ଜୁନାଗଡ଼ ବ୍ଲକ ସଭାପତି ଗୌରହରି ବାଗ, ଜୁନାଗଡ଼ ବ୍ଲକ ଯାଦବ ମହିଳା ସେଲ ସଭାନେତ୍ରୀ ସଙ୍ଗିତା ଖର୍ସେଲ ଓ ମୁଖ୍ୟ ବକ୍ତା ନୂଆପଡ଼ା ଜିଲ୍ଲା ସଭା ନେତ୍ରୀ ମମତା ମଞ୍ଜରୀ ଥପା ଗୋଲାମୁଣ୍ଡା ବ୍ଲକ ଯାଦବ ଉପ ସଭାପତି ରେବା କଟା,ସହ ସମ୍ପାଦକ ସଦାଶିବ ବେମାଲ, ଶିକ୍ଷାବିତ ତରଙ୍ଗ ଚଣ୍ଡୀ, ଯୁବ ସାମ୍ବାଦିକ ବ୍ରହ୍ମା ପ୍ରସାଦ କାଣ୍ଡ,କେଗାଁ ଜୋନାଲ ସଭାପତି ଦିନରାମ କେତକୀ, ଗୋଲାମୁଣ୍ଡା ର ସମାଜ ସେବୀ ରାଜେଶ ବଗର୍ତି, ନର୍ଲା ଯାଦବ ସମାଜ ର ସଭାପତି, ସଂପାଦକ ପ୍ରମୁଖ ମଞ୍ଚାସିନ ହୋଇ ସମାଜ ସଂକ୍ରାନ୍ତିୟ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ୨୭ ଗୋଟି ଆଞ୍ଚଳିକ ଯାଦବ ସମିତିର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ । ଗୋଲାମୁଣ୍ଡା ବ୍ଲକ ଯାଦବ ସମିତିର ସଂପାଦକ ପରୀକ୍ଷିତ ଖର୍ସେଲ ମଞ୍ଚ ପରିଚାଳନା କରିଥିଲେ । ଦଶପୁର,ଚିଚିଆ ଓ ଟେମରି ଗ୍ରାମ ପଞ୍ଚାୟତରୁ ପାଖାପାଖି ଏକ ହଜାର ଯାଦବ ପୁରଷ ଓ ମହିଳା ଉପସ୍ଥିତ ରହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ ।

# କୁଜଙ୍ଗ ଗାନ୍ଧୀ ବରପୁତ୍ର ନାରାୟଣ ବୀରବର ସାମନ୍ତଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳିତ

ପାରାଦ୍ୱୀପ/କୁଜଙ୍ଗ, (ମହାଭାରତ) : ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସୋମବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କୁଜଙ୍ଗଗାନ୍ଧୀ ନାରାୟଣ ବୀରବର ସାମନ୍ତଙ୍କ ୧୨୫ତମ ଜୟନ୍ତୀ ପାରାଦ୍ୱୀପସ୍ଥ ସଂସ୍କୃତିପୂର୍ଣ୍ଣ ଐତିହାସିକ ଉଦୟବଟ ଧାମ ଠାରେ ପାଳିତ ହୋଇଯାଇଛି। ଏହି ମର୍ମରେ ପ୍ରତ୍ୟୁଷରୁ ପାରାଦ୍ୱୀପ ଗଡ଼ସ୍ଥ ରାଜନଅରରେ ଥିବା ଜେମା-ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଟ୍ରଷ୍ଟର ସଭାପତି ସୁଶାନ୍ତ ଶେଖର ସ୍ୱାଇଁ ସ୍ମୃତିସଭାରେ ଅଧ୍ୟକ୍ଷତା କରି ସାମନ୍ତଙ୍କ ଜୀବନଶୈଳୀ ଓ ବିଚାରଧାରା ଉପରେ ବକ୍ତବ୍ୟ ରଖିଥିଲେ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଓ ବୃହତ ପାରାଦ୍ୱୀପ ବନ୍ଦର ନିର୍ମାଣର ଅନ୍ୟତମ ପ୍ରମୁଖ ବିନ୍ଧାଣୀ ଥିଲେ ଗାନ୍ଧିବାଦୀ ନେତା ନାରାୟଣ ବୀରବର ସାମନ୍ତ । ଭାରତବର୍ଷର ପ୍ରଥମ ଛାତ୍ର, ଯିଏ କି ରେଭେନ୍ସା କଲେଜରୁ ପାଠପଢ଼ା ଛାଡି ମହାତ୍ମାଗାନ୍ଧୀଙ୍କ ଦ୍ୱାରା ଆହୁତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । କଟକ ଜିଲ୍ଲାସ୍ଥ ଆଠଗଡ଼ରେ ଶିକ୍ଷାର ବିକାଶ ପାଇଁ ସ୍ଥାପିତ ଗୋପବନ୍ଧୁ




ଦାସ ବିଜ୍ଞାନ ମହାବିଦ୍ୟାଳୟ ନାରାୟଣ ବୀରବର ସାମନ୍ତଙ୍କ ଅନ୍ୟବେଦ ସୃଷ୍ଟି । ୧୯୦୦ ମସିହା ଅକ୍ଟୋବର ୨୧ ତାରିଖରେ କେନ୍ଦ୍ରାପଡା ଜିଲ୍ଲାର ଇନ୍ଦୁପୁର ଗ୍ରାମର ସମ୍ଭ୍ରାନ୍ତ ଜଗଦେବ ପରିବାରରେ ପିତା ପରମାନନ୍ଦ ଜଗଦେବ ଓ ମାତା ନକ୍ଷେତ୍ରମାଳିଙ୍କ କୋଳମଣ୍ଡନ କରନ୍ତି ନାରାୟଣ କ୍ଷ ୧୯୩୧ମସିହାରେ କୁଜଙ୍ଗ ରାଜାଝିଅ ରନ୍‌ମାଳୀ ଜେମାଙ୍କ ସହିତ ବିବାହ ସମ୍ପନ୍ନ, ୧୯୩୭ରୁ ୧୯୪୬ମସିହା ପର୍ଯ୍ୟନ୍ତ ପଶ୍ଚିମ ଯାଜପୁର ଆସନରୁ ପ୍ରତିନିଧିତ୍ୱ, ପୁନଃରାୟ ୧୯୪୬ମସିହାରେ ପୂର୍ବ କଟକ ସଦର ନିର୍ବାଚନ ମଣ୍ଡଳୀରୁ ବିଧାନସଭାର ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ସ୍ୱାଧୀନ ଭାରତରେ ଅନୁଷ୍ଠିତ ପ୍ରଥମ ଉପନିର୍ବାଚନ ସାରା ଦେଶରେ ଦୃଷ୍ଟି ଆକର୍ଷଣ କରିଥିବା ସମୟରେ ତିର୍ତୋଲ-ଏରସମା ସମ୍ମନିତ ନିର୍ବାଚନ ମଣ୍ଡଳୀରୁ ସାମନ୍ତ ବିଜୟୀ ହୋଇ ଆପଣାର ଅବିସମ୍ବାଦିତ ଜନପ୍ରିୟତାର ପ୍ରମାଣ ଦେଇଥିଲେ। ସାମନ୍ତ ଯୁବକ ଅବସ୍ଥାରେ ମହାପୁରୁଷ ରାଜୀବ ଲୋଚନ ଦାସଙ୍କ ସଂସ୍ପର୍ଶରେ ଆସି ଦୀକ୍ଷା ଗ୍ରହଣ କରିଥିଲେ । ସେହି ମହାପୁରୁଷଙ୍କ ମୁଖ୍ୟଧାମ ଉଦୟବଟ ଆଜି ପରିବେଶ ଧ୍ୱଂସକାରୀ କାର୍ବନ କାରଖାନାର କଳାଧୂଆଁର ବିଷବଳୟରେ ପ୍ରଭାବିତ, ଏଭଳି ପରିବେଶ ହତ୍ୟାକାରୀ ଶିଳ୍ପକୁ ଶୀଘ୍ର ସରକାର ସ୍ଥାନାନ୍ତର କରି ଉଜୁଡି ଯାଉଥିବା ମହାନ ଧାମକୁ ପୁନଃଉଦ୍ଧାର କରିବା ସହିତ ଜିଲ୍ଲା ମୁଖ୍ୟାଳୟ, ଜଗତସିଂହପୁର ଓ ପାରାଦ୍ୱୀପ ବନ୍ଦର କାର୍ଯ୍ୟାଳୟ ଠାରେ ସାମନ୍ତଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଟ୍ରଷ୍ଟ ତରଫରୁ ବକ୍ତାମାନେ ବକ୍ତବ୍ୟରେ ଦାବୀ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ମିଶ୍ର, କୃଷ୍ଣ ଦାଶ, ପ୍ରେମଲତା ବାରିକ, ଚିନ୍ମୟ ଦାସ, ଧ୍ରୁବ ମହାପାତ୍ର, ପଦ୍ମନାଭ ରାଉତ, ସାଗର ନାୟକ, ଅଦେତ୍ୟ ଯୁଝିଅରସିଂ, ପଦ ବାବା, ରଞ୍ଜନ ବାବା, ଅଶୋକ ନାଥ, ମାନସ ଆଚାର୍ଯ୍ୟ, ମୋହନ କୁମାର, ସୁବ୍ରତ ସାମଲ, କବିନ୍ଦ୍ର ବାବା, ରବୀନ୍ଦ୍ର ବାବା ପ୍ରମୁଖ ଯୋଗଦେଇ ସାମନ୍ତଙ୍କ ସ୍ମୃତିଚାରଣ କରିଥିଲେ, ସାନ୍ଧ୍ୟ ସମୟରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା ।

## ଆସିକା ବାଣୀବିହାର ରାଧାକୃଷ୍ଣ ମନ୍ଦିର ଠାରେ ଗୋବର୍ଦ୍ଧନ ଉତ୍ସବ ପାଳିତ

ଆସିକା, (ମହାଭାରତ) : ଆସିକା ମୁନ୍ସିପାଲଟି ଅଧୀନ ୱାର୍ଡ ନମ୍ବର ୨ବାଣୀବିହାର ରାଧାକୃଷ୍ଣ ମନ୍ଦିର ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗୋବର୍ଦ୍ଧନ ଉତ୍ସବ ମହାଡ଼ମ୍ବର ସହିତ ପାଳିତ ହୋଇଯାଇଛି ।ଭଗବାନ ଇନ୍ଦ୍ର ଙ୍କ ଦାଉରୁ ଗୋପପୁର ବାସୀଙ୍କ ଧନ ଯିବନ ରକ୍ଷା କରିବା ପାଇଁ ପ୍ରଭୁ ଶ୍ରୀକୃଷ୍ଣ ଡାହାଣ ହାତର କାଣି ଆଙ୍ଗୁଠିରେ ଗୋବର୍ଦ୍ଧନ ପର୍ବତ କୁ ଉଠାଇ ଇନ୍ଦ୍ର ଙ୍କ ଗର୍ବ ଭାଙ୍ଗିଥିଲେ। ସେହିଦିନକୁ ଭିତ୍ତି କରି ଏକେଉଁ ଆଦିମାନକାଳରୁ ଏହି ଦିବସଟିକୁ ପାଳନ କରିଆସୁଛନ୍ତି। ଆଜି ବାଣୀବିହାର ରାଧାକୃଷ୍ଣ ମନ୍ଦିର ଠାରେ ସକାଳୁ ଦୁଆରଫିଟା,ମଙ୍ଗଳ ଆଳତୀ, ମାଜଣା, ବେଶ ବାଲଭୋଗ କରାଯାଇଥିଲା। ଦିନ ତମାମ ଭଜନ କୀର୍ତନ,ଚାଲିଥିଲା। ସନ୍ଧ୍ୟା ସମୟରେ ଆଳତୀ ପରେ ଯୁଗଳମୂର୍ତ୍ତିଙ୍କୁ ଶହ ଶହ ଭକ୍ତ ଦର୍ଶନ କରିବା ସହ ପ୍ରାୟ ୫୦୦୦ହଜାରରୁ ଉର୍ଦ୍ଧ ଭକ୍ତ ଙ୍କ ସକାଶେ ପ୍ରସାଦ ସେବନ ର ଆୟୋଜନ କରାଯାଇଥିଲା।

## ନିଶାଖାଇ ରାସ୍ତାରେ ସଦର ଥାନା ପୁଲିସ

ନୟାଗଡ଼, (ମହାଭାରତ) : ନୟାଗଡ଼ ସଦର ଥାନା ନିକଟବର୍ତ୍ତୀ ଜାତୀୟ ରାଜପଥ ଉପରେ ଦୁଇଜଣ ପୁଲିସ କର୍ମଚାରୀ ନିଶା ସେବନ କରି ଉତ୍ପାତ ମଚାଇଥିବା ଗତ ଶନିବାର ସନ୍ଧ୍ୟାରେ ଦେଖିବାକୁ ମିଳିଛି। ସଦର ଥାନାରେ କାର୍ଯ୍ୟରତ ଜଣେ ଏଏସ୍ଆଇ ଓ ଜଣେ କନଷ୍ଟେବଳ ଏଭଳି କରିବା ଦେଖିବାକୁ ମିଳିଛି। ଥାନା ନିକଟବର୍ତ୍ତୀ ଚା’ ଦୋକାନ ପାଖରେ ନିଶାସକ୍ତ ଅବସ୍ଥାରେ ଦୀର୍ଘ ସମୟ ଧରି ସାଧାରଣ ଲୋକଙ୍କୁ ଙ୍କୁ ଅଶ୍ଲୀଳ ଗାଳି ଗୁଳଜ କରିଥିବା ଅଭିଯୋଗ ହେଇଛି। ଏହି ଦୁଇ ପୁଲିସ କର୍ମଚାରୀଙ୍କର ଏହା ନିତିଦିନିଆ ଘଟଣା ହେଇଥିବା ବେଳେ ସବୁ ଜାଣି ବରିଷ୍ଠ କର୍ମଚାରୀ ଚୁପ ରହୁଛନ୍ତି। କିନ୍ତୁ ଗତ ଶନିବାର ଦିନ ପରିସ୍ଥିତି ଅଣାୟତ ହୋଇଛି। ଜଣେ ପୁଲିସ କର୍ମଚାରୀ ବେହୋସ ଅବସ୍ଥାରେ ଚା’ ଦୋକାନରେ ପଡିଥିବା ବେଳେ ଅନ୍ୟ ଜଣେ ନିଜ



ବାଇକ୍ ଉପରେ ସୋଇପଡିଛନ୍ତି। ଶହ ଶହ ଲୋକ ଦୁଇ ପୁଲିସ କର୍ମଚାରୀଙ୍କ ଉତ୍ପାତ ଦେଖି ଅଟ୍ଟହାସ୍ୟ କରୁଥିବା ବେଳେ ସଦର ଥାନାର ଅନ୍ୟ ପୁଲିସ କର୍ମଚାରୀ ମାନେ ସବୁ ଜାଣି ନୀରବ ରହିଛନ୍ତି। ନୟାଗଡ଼ ଏସ୍‌ପି ଏହି ଘଟଣାକୁ ଧ୍ୟାନ ଦେବାକୁ ଦାବି ହେଉଛି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ଏଆଇ ଆଢୁଆଳରେ ଆଉ ଲୁଚି ହେବନି: ସରକାର ଆଣୁଛନ୍ତି କଡ଼ା ନିୟମ

ନୂଆଦିଲ୍ଲୀ: ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ବହୁଳ ବ୍ୟବହାର ପରେ 'ଡିପ୍‌ଫେକ୍' ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଅବିକଳ ଅସଲି ଭଳି ଜଣାପଡୁଥିବା ନକଲି ଏଆଇ କଣ୍ଟେଣ୍ଟଗୁଡ଼ିକୁ ଡିପ୍‌ଫେକ୍ କୁହାଯାଉଛି। ତାହାର ମୁକାବିଲା କରିବା ଲାଗି କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏକ କଡ଼ା ନିୟମ ଆଣିବା ଉପରେ କାର୍ଯ୍ୟ କରୁଛି। ଏହି ନିୟମ ଆଧାରରେ ଏଆଇକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବା କଣ୍ଟେଣ୍ଟଗୁଡ଼ିକରେ ଲେବଲ୍ ଲଗାଯିବ। ଫଳରେ ବ୍ୟବହାରକାରୀମାନେ ତାହା ଅସଲି ନା ନକଲି ଜାଣିପାରିବେ। ତେଣୁ ଆଗାମୀ ଦିନରେ ଆଉ ଏଆଇର ଅପବ୍ୟବହାର କରି ଅସ୍ଥିରତା, ଅରାଜକତା ଓ ମିଥ୍ୟା ପ୍ରଚାର କରିବା ସମ୍ଭବ ହେବ ନାହିଁ। କେହି ଏଆଇର



ଛଦ୍ମବେଶ ପଛରେ ଲୁଚି ରହିପାରିବେନି। ସବୁ କୃତ୍ରିମ କଣ୍ଟେଣ୍ଟ ଜଣାପଡ଼ିଯିବ। ଡିପ୍‌ଫେକ୍ ଭିଡିଓଗୁଡ଼ିକରେ ପରିଚୟ ଚୋରାଇବା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି ଯାହା ସେଲିବ୍ରିଟି ଓ ନିର୍ବାଚନ ସମୟରେ ରାଜନେତାଙ୍କ ବିରୋଧରେ ବ୍ୟବହାର କରାଯିବା ଆଶଙ୍କା ରହିଛି। ଇଣ୍ଟରନେଟ୍‌କୁ ମୁକ୍ତ, ସୁରକ୍ଷିତ, ବିଶ୍ୱସନୀୟ ଓ ଦାୟିତ୍ୱବାନ କରିବା ଲାଗି ଏହି ନିୟମ ଜରୁରୀ ବୋଲି ସରକାର ଭାବୁଛନ୍ତି। ଏହା ଉପରେ ଅଂଶୀଦାରମାନଙ୍କ ମତାମତ ଲୋଡ଼ାଯାଇଛି। ନୂଆ ନିୟମର ଧାରା ୩(୩) ଅନୁସାରେ ଯେଉଁ ସୋସିଆଲ ମିଡିଆ ପ୍ଲାଟଫର୍ମ ସିନ୍ଥେଟିକ୍ କଣ୍ଟେଣ୍ଟ ପ୍ରସ୍ତୁତ କରିବାର ସୁବିଧା ଦେବେ ସେମାନଙ୍କୁ ଏହାର ଉଭୟ ଅଡିଓ ଓ ଭିଡିଓର ଲେବଲ୍ କରିବାକୁ ପଡ଼ିବ। ସେହି ଲେବଲ୍ ଭିଜୁଆଲର ଅତିକମ୍‌ରେ ୧୦ ପ୍ରତିଶତ ସ୍ଥାନରେ ସ୍ପଷ୍ଟ ଭାବେ ପ୍ରଦର୍ଶିତ ହେବ ଏବଂ ଅଡିଓ ବି ଅତି ସ୍ପଷ୍ଟ ଶୁଣାଯିବା ଦରକାର। ସେହି ଲେବଲ୍‌କୁ କେହି ପରିବର୍ତ୍ତନ, ଲୁଚାଇବା କିମ୍ବା ଡିଲିଟ୍ କରିପାରିବେ ନାହିଁ। କୌଣସି କଣ୍ଟେଣ୍ଟ ଅପ୍‌ଲୋଡ୍ ହେବା ପୂର୍ବରୁ ଏହି ନିୟମ ପାଳନ ହୋଇଛି ନା ନାହିଁ ତାହାକୁ ପ୍ଲାଟଫର୍ମ ଯାଞ୍ଚ କରିବାକୁ ହେବ। ଏହି ନିୟମକୁ ୫୦ ଲକ୍ଷରୁ ଅଧିକ ଲୋକ ବ୍ୟବହାର କରୁଥିବା ସବୁ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଉପରେ ଲାଗୁ କରାଯିବ। ନିୟମ ପାଳନର ଦାୟିତ୍ୱ ସମ୍ପୂର୍ଣ୍ଣ ସେମାନଙ୍କ ଉପରେ ରହିବ। ଫେସବୁକ୍, ୟୁଟ୍ୟୁବ୍, ସ୍ନାପ୍‌ଚାଟ୍ ଭଳି ପ୍ଲାଟଫର୍ମ ଏଥିରେ ସାମିଲ ହେବେ। ଏହି ନିୟମର ଚିଠାକୁ ଆଜି ଜାରି କରାଯାଇ ନଭେମ୍ବର ୬ ସୁଦ୍ଧା ମତାମତ ଲୋଡ଼ାଯାଇଛି। ଏହାପରେ ଆଇନ ଚୂଡ଼ାନ୍ତ ରୂପ ନେବ।

## ଇଣ୍ଡିଗୋ ବିମାନରୁ ଇନ୍ଧନ ଲିକ୍




ନୂଆଦିଲ୍ଲୀ: କୋଲକାତାରୁ ଶ୍ରୀନଗରକୁ ଉଡ଼ାଣ କରୁଥିବା ଏକ ଇଣ୍ଡିଗୋ ବିମାନ ଆଜି ଉତ୍ତରପ୍ରଦେଶର ବାରାଣସୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ବିମାନରୁ ଇନ୍ଧନ ଲିକ୍ ହେଉଥିବା ଜଣାପଡ଼ିବା ପରେ ସମସ୍ତ ୧୬୬ ଯାତ୍ରୀ ଏବଂ ବିମାନ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ବିମାନରୁ ବାହାର କରାଯାଇଛି। କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି ଏବଂ ବିମାନବନ୍ଦରରେ ସ୍ୱାଭାବିକ ଅପରେସନ୍ ଆରମ୍ଭ ହୋଇଛି। ଏଲ୍‌ବିଏସ୍‌ଆଇ ବିମାନବନ୍ଦର ନିର୍ଦ୍ଦେଶକ ପୁନୀତ ଗୁପ୍ତା କହିଛନ୍ତି, ଇଣ୍ଡିଗୋ ଏୟାରଲାଇନ୍ସର ଫ୍ଲାଇଟ୍ ନମ୍ବର ୧୯୬୧ କୋଲକାତାରୁ ଶ୍ରୀନଗର ଅଭିମୁଖେ ଉଡ଼ାଣ କରୁଥିବାବେଳେ ପାଇଲଟ ବିମାନରେ ଇନ୍ଧନ ଲିକ୍ ହେଉଥିବା ଜାଣିବାକୁ ପାଇଥିଲେ ଏବଂ ତୁରନ୍ତ ଏଟିସି (ଏୟାର ଟ୍ରାଫିକ୍ କଣ୍ଟ୍ରୋଲ) ସହ ଯୋଗାଯୋଗ କରି ଜରୁରୀ ଅବତରଣ ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ଅନୁମତି ମିଳିବା ପରେ ବିମାନ ଅପରାହ୍ନ ୪ଟା ସମୟରେ ରନ୍‌ୱେରେ ଅବତରଣ କରିଥିଲା।

## ପାକିସ୍ତାନରୁ ପଞ୍ଜାବକୁ ଡ୍ରୋନ୍ ଦ୍ୱାରା ଅସ୍ତ୍ରଶସ୍ତ୍ର ଚାଲାଣ



ରାଞ୍ଚି: ଝାଡ଼ଖଣ୍ଡରେ ଏକ ପ୍ରମୁଖ ଆନ୍ତର୍ଜାତୀୟ ଆତଙ୍କ ଏବଂ ଅପରାଧ ନେଟୱାର୍କର ପର୍ଦ୍ଦାଫାସ ହୋଇଛି। ଏକ ବଡ଼ କାର୍ଯ୍ୟାନୁଷ୍ଠାନରେ, ରାଞ୍ଚି ପୁଲିସ ଗ୍ୟାଙ୍ଗଷ୍ଟର ସୁଜିତ ସିହ୍ନା ଏବଂ ପଳାତକ ପ୍ରିନ୍ସ ଖାନଙ୍କ ମଧ୍ୟରେ ସମ୍ପର୍କର ପର୍ଦ୍ଦାଫାସ କରିଛି। ଏହି ଗ୍ୟାଙ୍ଗକୁ ସୁଜିତ ସିହ୍ନାଙ୍କ ପତ୍ନୀ 'ଲେଡି ଡନ୍' ରିଆ ସିହ୍ନା ପରିଚାଳନା କରୁଥିଲେ। ପୁଲିସ ରିଆଙ୍କ ସମେତ ପାଞ୍ଚ ଜଣ ଗ୍ୟାଙ୍ଗ ସଦସ୍ୟଙ୍କୁ ଗିରଫ କରିଛି। ଯେଉଁମାନେ ଚାଞ୍ଚଲ୍ୟକର ସୂଚନା ଦେଇଛନ୍ତି। ତଦନ୍ତରୁ ଜଣାପଡିଛି ଯେ, ଏହି ଗ୍ୟାଙ୍ଗ ଡ୍ରୋନ୍ ମାଧ୍ୟମରେ ପାକିସ୍ତାନରୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଆଣି ଝାଡ଼ଖଣ୍ଡର ବ୍ୟବସାୟୀ ଏବଂ କୋଇଲା ବ୍ୟବସାୟୀଙ୍କଠାରୁ ଟଙ୍କା ଆଦାୟ କରୁଥିଲେ।

ପୁଲିସ ତଦନ୍ତରୁ ଜଣାପଡିଛି, ସଂଯୁକ୍ତ ଆରବ ଏମିରେଟ୍ସ (ଟଇର)ରେ ଲୁଚି ରହିଥିବା ଗ୍ୟାଙ୍ଗଷ୍ଟର ପ୍ରିନ୍ସ ଖାନ ପାକିସ୍ତାନର ପେଶାୱରରୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସଂଗ୍ରହ କରିଥିଲେ। ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ପରେ ଡ୍ରୋନ୍ ମାଧ୍ୟମରେ ପଞ୍ଜାବ ସୀମାରେ ଖସାଇ ଦିଆଯାଉଥିଲା। ଯେଉଁଠାରୁ ଗ୍ୟାଙ୍ଗ ସଦସ୍ୟମାନେ ସେଗୁଡ଼ିକୁ ଝାଡ଼ଖଣ୍ଡର ବିଭିନ୍ନ ଅଞ୍ଚଳକୁ ପରିବହନ କରୁଥିଲେ। ସନ୍ଦେହ ଏଡାଇବା ପାଇଁ ଅସ୍ତ୍ରଶସ୍ତ୍ରର ଶେଷ ଡେଲିଭରି ପାଇଁ ଯୁବତୀମାନଙ୍କୁ ବ୍ୟବହାର କରାଯାଉଥିଲା।

ପ୍ରତିବଦଳରେ, ସୁଜିତ ସିହ୍ନାଙ୍କ ଗ୍ୟାଙ୍ଗ ପ୍ରିନ୍ସ ଖାନଙ୍କୁ ଟଙ୍କା ଏବଂ ନୂତନ ସହଯୋଗୀ ଯୋଗାଇଥିଲା। ବ୍ୟବସାୟୀମାନଙ୍କଠାରୁ ଆଦାୟ କରାଯାଇଥିବା ଟଙ୍କା ହାୱାଲା ମାଧ୍ୟମରେ ୟୁଏଇ ଏବଂ ତା'ପରେ ଆମେରିକାକୁ ସ୍ଥାନାନ୍ତରିତ ହେଉଥିଲା।ପାକିସ୍ତାନ'କୋୟଲାଞ୍ଚଳ ଶାନ୍ତି ସେନା' ନାମରେ ଜଣାଶୁଣା ଏହି ମେଣ୍ଟ ରାଞ୍ଚି, ଧାନବାଦ ଏବଂ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ସକ୍ରିୟ ଥିଲା, ବ୍ୟବସାୟୀମାନଙ୍କୁ ଧମକ ଦେଇ ଏବଂ ଗୁଳି ଚଳାଇ ଆତଙ୍କ ସୃଷ୍ଟି କରୁଥିଲା।

ଏହି ସମ୍ପୂର୍ଣ୍ଣ ସିଣ୍ଡିକେଟ୍ ସୁଜିତ ସିହ୍ନାଙ୍କ ପତ୍ନୀ ରିଆ ସିହ୍ନାଙ୍କ ନେତୃତ୍ୱରେ କରାଯାଉଥିଲା। ବ୍ୟବସାୟୀମାନଙ୍କୁ ଧମକପୂର୍ଣ୍ଣ କଲ୍ କରାଯାଉଥିଲା ଏବଂ ରିୟାଙ୍କର ନିର୍ଦ୍ଦେଶରେ ଗୁଳିଚାଳନା କରାଯାଉଥିଲା। ରିୟାଙ୍କ ବ୍ୟତୀତ, ପୁଲିସ ବବଲୁ ଖାନ ଓରଫ ଅନମୁଲ, ରବି ଆନନ୍ଦ, ମହମ୍ମଦ ସିରାଜ ଏବଂ ମହମ୍ମଦ ସାହିଦଙ୍କୁ ମଧ୍ୟ ଗିରଫ କରିଛି। ଗିରଫ ବବଲୁ ଖାନ ସୁଜିତ ଏବଂ ପ୍ରିନ୍ସଙ୍କ ମଧ୍ୟରେ ମୁଖ୍ୟ ସଂଯୋଗ ଥିଲା। ଅସ୍ତ୍ରଶସ୍ତ୍ର ଯୋଗାଣ ଶୃଙ୍ଖଳା ଏବଂ ଆର୍ଥିକ କାରବାର ତଦାରଖ କରୁଥିଲା। ଏହି ଗିରଫଦାରୀ ସହିତ, ପୁଲିସ ଏକ ପ୍ରମୁଖ ସଂଗଠିତ ଅପରାଧ ନେଟୱାର୍କର ମେରୁଦଣ୍ଡ ଭାଙ୍ଗି ଦେଇଛି।

## ହେଲିପ୍ୟାଡ୍‌ରେ ଦବିଗଲା ରାଷ୍ଟ୍ରପତିଙ୍କ ଚପର ଚକ

ନୂଆଦିଲ୍ଲୀ: କେରଳର ପ୍ରମଦମ୍ ଷ୍ଟାଡିୟମ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନେଇ ଯାଉଥିବା ଏକ ହେଲିକପ୍ଟର ବୁଧବାର ଏକ ଛୋଟ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଷ୍ଟାଡିୟମ୍‌ର ସଦ୍ୟ ନିର୍ମିତ ହେଲିପ୍ୟାଡ୍‌ର ଢଲେଇ ଶୁଖି ନଥିବାରୁ ହେଲିକପ୍ଟରର ଚକ ତା' ଭିତରେ ଦବିଯାଇଥିଲା। ଚାରିଦିନିଆ ସରକାରୀ ଗସ୍ତରେ ଥିବା ରାଷ୍ଟ୍ରପତି ଆଜି ଶବରୀମାଳା ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଖବର ଅନୁଯାୟୀ, ହେଲିପ୍ୟାଡ୍‌ରେ ଚକ ଦବିଯିବାର କିଛି ମୁହୂର୍ତ୍ତ ମଧ୍ୟରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସେମାନେ ହେଲିକପ୍ଟରକୁ ହାତରେ ଠେଲି ଦବିଯାଇଥିବା ଚକକୁ ବାହାର କରିଥିଲେ। ରାଷ୍ଟ୍ରପତି ମୁର୍ମୁଙ୍କ କେରଳ ଗସ୍ତ ଅକ୍ଟୋବର ୨୧ରେ



ଆରମ୍ଭ ହୋଇ ୨୪ରେ ଶେଷ ହେବାକୁ ଯାଉଛି। ମଙ୍ଗଳବାର ତିରୁଅନନ୍ତପୁରମ୍ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ କେରଳ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର, ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଏବଂ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର, ମତ୍ସ୍ୟ ଓ ପଶୁପାଳନ ତଥା ଦୁଗ୍ଧ ଉତ୍ପାଦନ ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିୟାନ୍ ସ୍ୱାଗତ କରିଥିଲେ। ଆସନ୍ତାକାଲି ରାଷ୍ଟ୍ରପତି ତିରୁବନନ୍ତପୁରମର ରାଜଭବନରେ ପୂର୍ବତନ ରାଷ୍ଟ୍ରପତି କେଆର୍ ନାରାୟଣନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭର୍କାଲାର ଶିବଗିରି ମଠରେ ଶ୍ରୀନାରାୟଣ ଗୁରୁଙ୍କ ମହାସମାଧି ଶତବାର୍ଷିକୀ ଉତ୍ସବକୁ ଉଦଘାଟନ କରିବା ପରେ ପଲାଇରେ ସେଣ୍ଟ ଟମାସ୍ କଲେଜର ପ୍ଲାଟିନମ୍ ଜୟନ୍ତୀ ଉତ୍ସବର ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇଥିଲେ।

## ଆମେରିକାରେ ବିଦ୍ରୋହ ଆଶଙ୍କା

ୱାଶିଂଟନ: ଆମେରିକାରେ ସରକାରୀ ସଟ୍‌ଡାଉନ୍ ଯୋଗୁ ପ୍ରାୟ ୭୫୦,୦୦୦ସରକାରୀ କର୍ମଚାରୀଙ୍କୁ ଦରମା ବିନା ଘରେ ରହିବାକୁ ବାଧ୍ୟ କରାଯାଉଛି। ସାମରିକ ବାହିନୀ, ପୁଲିସ, ବିମାନ ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ସୀମା ସୁରକ୍ଷା ଭଳି ଅତ୍ୟାବଶ୍ୟକୀୟ ସେବାରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଦରମା ବିନା କାମ କରିବାକୁ ବାଧ୍ୟ କରାଯାଉଛି। ଏହା ସେମାନଙ୍କର ଆର୍ଥିକ ସ୍ଥିତିକୁ ଆହୁରି ଖରାପ କରିଦେଇଛି। ଅକ୍ଟୋବର ୨୦ ତାରିଖରେ, ପାଣ୍ଠି ବିଲ୍ ଉପରେ ୧୧ତମ ଥର ପାଇଁ ଭୋଟ୍ ଦିଆଯାଇଥିଲା, କିନ୍ତୁ ରାଷ୍ଟ୍ରପତି ଡୋନାଲ୍‌ହ ଟ୍ରମ୍ପ୍ ?ଙ୍କ ପ୍ରସ୍ତାବ ପାରିତ ହୋଇପାରିଲା ନାହିଁ।

ଅନେକ କର୍ମଚାରୀଙ୍କୁ ଖାଦ୍ୟ ଯୋଗାଣ, ଟ୍ୟାକ୍ସି ଡ୍ରାଇଭିଂ କିମ୍ବା ଅନ୍ୟାନ୍ୟ ଅସ୍ଥାୟୀ ଚାକିରି କରିବାକୁ ବାଧ୍ୟ କରାଯାଉଛି ଯାହା ଦ୍ୱାରା ସେମାନେ ଜୀବିକା ନିର୍ବାହ କରିପାରିବେ। ଏହି ସମୟରେ, ସୋମବାର ଦିନ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କ୍ରମାଗତ ୧୧ତମ ଥର ପାଇଁ କଂଗ୍ରେସରେ ତାଙ୍କ ପ୍ରସ୍ତାବ ପାରିତ କରାଇପାରିଲେ ନାହିଁ। ସଟ୍‌ଡାଉନ୍ ଏବଂ ଦରମା ନ ମିଳିବା ଯୋଗୁ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

## ପାକିସ୍ତାନରେ ଟମାଟୋ କିଲୋ ୭୦୦ ଟଙ୍କା, ଆଫଗାନିସ୍ତାନ ସହିତ ବାଣିଜ୍ୟ ବାଧା ଯୋଗୁଁ ଏଭଳି ସ୍ଥିତି

ପାକିସ୍ତାନ : ଦେବାଳିଆ ପାକିସ୍ତାନ ବର୍ତ୍ତମାନ ଏକ ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଛି । ପାକିସ୍ତାନରେ ଟମାଟୋ ମୂଲ୍ୟ ନୂଆ ସ୍ତରରେ ପହଞ୍ଚିଛି । ରିପୋର୍ଟ ଅନୁଯାୟୀ, ଲାହୋର ଏବଂ କରାଚୀ ସମେତ ଅଧିକାଂଶ ପ୍ରମୁଖ ସହରରେ ଟମାଟୋ ଏବେ କିଲୋଗ୍ରାମ ପିଛା ୭୦୦ରେ ରେକର୍ଡ ସର୍ବାଧିକ ବିକ୍ରି ହେଉଛି । କିଛି ସପ୍ତାହ ପୂର୍ବରୁ, ଟମାଟୋ କିଲୋଗ୍ରାମ ପିଛା ୧୦୦ ରେ ବିକ୍ରି ହେଉଥିଲା । ଆଫଗାନିସ୍ତାନ ସହିତ ବାଣିଜ୍ୟରେ ବାଧା ଯୋଗୁଁ ମଧ୍ୟ ଟମାଟୋ ମୂଲ୍ୟ ବୃଦ୍ଧି ପାଇଛି ବୋଲି ଏଭଳି ସ୍ଥିତିରେ ରହିଛି ପାକିସ୍ତାନ । ପାକିସ୍ତାନର ଏକ ରିପୋର୍ଟ ଅନୁଯାୟୀ, ଦେଶର ବିଭିନ୍ନ ସ୍ଥାନରେ ବନ୍ୟା ଯୋଗୁଁ ଫସଲ ନଷ୍ଟ ହୋଇଛି, ବାଣିଜ୍ୟ ବାଧାପ୍ରାପ୍ତ ହୋଇଛି ଏବଂ ଯୋଗାଣ ଅଭାବ ସୃଷ୍ଟି ହୋଇଛି, ଯାହା ଫଳରେ ଟମାଟୋର ମୂଲ୍ୟ ରେକର୍ଡ ଛୁଇଁଛି । ଆଫଗାନିସ୍ତାନରୁ ପାକିସ୍ତାନକୁ ଟମାଟୋ ଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି । ସୀମାରେ ଉତ୍ତେଜନା ଏବଂ ଆଫଗାନିସ୍ତାନ ରପ୍ତାନି ଉପରେ ପ୍ରତିବନ୍ଧକ ପରେ ପାକିସ୍ତାନର ପ୍ରମୁଖ ସହରଗୁଡ଼ିକରେ ଟମାଟୋ ଏବଂ ଅନ୍ୟାନ୍ୟ ପନିପରିବାର ମୂଲ୍ୟ ବୃଦ୍ଧି ପାଇଛି । ପଞ୍ଜାବର ଝେଲମ ଏବଂ ଗୁଜରାନୱାଲାରେ ଟମାଟୋ ମୂଲ୍ୟରେ ସର୍ବାଧିକ ବୃଦ୍ଧି ଘଟିଛି । ଝେଲମରେ ଟମାଟୋ ଦର କିଲୋଗ୍ରାମ ପିଛା ୭୦୦ରେ ପହଞ୍ଚିଛି, ଯେତେବେଳେ ଗୁଜରାନୱାଲାରେ ଟମାଟୋ କିଲୋଗ୍ରାମ ପିଛା ୫୭୫ ରେ ବିକ୍ରି ହେଉଛି । ସେହିଭଳି ଫୈସଲାବାଦରେ ଟମାଟୋ ଦର କିଲୋଗ୍ରାମ ପିଛା ୧୬୦ ଟଙ୍କାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଲାହୋରରେ ଟମାଟୋର ମୂଲ୍ୟ କିଲୋଗ୍ରାମ ପିଛା ୪୦୦ ଟଙ୍କା ଦେଖିବାକୁ ମିଳୁଛି, ଯାହା ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ୧୭୫ ଟଙ୍କା ମୂଲ୍ୟ ଅପେକ୍ଷା ବହୁତ ଅଧିକ । ଦୋକାନୀମାନେ କହିଛନ୍ତି ଯେ, ଯୋଗାଣର ଘୋର ଅଭାବ ଯୋଗୁଁ ବଜାରରେ ମୂଲ୍ୟ ବୃଦ୍ଧି ପାଇଛି । କ୍ୱେଟା ଏବଂ ପେଶାୱରର ବ୍ୟବସାୟୀମାନେ ଆଫଗାନିସ୍ତାନ ସହିତ ବାଣିଜ୍ୟ ପଥ ବନ୍ଦ ହେବା ଯୋଗୁଁ ମୂଲ୍ୟ ବୃଦ୍ଧି ପାଇଛି ।

## ଦିଲ୍ଲୀରେ ଦୀପାବଳି ଭାଙ୍ଗିଲା ୪ ବର୍ଷର ରେକର୍ଡ, ବାୟୁ ଗୁଣବତ୍ତା ଅତ୍ୟନ୍ତ ଖରାପ

ନୂଆଦିଲ୍ଲୀ : ଦିଲ୍ଲୀ ଏନସିଆରରେ ବାୟୁର ଗୁଣବତ୍ତା ସ୍ତର ବହୁତ ଖରାପ ରହିଛି । ଦିଲ୍ଲୀର ଅକ୍ଷରଧାମ ମନ୍ଦିରରେ ବାୟୁର ଗୁଣବତ୍ତା ସ୍ତର ୩୪୨ ଏକ୍ୟୁଆଇରେ ପହଞ୍ଚିଛି । ଯାହା ଖରାପ ଶ୍ରେଣୀରେ ରହିଛି । ଦିଲ୍ଲୀରେ ଚଳିତବର୍ଷ ଦୀପାବଳି ଗତ ୪ ବର୍ଷର ରେକର୍ଡ ଭାଙ୍ଗିଛି । ଗତବର୍ଷ ଦୀପାବଳି ପରେ ଦିଲ୍ଲୀର ବାୟୁ ଗୁଣବତ୍ତା 'ଅତ୍ୟନ୍ତ ଖରାପ' (ଏକ୍ୟୁଆଇ ୩୫୯) ବର୍ଗରେ ପହଞ୍ଚିଥିଲା ।

ସେହିପରି ଆନନ୍ଦ ବିହାରରେ ଏକ୍ୟୁଆଇ ୩୫୫ ରହିଥିବା ବେଳେ ଆଇଟିଓରେ ଏକ୍ୟୁଆଇ ୩୬୨ ରହିଛି । ଯେଉଁଥିପାଇଁ ଦିଲ୍ଲୀ ଏନସିଆର ଗ୍ୟାସ ଚାମ୍ବରରେ ପରିଣତ ହୋଇଛନ୍ତି । ଘରୁ ବାହାରିବା ମାତ୍ରେ ମାସ୍କ ବ୍ୟବହାର ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି । ସେହିପରି ଦିଲ୍ଲୀରେ ଗ୍ରାପ-୨



ଲାଗୁ ହୋଇଛି ।

ସୁପ୍ରିମକୋର୍ଟଙ୍କ ଦ୍ୱାରା ବାଧ୍ୟତାମୂଳକ ସମୟସୀମାକୁ ଉଲ୍ଲଂଘନ କରି କ୍ରମାଗତ ବାଣ ଫୁଟାଯିବା ଦ୍ୱାରା ଦୀପାବଳିର ଗୋଟିଏ ଦିନ ପରେ ମଙ୍ଗଳବାର ଦିଲ୍ଲୀର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ଗମ୍ଭୀର ବର୍ଗକୁ ଚାଲିଯାଇଛି । ରାଜଧାନୀ ଅଞ୍ଚଳର ହାରାହାରି ଏକ୍ୟୁଆଇ ୪୫୧ରେ ପହଞ୍ଚିଛି, ଯାହା ଜାତୀୟ ହାରାହାରିଠାରୁ ୧.୮ ଗୁଣ ଅଧିକ । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟୁରୋ (ସିପିସିବି)ର ବୁଲେଟିନ୍ ଅନୁଯାୟୀ, ସକାଳ ୯ଟାରେ ଦିଲ୍ଲୀର ଏକ୍ୟୁଆଇ ୩୫୨ ରିଡିଂ ସହିତ 'ଅତ୍ୟନ୍ତ ଖରାପ' ସ୍ତରକୁ ଉନ୍ନୀତ ହୋଇଛି । ସୂଚନାଯୋଗ୍ୟ, ଚଳିତବର୍ଷ ସୁପ୍ରିମକୋର୍ଟ ୧୮ ରୁ ୨୦ ଅକ୍ଟୋବର ପର୍ଯ୍ୟନ୍ତ ଦିଲ୍ଲୀ-ଏନସିଆର ଅଞ୍ଚଳରେ ସବୁଜ ବାଣକୁ ଅନୁମତି ଦେଇଥିଲେ, କେବଳ ଦୁଇଟି ସମୟ ସ୍ଲଟ୍ ମଧ୍ୟରେ ସକାଳ ୬ ରୁ ୭ ଏବଂ ସନ୍ଧ୍ୟା ୮ ରୁ ରାତି ୧୦ ପର୍ଯ୍ୟନ୍ତ । ତଥାପି, କେହି ନିୟମ ପାଳନ କରିନଥିଲେ । ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଏବଂ ପରେ ବାଣ ଫୁଟିଥିଲା ।

## ମୁମ୍ବାଇରେ ବି ବଢ଼ିଲା ପ୍ରଦୂଷଣର ମାତ୍ରା



ମୁମ୍ବାଇ : ଦୀପାବଳି ଶେଷ ହୋଇଛି, କିନ୍ତୁ ଦୀପାବଳିରେ ବାଣ ଫୁଟାଇବା ପରେ ପ୍ରଦୂଷଣର ମାତ୍ରା ବଢ଼ିଛି । ଦିଲ୍ଲୀରେ ଇଛଓ ଖରାପ ଥିବାବେଳେ ଏବେ ମୁମ୍ବାଇ ଘନ କୁହୁଡ଼ିର ଆସ୍ତରଣରେ ଆଚ୍ଛାଦିତ ହୋଇଛି । ଅନେକ ଅଞ୍ଚଳରେ ଦୃଶ୍ୟମାନତା କମିଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଉଚଉଇ) ଅନୁଯାୟୀ, ମୁମ୍ବାଇର ଇଛଓ ବହୁତ ଖରାପ ସ୍ତରରେ ପହଞ୍ଚିଛି । ସକାଳୁ ସକାଳୁ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଘନ କୁହୁଡ଼ିର ଏକ ଆସ୍ତରଣ ଘେରି ରହିଥିଲା । କେବଳ ମୁମ୍ବାଇ ନୁହେଁ ବରଂ ରାଜ୍ୟର ଅନେକ ଜିଲ୍ଲାର ଲୋକମାନେ ଖରାପ ବାୟୁ ଗୁଣବତ୍ତା ସହିତ ସଂଘର୍ଷ କରୁଛନ୍ତି । ବିଷାକ୍ତ କୁହୁଡ଼ିର ଏକ ଘନ ଆସ୍ତରଣ ଅନେକ ସହରକୁ ଘାଣ୍ଟି ଦେଇଛି । କହି ରଖୁଛୁ ଲୋକମାନେ ଦୀପାବଳିରେ ଏତେ ମାତ୍ରାରେ ବାଣ ଫୁଟାଇଥିଲେ ଯେ ବାୟୁ ଗୁଣବତ୍ତା ଖରାପ ହୋଇଯାଇଛି । ଲୋକମାନେ ପ୍ରଦୂଷିତ ବାୟୁରେ ନିଶ୍ୱାସ ନେବାକୁ ସମସ୍ୟା ଭୋଗୁଛନ୍ତି । ସେପଟେ ମଙ୍ଗଳବାର ଦିନ ମୁମ୍ବାଇର କିଛି ସ୍ଥାନରେ ବର୍ଷା ହୋଇଥିଲା । କିନ୍ତୁ ବର୍ଷା ବାୟୁ ଗୁଣବତ୍ତାରେ ଖାସ୍ ପରିବର୍ତ୍ତନ ଆଣି ନଥିଲା । ଦାଦର, ବାନ୍ଦ୍ରା, ଲାଲବାଗ, ପୱାଇ, ବାଇକୁଲା, କୁର୍ଲା ଏବଂ ଅନ୍ୟାନ୍ୟ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ପ୍ରବଳ ପବନ ହୋଇଥିଲା । ସକାଳଠାରୁ ମୁମ୍ବାଇ ଏବଂ ଆଖପାଖ ଅଞ୍ଚଳରେ ଆର୍ଦ୍ର ପରିସ୍ଥିତି ସୃଷ୍ଟି ହୋଇଥିଲା । ନଭି ମୁମ୍ବାଇର ଅନେକ ଅଞ୍ଚଳରେ ପ୍ରବଳ ବର୍ଷା ସହିତ ବିଜୁଳି ଏବଂ ପବନ ବହିବା ନେଇ ସତର୍କ ସୂଚନା ଦିଆଯାଇଛି । ନେରୁଲ, ବେଲାପୁର, ଭାସି, ସିଉଡ୍ସ, ସାନପଡ଼ା ଏବଂ ଘନସୋଲି ସମେତ ଅନେକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା, ଯାହା ଫଳରେ ଅନେକ ରାସ୍ତା ଅଳ୍ପ ମାତ୍ରାରେ ବୁଡ଼ି ଯାଇଥିଲା ଏବଂ ଯାତାୟାତ ବାଧାପ୍ରାପ୍ତ ଥିଲା। ଆନ୍ତର୍ଜାତୀୟ ପାଣିପାଗ ବିଭାଗ (ଓଗଉ) ନଭି ମୁମ୍ବାଇ ଏବଂ ଆଖପାଖ ଅଞ୍ଚଳରେ ହାଲୁକାରୁ ମଧ୍ୟମ ବର୍ଷା ହେବାର ପୂର୍ବାନୁମାନ କରିଛି ।

## ଆଜି ୨ୟ ଦିନିକିଆ | ଭାରତ ପାଇଁ 'କର ବା ମର' ମ୍ୟାଚ

ଆଡିଲେଡ,୨୨।୧୦(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆସନ୍ତାକାଲି ସିରିଜର ଦ୍ୱିତୀୟ ଦିନିକିଆ ଖେଳାଯିବ। ଏହି ମ୍ୟାଚ୍ ଆଡିଲେଡରେ ଭାରତୀୟ ସମୟ ସକାଳ ୯ଟାରେ ଆରମ୍ଭ ହେବ। ଦ୍ୱିତୀୟ ମ୍ୟାଚ୍ ଭାରତ ପାଇଁ 'କର ବା ମର' ପରିସ୍ଥିତି ସୃଷ୍ଟି କରିଛି।ଏହି ମ୍ୟାଚରେ ପୁଣି ଥରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଉପରେ ସଭିଙ୍କ ନଜର ରହିବ। ଦ୍ୱିତୀୟ ମୁକାବିଲାରେ ଦୁଇ ତାରକା ଖେଳାଳି ଦମଦାର ପ୍ରଦର୍ଶନ କରି ଭାରତକୁ ସିରିଜରେ ପ୍ରତ୍ୟାବର୍ତ୍ତନ କରାଇବାକୁ ଚାହିଁବେ।



ଯଶସ୍ୱୀ ଜୟସ୍ୱାଲଙ୍କ ପରି ପ୍ରତିଭାଶାଳୀ ଖେଳାଳି ବେଞ୍ଚରେ ବସିବା ରୋହିତ ଶର୍ମାଙ୍କ ଉପରେ ଭଲ ପ୍ରଦର୍ଶନ କରିବାକୁ ଚାପ ରହିବ। ପୂର୍ବତନ ଅଧିନାୟକ ମଧ୍ୟ ବେଶ ଭଲ ଭାବେ ଏହାକୁ ଜାଣିଛନ୍ତି। ତେଣୁ ଦ୍ୱିତୀୟ ଦିନିକିଆ ପୂର୍ବରୁ ଖୁବ୍ ଅଭ୍ୟାସ କରିଛନ୍ତି।ସେ ଆଡିଲେଡ ଓଭାଲ ମଇଦାନକୁ ୪୫ ମିନିଟ୍ ପୂର୍ବରୁ ପହଞ୍ଚି ଅଭ୍ୟାସ୍ କରିଥିଲେ। ଜୟସ୍ୱାଲ ହେଉଛନ୍ତି ସିରିଜର ତୃତୀୟ ଓପନର ସେ ବ୍ୟାକଅପ ଭାବରେ ଦଳରେ ଅଛନ୍ତି। ଏମିତିରେ ପ୍ରଶ୍ନ ଉଠୁଛି ଯେ ଯଦି ଜୟସ୍ୱାଲ ବ୍ୟାକଅପ ଓପନର, ତେବେ ସେ କେଉଁ କାରଣରୁ ଜୋରଦାର ଅଭ୍ୟାସ କରୁଛନ୍ତି ? ସେ କଣ ଦିନିକିଆ ସିରିଜରେ କୌଣସି ମ୍ୟାଚ ଖେଳିବେ ? ଏହି ସମୟରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର, ଥ୍ରୋ ଡାଉନ ବିଶେଷଜ୍ଞ ଦୟାନନ୍ଦ ଗରାନୀ ଓ ରାଘବେନ୍ଦ୍ର ମଧ୍ୟ ଉପସ୍ଥିତ ଥିଲେ। ବାକି କୋଚିଂ ଷ୍ଟାଫ କିଛି ସମୟ ପରେ ମଇଦାନକୁ ଆସିଥିଲେ। ବ୍ୟାଟିଂ କୋଚ୍ ସୀତାଂଶ କୋଟାକ କହିଛନ୍ତି, ରୋହିତ ଓ କୋହଲି ଅଭ୍ୟାସ ସେସନରେ ଭଲ ଲୟରେ ନଜରରେ ଆସିଥିଲେ। ଉଭୟ ନେଟରେ ଭଲ ବ୍ୟାଟିଂ କରିଛନ୍ତି। ଏଥିପାଇଁ ମୋତେ ଲାଗୁଛି ଦ୍ୱିତୀୟ ଦିନିକିଆରେ ଉଭୟ ସଫଳ ହେବେ। ଅନ୍ୟପଟେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ଦଳକୁ ଅନୁଭୂତ ହୋଇଛି ୱାଶିଂଟନ ସୁନ୍ଦର ଓ ନୀତିଶ ରେଡ୍ଡୀଙ୍କ ସହ ଆଠ ନମ୍ବର ପର୍ଯ୍ୟନ୍ତ ବ୍ୟାଟିଂ କରିବା ଗମ୍ଭୀରଙ୍କ ରଣନୀତି କେତେ ସଫଳ ହେବ ତାହା ସିରିଜ ପରେ ଜଣା ପଡିବ। ଭାରତୀୟ ଦଳ ଟପ୍ ଅର୍ଡରରେ ବ୍ୟାଟିଂ ପାଇଁ ଗିଲ୍, ଶ୍ରେୟସଙ୍କ ପ୍ରଦର୍ଶନ ଉପରେ ବି ନିର୍ଭର କରିବ। କାରଣ ଗତ ମ୍ୟାଚରେ ଦୁଇ ଖେଳାଳି ଫେଲ୍ ମାରିଥିଲେ। ବୋଲିଂ ମଧ୍ୟ ପ୍ରଥମ ମ୍ୟାଚରେ ପ୍ରଭାବହୀନ ରହିଛି।କଣ ଦ୍ୱିତୀୟ ମ୍ୟାଚରେ କୁଲଦୀପ ଯାଦବଙ୍କୁ ସୁଯୋଗ ମିଳିବ ତାହା ମଧ୍ୟ ଏକ ବଡ ପ୍ରଶ୍ନବାଚୀ ଯଶପ୍ରୀତ ବୁମରାଙ୍କ ଅନୁପସ୍ଥିତି ମଧ୍ୟ ଦଳରେ ଅନୁଭୂତ ହୋଇଛି ସବୁଠୁ ବଡ ପ୍ରଶ୍ନ ହର୍ଷିତ ରାଣାଙ୍କୁ ବସାଇ ପ୍ରସିଦ୍ଧ କୃଷ୍ଣଙ୍କୁ ସୁଯୋଗ ମିଳିବ କି ?

ଏବେ କୁଲଦୀପ ପରବର୍ତ୍ତୀ ମ୍ୟାଚ୍‌ରେ ମଧ୍ୟ ଖେଳିବେ ନାହିଁ ମଙ୍ଗଳବାର ଟିମ ଇଣ୍ଡିଆ। ଆଡିଲେଡ୍‌ରେ ଅଭ୍ୟାସ କରିଥିଲେ ହେଁ କୁଲଦୀପ ଯାଦବ ଆଦୌ ବୋଲିଂ କରି ନ ଥିଲେ। କୁଲଦୀପଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଥିବା ପ୍ରଶଂସକ ନିରାଶ ହୋଇଛନ୍ତି, କାରଣ ସେ ଅଭ୍ୟାସ ମଧ୍ୟ କରି ନାହାନ୍ତି।ଆଡିଲେଡରେ ଦ୍ରୁତ ବୋଲରମାନେ ଭଲ ପ୍ରଦର୍ଶନ କରନ୍ତି।ଏଣୁ କୁଲଦୀପଙ୍କୁ ସୁଯୋଗ ମିଳିବା ଅସମ୍ଭବ କୁହାଯାଉଛି।କେବଳ କୁଲଦୀପ ନୁହେଁ, ମହମ୍ମଦ ସିରାଜ ମଧ୍ୟ ଆଡିଲେଡରେ ଅଭ୍ୟାସ କରି ନ ଥିଲେ ତେଣୁ, ଜଣାପଡୁଛି ଯେ ତାଙ୍କୁ ଦ୍ୱିତୀୟ ଦିନିକିଆ ପାଇଁ ବିଶ୍ରାମ ଦିଆଯାଇପାରେ। ଏଣୁ ପ୍ରସିଦ୍ଧ କୃଷ୍ଣଙ୍କୁ ସୁଯୋଗ ମିଳିପାରେ।

## ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ କ୍ରିକେଟ

## ତମାଣ୍ଡୋ ଓ ଯାଆଁଳା ବିଜୟୀ





ଖୋର୍ଦ୍ଧା,୨୨।୧୦: ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆଠାରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ୍ ଆନୁକୁଲ୍ୟ ରେ ଚାଲିଥିବା ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ ର ୫ମ ଦିବସ ରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ତମାଣ୍ଡୋ ବନାମ ଗଙ୍ଗପଡା ମଧ୍ୟରେ ଅନୁଷ୍ଠିତ ହେଇଥିଲା। ପ୍ରଥମେ ଟସ୍ ରେ ବିଜୟ ଲାଭ କରି ଗଙ୍ଗପଡା ଦଳ ବୋଲିଂ କରିବାକୁ ନିଷ୍ପତି ନେଇ ପ୍ରଥମେ ବ୍ୟାଟିଂ କରି ତମାଣ୍ଡୋ ଦଳ ଦୀପକ ହରିଚନ୍ଦନ ଙ୍କ ଶତକ ଓ ସାହିଲ୍‌ଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୧୫ ଓଭର୍‌ରେ ୪ ୱିକେଟ ହରାଇ ୨୧୫ ରନ୍ କରିଥିଲା। ଜବାବ ରେ ଗଙ୍ଗପଡ଼ା ଦଳ ୧୪.୩ ଓଭର ରେ ସମସ୍ତ ୱିକେଟ ହରାଇ ୧୮୭ ରନ୍ କରି ୨୮ ରନ୍ ରେ ପରାଜିତ ହେଇଥିଲା। ଦଳ ପକ୍ଷରୁ ବିଭୁ ଭୂଷଣ ସର୍ବାଧିକ ୫୬ ରନ୍ କରିଥିଲେଶତକ ଧାରି ଦୀପକ ହରିଚନ୍ଦନ ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଅତିଥି କାଜଲ ବଳିୟାରସିଂହ ଓ ସୁଧାଂଶୁ ରାଉତରାୟ ପୁରସ୍କୃତ କରିଥିଲେ।ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରେ ସୁଆଙ୍ଗ ଜାଆଁଳାକୁ ଭେଟି ଥିଲାଟସ୍‌ରେ ବିଜୟ ଲାଭ କରି ସୁଆଙ୍ଗ ଦଳ ପ୍ରଥେମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୮ ୱିକେଟ ହରାଇ ୧୪୪ ରନ୍ କରିଥିଲା। ଦଳ ପକ୍ଷରୁ ସର୍ବାଧିକ ଅମିତ କୁମାର ବଡ଼ଜେନା ୩୫ ରନ୍ ସଂଗ୍ରହ କରିଥିଲେ। ଜବାବ ରେ ଜାଆଁଳା ଦଳ ୧୪.୩ ଓଭର ରେ ୬ ୱିକେଟ୍ ହରାଇ ୧୪୮ ରନ୍ କରି ମ୍ୟାଚ୍ କୁ ୪ ୱିକେଟରେ ଜିତିନେଇଥିଲା। ୬୭ ରନ୍ ର ଇନିଂସ ପାଇଁ ଶିବାନନ୍ଦ ଙ୍କୁ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ଭାବେ ଅତିଥି ପ୍ରଶାନ୍ତ ପଟ୍ଟଯୋଶୀ ପୁରସ୍କୃତ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଅଧୁରା ଥିବା ପାନ ବରଜ ଓ ତମାଣ୍ଡୋ ଦଳ ମଧ୍ୟରେ ହୋଇଥିବା ମ୍ୟାଚ ରେ ତମଣ୍ଡୋ ବିଜୟୀ ହୋଇ ଥିଲା ଓ ସନ୍ତୋଷ ଭୋଳ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ସୂର୍ଯ୍ୟକାନ୍ତ ଗୁମାନସିଂ,ପ୍ରକାଶ ସାହୁ, ସାନୁଜ ବିଶ୍ୱାଳ,ତୁଷାର କାନ୍ତ ସୁନ୍ଦରାୟ ମ୍ୟାଚ୍ କୁ ପରିଚାଳନା କରିଥିଲେ। ୨୩/୧୦/୨୫ ତାରିଖ ଗୁରୁବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ମେଣ୍ଢାଶାଳ ବନାମ ପାତ୍ର ଓ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗୁରୁଜଙ୍ଗ ବନାମ ପଲାସପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସିଦ୍ଧାର୍ଥ ଜେନା ଜଣାଇଛନ୍ତି।

## କ୍ରିକେଟ ରାସ୍ତାରେ କବାଡ଼ି

### ପାକ୍ ଟିମ୍ ସହ ହାତ ମିଳାଇଲେ ନାହିଁ ଖେଳାଳି



ନୂଆଦିଲ୍ଲୀ,୨୨।୧୦: ଏସିଆ କପ୍ କ୍ରିକେଟ୍ ଓ ମହିଳା ବିଶ୍ୱକପ୍ ପରେ ଆଉ ଏକ ପ୍ରତିଯୋଗିତାରେ ପାକିସ୍ତାନ ଖେଳାଳିଙ୍କ ସହ କରମର୍ଦ୍ଦନ କଲେ ନାହିଁ ଭାରତୀୟ ଖେଳାଳି ତୃତୀୟ ଏସିଆନ ଗେମ୍ସର ଯୁବ ଭାରତୀୟ କବାଡି ଦଳ ପାକିସ୍ତାନକୁ ୮୧-୨୬ରେ ଶୋଚନୀୟ ଭାବେ ହରାଇଛନ୍ତି ତେବେ ମ୍ୟାଚ୍ ଆରମ୍ଭ ହେବାର ଠିକ୍ ପୂର୍ବରୁ ଭାରତୀୟ ଅଧିନାୟକ ଇଶାନ୍ତ ରାଠି ପାକିସ୍ତାନର ଅଧିନାୟକଙ୍କ ସହ ହାତ ମିଳାଇବାକୁ ମନା କରି ଦେଇଥିଲେ ପାକିସ୍ତାନୀ ଅଧିନାୟକ ହାତ ବଢାଇଲେ ହେଲେ ରାଠି ମନା କରି ଦେଇଥିଲେ।

ଏସିଆନ ଯୁଥ ଗେମ୍ସରେ ଭାରତୀୟ କବାଡ ଟିମର ଦବଦବା ଜାରି ରହିଛି। ପାକିସ୍ତାନକୁ ହରାଇବା ପୂର୍ବରୁ ଭାରତ ବାଂଲାଦେଶକୁ ୮୩-୧୯ ଓ ଶ୍ରୀଲଙ୍କାକୁ ୮୯-୧୬ରେ ଶୋଚନୀୟ ଭାବେ ମାତ ଦେଇଥିଲା। ଆଉ ପାକିସ୍ତାନକୁ ହରାଇ ଭାରତ ନିଜର ବିଜୟ ଯାତ୍ରା ଅବ୍ୟାହତ ରଖିଛି ।

ପହଲଗାମ ଆତଙ୍କୀ ହମଲା ଓ ଏହାର ଜବାବରେ ଭାରତର ଅପରେସନ ସିନ୍ଦୂର ପରଠୁ ଦୁଇ ଦେଶ ମଧ୍ୟରେ ସଂପର୍କ ତିକ୍ତତା ରହିଛି। ଏହାର ପ୍ରଭାବ କ୍ରୀଡାରେ ମଧ୍ୟ ଦେଖିବାକୁ ମିଳିଛି। ଏସିଆ କପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ସମୟରେ ପାକିସ୍ତାନୀ ଅଧିନାୟକ ସହ ହାତ ମିଳାଇ ନ ଥିଲେ ମ୍ୟାଚ୍ ପରେ ବି ଦୁଇ ଦଳର ଖେଳାଳି ପରସ୍ପର ସହ କରମର୍ଦ୍ଦନ କରି ନ ଥିଲେ। ଆଉ ଏବେ ଯୁବ କବାଡି ଦଳ ମଧ୍ୟ ହାତ ମିଳାଇ ନାହାନ୍ତି।

## ମହିଳା ବିଶ୍ୱକପ୍ : ଆଜି ଭାରତ-ନ୍ୟୁଜିଲ୍ୟାଣ୍ଡ ମ୍ୟାଚ୍

ମୁମ୍ବାଇ,୨୨।୧୦: ଗୁରୁବାର ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ହେବାକୁ ଥିବା ଗୁରୁପୂର୍ଣ୍ଣ ମହିଳା ବିଶ୍ୱକପ୍ ମ୍ୟାଚ୍ ପୂର୍ବରୁ ବର୍ଷା ଯୋଗୁଁ ଭାରତୀୟ ମହିଳା କ୍ରିକେଟ୍ ଦଳର ଅଭ୍ୟାସ ବାତିଲ ହୋଇଛି। ମଙ୍ଗଳବାର ନଭି ମୁମ୍ବାଇରେ ପ୍ରବଳ ବର୍ଷା




ଓ ପବନ ହେବା କାରଣରୁ ଭାରତୀୟ ଖେଳାଳିମାନେ ୱାର୍ମଅପ୍ ପରେ ଇନଡୋରକୁ ଫେରିବାକୁ ବାଧ୍ୟ ହୋଇଥିଲେ।

ଏହି ମ୍ୟାଚ୍ ଡି.ୱାଇ. ପାଟିଲ ଷ୍ଟାଡିୟମରେ ଖେଳାଯିବ, ଯାହା ସେମିଫାଇନାଲ୍ ପାଇଁ ଏକ ପ୍ରକାର ଭର୍ଚୁଆଲ କ୍ୱାର୍ଟରଫାଇନାଲ୍ ସାବ୍ୟସ୍ତ ହୋଇପାରେ। ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ଇଂଲଣ୍ଡ ପୂର୍ବରୁ ହିଁ ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରିସାରିଛନ୍ତି।ଚତୁର୍ଥ ସେମିଫାଇନାଲ୍ ସ୍ଥାନ ପାଇଁ ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ କଡ଼ା ଟକ୍କର ଚାଲିଛି।

ପାଞ୍ଚଟି ମ୍ୟାଚ୍‌ରୁ ତିନୋଟିରେ ହାରିଥିବା ଭାରତୀୟ ଦଳ ପଏଣ୍ଟ ଟେବୁଲରେ ୪ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ଥିବା ବେଳେ ନ୍ୟୁଜିଲ୍ୟାଣ୍ଡ ମଧ୍ୟ ୪ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ଅଛି।ସେମିଫାଇନାଲ୍ ଯିବା ପାଇଁ ଭାରତକୁ ନ୍ୟୁଜିଲ୍ୟାଣ୍ଡ ଏବଂ ପରେ ବାଂଲାଦେଶକୁ ହରାଇବାକୁ ପଡ଼ିବ। ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ଭାରତ ବୁଧବାର ଦିନ ଶେଷ ଅଭ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି।

## ନୀରଜ ଚୋପ୍ରାଙ୍କୁ ଧୋନୀଙ୍କ ଭଳି ସମ୍ମାନ

### ଭାରତୀୟ ସେନାରେ ହେଲେ ଲେଫ୍ଟନାଣ୍ଟ କର୍ଣ୍ଣେଲ

ନୂଆଦିଲ୍ଲୀ,୨୨।୧୦: ଭାରତର ଗୋଲ୍ଡେନ୍ ବୟ ଭାବରେ ଜଣାଶୁଣା ଜାଭେଲିନ ଥ୍ରୋ ତାରକା ନୀରଜ ଚୋପ୍ରାଙ୍କୁ ଏକ ବଡ଼ ସମ୍ମାନ ମିଳିଛି। ଦେଶ ପ୍ରତି ତାଙ୍କର ଅବଦାନ ପାଇଁ, ତାଙ୍କୁ ଟେରିଟୋରିଆଲ ସେନାରେ ସମ୍ମାନଜନକ ଲେଫ୍ଟନାଣ୍ଟ କର୍ଣ୍ଣେଲ ପଦବୀ ପ୍ରଦାନ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଦିଲ୍ଲୀରେ ନୀରଜଙ୍କୁ ଷ୍ଟାର ଲଗାଇବା ପରେ ଅଭିନନ୍ଦନ ଜଣାଇଥିଲେ। ପୂର୍ବରୁ, ସେ ଜଣେ ସୁବେଦାର ମେଜର ଥିଲେ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଏବଂ ପ୍ୟାରିସ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ନୀରଜ ଚୋପ୍ରା ଗତ ନଅ ବର୍ଷ ଧରି ଭାରତୀୟ ସେନା ସହ ଜଡ଼ିତ ଅଛନ୍ତି।



ଭାରତୀୟ ସେନା ନୀରଜଙ୍କ କ୍ରୀଡ଼ା ସଫଳତା ପାଇଁ ୧୪ ମଇ ୨୦୨୫ ରେ ଟେରିଟୋରିଆଲ ସେନାରେ ସମ୍ମାନଜନକ ଲେଫ୍ଟନାଣ୍ଟ କର୍ଣ୍ଣେଲ ଉପାଧି ପ୍ରଦାନ କରିଥିଲା ୨୦୧୬ରୁ ଭାରତୀୟ ସେନାରେ ଥିବା ନୀରଜ ଚଳିତ ବର୍ଷ ମେ ମାସରେ ସୁବେଦାର ମେଜର ପଦରୁ ଇସ୍ତଫା ଦେଇଥିଲେ। କାରଣ ରାଷ୍ଟ୍ରପତି ମେ ମାସରେ ନୀରଜଙ୍କୁ ସମ୍ମାନଜନକ ଲେଫ୍ଟନାଣ୍ଟ କର୍ଣ୍ଣେଲ ପଦବୀ ପ୍ରଦାନ କରିବା ପାଇଁ ଏକ ବିଜ୍ଞପ୍ତି ଜାରି କରିଥିଲେ ଏବଂ ସାମରିକ ନିୟମ ଅନୁଯାୟୀ ଏକକାଳୀନ ଦୁଇଟି ଭିନ୍ନ ପଦବୀ ରଖିବା ନିଷେଧ ଏବେ ସେ ଏକ ନୂତନ ପଦବୀ ପାଇଛନ୍ତି। ଏହା ଉଲ୍ଲେଖନୀୟ ଯେ ଭାରତର କିମ୍ବଦନ୍ତୀ କ୍ରିକେଟର ମଧ୍ୟ ଟେରିଟୋରିଆଲ ସେନାରେ ଜଣେ ସମ୍ମାନଜନକ ଲେଫ୍ଟନାଣ୍ଟ କର୍ଣ୍ଣେଲ।

ନୀରଜ ଅଗଷ୍ଟ ୨୬, ୨୦୧୬ରେ ନାଏବ ସୁବେଦାର ଭାବରେ ସେନାରେ ଯୋଗ ଦେଇଥିଲେ। ଏହା ପରେ ତାଙ୍କର ଦୃଢ଼ ପ୍ରଦର୍ଶନ ଯୋଗୁ ତାଙ୍କୁ ୨୦୨୧ରେ ସୁବେଦାର ପଦବୀରେ ପଦୋନ୍ନତି ଦିଆଯାଇଥିଲା ସେ ୨୦୨୨ରେ ସୁବେଦାର ମେଜର ହୋଇଥିଲେ। ଦିଲ୍ଲୀରେ ଅନୁଷ୍ଠିତ ଉତ୍ସବରେ ତାଙ୍କ ପିତା ସତୀଶ ଚୋପ୍ରା, ମାତା ସରୋଜ ଦେବୀ, ପତ୍ନୀ ହିମାନୀ ଏବଂ ଦାଦା ଭୀମ ଚୋପ୍ରା ଉପସ୍ଥିତ ଥିଲେ। ପୂର୍ବରୁ ନୀରଜଙ୍କୁ ତାଙ୍କ ଆଥଲେଟିକ୍ସ ସଫଳତା ପାଇଁ ଅର୍ଜୁନ ପୁରସ୍କାର ଏବଂ ଖେଳ ରତ୍ନ ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଛି। ନୀରଜ ଗତ ମାସରେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନଶିପ୍‌ରେ ଅଂଶଗ୍ରହଣ କରିଥିଲେ ।ଏହି ଟୁର୍ନାମେଣ୍ଟରେ ତାଙ୍କର ପ୍ରଦର୍ଶନ ସେତେଟା ପ୍ରଭାବଶାଳୀ ନ ଥିଲା।

## ବିସିସିଆଇକୁ ମୋହସିନ୍ ନକଭିଙ୍କ ଜବାବ

ନୂଆଦିଲ୍ଲୀ,୨୧।୧୦: ଏସିଆ କପ୍ ୨୦୨୫ ବିଜେତା ଭାରତୀୟ କ୍ରିକେଟ୍ ଦଳକୁ ଟ୍ରଫି ମିଳିବା ନେଇ ବିବାଦ ଜାରି ରହିଛି। ବିସିସିଆଇ ପକ୍ଷରୁ ଚିଠି ଲେଖାଯାଇଥିଲେ ମଧ୍ୟ ଏସୀୟ କ୍ରିକେଟ୍ ପରିଷଦର ସଭାପତି ତଥା ପାକିସ୍ତାନ କ୍ରିକେଟ୍ ବୋର୍ଡ ଅଧ୍ୟକ୍ଷ ମୋହସିନ୍ ନକଭି ଟ୍ରଫି ହସ୍ତାନ୍ତର କରିବାକୁ ମନା କରିଦେଇଛନ୍ତି।ସେ ବିସିସିଆଇକୁ ଲେଖିଥିବା ଚିଠିରେ କହିଛନ୍ତି ଯେ, ଏସିଆ କପ୍ ଟ୍ରଫି ଭାରତୀୟ ଦଳର, କିନ୍ତୁ ବିସିସିଆଇର କର୍ମକର୍ତ୍ତା ଓ ଖେଳାଳି ଆସି ତାହାକୁ ସଭାପତିଙ୍କଠାରୁ ନିଅନ୍ତୁ। କ୍ରିକେଟକୁ ରାଜନୀତିକରଣ କରାଯିବା ଉଚିତ ନୁହେଁ। ବିସିସିଆଇର ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ଏହି କାର୍ଯ୍ୟକୁ ନିନ୍ଦା କରିବା ସହ ତୁରନ୍ତ ଟ୍ରଫି ପ୍ରଦାନ କରିବାକୁ ଦାବି କରିଥିଲେ ।

## ବିଜେଡି... (ପ୍ରଥମ ପୃଷ୍ଠାରୁ ଅବଶିଷ୍ଟାଂଶ)

ପିନ୍ଧିଥିଲେ ଓ ସେଠାରେ ଏକ ସ୍ଥାନରେ ବନ୍ଧୁକକୁ ପୋତି ଦେଇଥିଲେ। ସେଠାରୁ ସେମାନେ ପୁରୁଷୋତ୍ତମପୁର ଯାଇଥିଲେ। ସେଠାରୁ ଏନ୍‌ଏଚ୍‌ରେ ଯାଇ ରାମେଶ୍ୱରମ ପାଖରେ ଏକ ଚା ଦୋକାନରେ ଗାଡ଼ିଟିକୁ ଛାଡ଼ି ଦେଇଥିଲେ। ଗାଡ଼ିଟିକୁ ପାଖରେ ରଖିଲେ ଧରାପଡ଼ିଯିବା ଆଶଙ୍କାରେ ସେଇଟିକୁ ଛାଡ଼ି ଦେଇଥିଲେ। ତାପରେ ବସ୍‌ରେ ଭୁବନେଶ୍ୱର ଗଲେ। ସେଠାରୁ ପୁରୀ ଗଲେ ।

ପରେ ଚିଣ୍ଟୁ ପ୍ରଧାନ ଟ୍ରେନ୍‌ରେ ବେଙ୍ଗାଲୁରୁ ପଳାଇଯାଇଥିଲା। ସେହିପରି କୁରୁପତି ଭୂୟାଁଙ୍କୁ ପୁରୀରେ ଜଣେ ବ୍ୟକ୍ତି ରହିବାକୁ ବ୍ୟବସ୍ଥା କରିଥିଲେ। ସେଠାରୁ ସେ କୋରାପୁଟ ଜିଲ୍ଲା ଜୟପୁର ଯାଇଥିଲା। ଜୟପୁରରେ ସୁନୀଲ ହୋତା ତାଙ୍କୁ ଆଶ୍ରୟ ଦେଇଥିଲେ। ସୁନୀଲ ହୋତା ହେଉଛନ୍ତି ବିକ୍ରମ ପଣ୍ଡାଙ୍କର ଜଣେ ଘନିଷ୍ଠ ସହଯୋଗୀ। କଲେଜ ସମୟରୁ ସେମାନେ ପରସ୍ପରକୁ ଜାଣନ୍ତି। ସୁନୀଲ ଭଲ ଭାବେ ଜାଣିଥିଲେ ଯେ କୁରୁପତି ଭୂୟାଁ ହତ୍ୟା ମାମଲାରେ ସଂପୃକ୍ତ ସୁନୀଲଙ୍କ ଫାର୍ମ ହାଉସରେ କୁରୁପତି ଭୂୟାଁ ୪ ଦିନ ରହିଥିଲା। ତାପରେ ତାକୁ ରାଜ୍ୟ ବାହାରକୁ ପଠାଇ ଦିଆଯାଇଥିଲା। ଉମା ବିଷୋୟୀ ଓ କୁରୁପତି ଭୂୟାଁ ରାଜ୍ୟ ବାହାରେ ଅଛନ୍ତି ସେମାନେ ଧରିବାକୁ ପ୍ରୟାସ ଚାଲିଛି ବୋଲି ଏସ୍‌ପି କହିଛନ୍ତି।

ବ୍ରହ୍ମପୁର ଏସ୍‌ପି କହିଛନ୍ତି, ଯେଉଁମାନେ ଚିଣ୍ଟୁ ଓ କୁରୁପତିଙ୍କୁ ଆଶ୍ରୟ ଦେଇଥିଲେ, ଯେଉଁମାନେ ସେମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିଲେ, ସମସ୍ତଙ୍କ ସାଙ୍ଗରେ ମଳୟ ବିଷୋୟୀ ଓ ମଦନ ଦଳେଇ ଏବଂ ପିଣ୍ଟୁ ଦାସର ସଂପର୍କ ରହିଛି ସେମାନଙ୍କ ମଧ୍ୟରେ ହୋଇଥିବା ଯୋଗାଯୋଗର ପ୍ରମାଣ ଅଛି। ଏହି ହତ୍ୟା ପାଇଁ ୫୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ଉମା ବିଷୋୟୀଙ୍କୁ ଅଗ୍ରୀମ ଆକାରରେ ମଳୟ ବିଷୋୟୀ ୧୦ ଲକ୍ଷ ଟଙ୍କା ଦେଇଥିଲେ।

ଏସ୍‌ପି କହିଛନ୍ତି, ତଦନ୍ତ ବେଳେ ଜଣାପଡ଼ିଲା ଯେ ଏହି ହତ୍ୟାକାଣ୍ଡରେ ପୂର୍ବତନ ମେୟର ଶିବ ଶଙ୍କର ଦାସ (ପିଣ୍ଟୁ) ପୂରା ସଂପୃକ୍ତି ଅଛି। ଟେକ୍ନିକାଲ୍ ପ୍ରମାଣରୁ ଏହା ଜଣାପଡ଼ିଲା। ଏହା ପଛରେ ତାଙ୍କର ଉଦ୍ଦେଶ୍ୟ ମଧ୍ୟ ରହିଛି। ପିଣ୍ଟୁ ଦାସଙ୍କ ସହଯୋଗୀ ଶାନ୍ତି ମିଶ୍ରକୁ ୨୦୧୩ରେ ହତ୍ୟା କରାଯାଇଥିଲା। ସେହି ମାମଲାରେ ୧୩ ଜଣ ଗିରଫ ହୋଇଥିଲେ। ସେହି ଅଭିଯୁକ୍ତମାନଙ୍କ ପକ୍ଷରୁ କୋର୍ଟରେ ମାମଲାର ପରିଚାଳନା କରୁଥିଲେ ପୀତବାସ ପଣ୍ଡା। ସେହି ଅଭିଯୁକ୍ତମାନଙ୍କ ମଧ୍ୟରୁ ମଉଜ ମିଶ୍ର ବେଲରେ ଆସି ଫେରାର ହେବା ପରେ ପିଣ୍ଟୁ ଦାସଙ୍କୁ ୩ ଥର ଗୁଳି କରି ମାରିବାକୁ ଉଦ୍ୟମ କରିଥିଲା। ଆଉ ଏଥିପାଇଁ ପିଣ୍ଟୁ ଦାସଙ୍କର ପୀତବାସ ପଣ୍ଡାଙ୍କ ଉପରେ ରାଗ ଥିଲା। କାରଣ ପୀତବାସଙ୍କ ପାଇଁ ମଉଜ ମିଶ୍ର ବେଲ୍ ପାଇବାକୁ ସକ୍ଷମ ହୋଇଥିଲା। ସେ ପୀତବାସଙ୍କ ନାଁରେ ହତ୍ୟା ଉଦ୍ୟମ ଭଳି ଅଭିଯୋଗ ଆଣି ଥାନାରେ ଏଫଆଇଆର ମଧ୍ୟ ଦେଇଥିଲେ। ସେହିଦିନଠାରୁ ପୀତବାସଙ୍କ ସହିତ ତାଙ୍କର ବ୍ୟକ୍ତିଗତ ଶତୃତା ଅଧିକ ହୋଇଛି। ସେହିପରି ପୀତବାସ ପଣ୍ଡାଙ୍କ ଯୋଗୁ ତାଙ୍କର ନିର୍ବାଚନ ଟିକେଟ୍ (ବ୍ରହ୍ମପୁର ବିଧାନସଭା ଆସନରୁ ବିଜେପି ଟିକେଟ ପାଇବାକୁ ଆଶା ରଖିଥିଲେ) କଟିଗଲା ବୋଲି ମନେ କରୁଥିଲେ। ସେଥିପାଇଁ ତାଙ୍କର ପୀତବାସ ପଣ୍ଡାଙ୍କ ଉପରେ ରାଗ ଥିଲା। ଯେଉଁମାନେ ଶୁଟରମାନଙ୍କୁ ଆଶ୍ରୟ ଦେଇଥିଲେ ଓ ସେମାନଙ୍କ ପାଇଁ ଅନ୍ୟାନ୍ୟ ବ୍ୟବସ୍ଥା କରିଥିଲେ, ସେମାନେ ସମସ୍ତେ ବିକ୍ରମ ପଣ୍ଡାଙ୍କର ଘନିଷ୍ଠ ସହଯୋଗୀ। ଆଉ ଜଣେ ସହଯୋଗୀ ହେଉଛନ୍ତି ସୁଦର୍ଶନ ଜେନା। ପୀତବାସଙ୍କ ଯୋଗୁ ଏ ସମସ୍ତଙ୍କର କିଛି ଆର୍ଥିକ ଓ କିଛି ବ୍ୟକ୍ତିଗତ କ୍ଷତି ଘଟିଛି ତା ସହିତ କିଛି ରାଜନୀତିକ କ୍ଷତି ବି ହୋଇଛି।

ଓଡ଼ିଶା ବାର କାଉନସିଲ ନିର୍ବାଚନ ପରଠାରୁ ବିକ୍ରମ ପଣ୍ଡା ଓ ପୀତବାସ ପଣ୍ଡାଙ୍କ ମଧ୍ୟରେ ଶତ୍ରୁତା ବହୁତ ବଢ଼ିଯାଇଥିଲା। ଏହି ନିର୍ବାଚନରେ ପୀତବାସ ପଣ୍ଡା ପୂରା ରାଜ୍ୟରେ ସବୁଠୁ ଅଧିକ ଭୋଟ୍ ପାଇଥିଲେ। କିନ୍ତୁ ସେ ଅଧ୍ୟକ୍ଷ, ଉପାଧ୍ୟକ୍ଷ ବା ବାର କାଉନସିଲ ଅଫ୍ ଇଣ୍ଡିଆର ସଦସ୍ୟ ହୋଇପାରି ନଥିଲେ। ଏହା ପଛରେ ବିକ୍ରମ ପଣ୍ଡାଙ୍କର ହାତ ଥିଲା ବୋଲି ପୀତବାସ ମନେ କରୁଥିଲେ। ସେଥିପାଇଁ ସେ ବିକ୍ରମ ପଣ୍ଡାଙ୍କ ରାଜନୀତିକ କ୍ୟାରିୟରକୁ ଶେଷ କରି ଦେବାକୁ ଶପଥ ନେଇଥିଲେ। ଏନେଇ ସେ ବହୁ ଲୋକଙ୍କୁ କହିଥିଲେ।ଏକଥା ଯେମିତି ବିକ୍ରମ ପଣ୍ଡାଙ୍କ କାନରେ ପଡ଼ିବ, ସେ କାର୍ଯ୍ୟ ବି କରିଥିଲେ ପୀତବାସ ପଣ୍ଡା। ସେଥିପାଇଁ ବିକ୍ରମ ପଣ୍ଡା ବହୁତ ରାଗି ଯାଇଥିଲେ। କିଛି ଲୋକଙ୍କ ଦ୍ୱାରା ତାଙ୍କ ବିରୋଧରେ ଯାହା ସବୁ ସୋଶାଲ ମିଡିଆରେ ପ୍ରଚାର କରାଯାଇଥିଲା, ତା ପଛରେ ପୀତବାସଙ୍କ ହାତ ଥିବା ମନେ କରୁଥିଲେ ବିକ୍ରମ। ଏହା ସେମାନଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ଶତୃତାକୁ ବଢ଼ାଇଥିଲା। ରାଜନୀତିକ ଦୃଷ୍ଟିକୋଣରୁ ପୀତବାସକୁ ରାସ୍ତାରୁ ନହଟାଇଲେ ଅଢେ ଆଗକୁ ଯାଇ ହେବନି ବୋଲି ସେମାନେ (ପିଣ୍ଟୁ ଦାସ ଓ ବିକ୍ରମ ପଣ୍ଡା) ବିଚାର କରିଥିଲେ। ସେଥିପାଇଁ ପୀତବାସ ପଣ୍ଡାଙ୍କୁ ମାରିବାକୁ ଷଡ଼ଯନ୍ତ୍ର କରିଥିଲେ।

## ହସିଙ୍କ ଅଜବ ସ୍ୱପ୍ନ

ସିଡ୍‌ନୀ: ପୂର୍ବତନ ଅଷ୍ଟ୍ରେଲିୟ ବ୍ୟାଟସମ୍ୟାନ ମାଇକେଲ ହସି ମଜା କରି କହିଛନ୍ତି ଯେ ଯଦି ସେ ଯୁବାବସ୍ଥାରୁ ଜାତୀୟ ଦଳ ପାଇଁ ଖେଳିଥାନ୍ତେ, ତେବେ ସେ ସଚିନ ତେନ୍ଦୁଲକରଙ୍କ ତୁଳନାରେ ୫୦୦୦ ଅଧିକ ରନ କରିଥାନ୍ତେ ହସି ୨୮ ବର୍ଷ ବୟସରେ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ ଏବଂ ତାଙ୍କ କ୍ୟାରିୟରରେ ୧୨,୩୯୮ରନ କରିଥିଲେ।



ଆଇପିଏଲରେ ସିଏସକେ ପାଇଁ ଖେଳିଥିବା ହାସନ ୨୦୦୭ ଦିନିକିଆ ବିଶ୍ୱକପ ଏବଂ ୨୦୦୬ ଏବଂ ୨୦୦୯ର ଚାମ୍ପିଅନ୍ସ ଟ୍ରଫି ଦଳରେ ମଧ୍ୟ ସାମିଲ ଥିଲେ ଏକ ସାମ୍ପ୍ରତିକ ସାକ୍ଷାତକାରରେ ହସି ଯଦି ପୂର୍ବରୁ ଅଷ୍ଟ୍ରେଲିଆ ଦଳ ପାଇଁ ଖେଳିବା ଆରମ୍ଭ କରିଥାନ୍ତେ, ତେବେ ସେ ତାଙ୍କ କ୍ୟାରିୟର ଉପରେ ପ୍ରତିଫଳିତ ହୋଇଥିଲେ।

ହସି କହିଛନ୍ତି ଯେ ଯଦି ତାଙ୍କୁ ପୂର୍ବରୁ ସୁଯୋଗ ଦିଆଯାଇଥାନ୍ତା, ସେ ସମ୍ଭବତଃ ସଚିନ ତେନ୍ଦୁଲକରଙ୍କ ତୁଳନାରେ ୫୦୦୦ ଅଧିକ ରନ କରିଥାନ୍ତେ ସେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ବିଳମ୍ବରେ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବା ଦ୍ୱାରା ରନ ହାର ଅଧିକ ହୋଇପାରିଥାନ୍ତା।

ତାଙ୍କର ଏହି ବୟାନ କ୍ରିକେଟରଙ୍କ ମଧ୍ୟରେ ଏବଂ ପ୍ରଶଂସକଙ୍କ ମଧ୍ୟରେ ଆଲୋଚନା ଆରମ୍ଭ କରିଛି ପୂର୍ବତନ ଅଷ୍ଟ୍ରେଲିୟ ବ୍ୟାଟ୍ସମ୍ୟାନ୍ ମାଇକେଲ୍ ହସି ଏକ ସାକ୍ଷାତକାରରେ ମଜା କରି କହିଥିଲେ ଯେ ଯଦି ତାଙ୍କୁ ଶୀଘ୍ର ଅଷ୍ଟ୍ରେଲିଆ ଦଳ ପାଇଁ ଖେଳିବାର ସୁଯୋଗ ମିଳିଥାନ୍ତା, ତେବେ ସେ ହୁଏତ ସଚିନ୍ ତେନ୍ଦୁଲକରଙ୍କଠାରୁ ୫୦୦୦ ରନ ଆଗରେ ରହିଥାନ୍ତେ।

ହସି ଦି ଗ୍ରାଣ୍ଡ କ୍ରିକେଟର ୟୁଟ୍ୟୁବ୍ ଚ୍ୟାନେଲରେ କହିଛନ୍ତି, ମୁଁ ଏହା ବିଷୟରେ ବହୁତ ଚିନ୍ତା କରିଛି ମୁଁ ହୁଏତ ସଚିନ୍‌ଙ୍କଠାରୁ ୫୦୦୦ ରନ ଆଗରେ ରହିଥାନ୍ତା ସର୍ବାଧିକ ରନ ସର୍ବାଧିକ ଶତକ, ସର୍ବାଧିକ ବିଜୟ, ସର୍ବାଧିକ ଆଶେସ୍ ବିଜୟ, ଏବଂ ହୁଏତ ସର୍ବାଧିକ ବିଶ୍ୱକପ୍ ମଧ୍ୟ, କିନ୍ତୁ ତା'ପରେ ମୁଁ ସକାଳେ ଉଠି ଅନୁଭବ କରେ ଯେ ଏହା ସବୁ କେବଳ ଏକ ସ୍ୱପ୍ନ ଥିଲା ।

ହସି ଏହା ମଧ୍ୟ କହିଛନ୍ତି ଯେ ଯଦିଓ ତାଙ୍କୁ ବିଳମ୍ବରେ ସୁଯୋଗ ମିଳିଥିଲା, କିନ୍ତୁ ଯେତେବେଳେ ସେ ଏହା ପାଇଲେ ସେତେବେଳେ ତାଙ୍କର ଖେଳ ବିଷୟରେ ଭଲ ବୁଝାମଣା ଥିଲା, ଯାହା ଲାଭଦାୟକ ପ୍ରମାଣିତ ହୋଇଥିଲା ସେ ଶ୍ରୀଲଙ୍କାର ସ୍ପିନ୍ କିମ୍ବଦନ୍ତୀ ମୁଥିଆ ମୁରଲୀଧରନଙ୍କ ଉଦାହରଣ ଦେଇଥିଲେ, ଯିଏ ତାଙ୍କର ଦୁସ୍ରାକୁ ସମ୍ପୂର୍ଣ୍ଣ କରିବାରେ ୧୮ ମାସ ବିତାଇଥିଲେ

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ